୬ ► ସଚିନଙ୍କ ରେକର୍ଡ ଭାଙ୍ଗିଲେ କୋହଲି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୪୫ ● ୧୨ ଜାନୁଆରୀ ୨୦୨୬, ସୋମବାର ● ଭୁବନେଶ୍ୱର ● Vol -32 ● Issue-345 ● 12th January 2026, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


### ସମ୍ବଲପୁରରେ ୨୧ କୋଟି ୨୮ ଲକ୍ଷ ଟଙ୍କା ବ୍ୟୟରେ ଅତ୍ୟାଧୁନିକ ଟ୍ରମା କେୟାର ଓ ଓପିଡି ବିଲ୍ଡିଂ ଉଦ୍‌ଘାଟିତ

# ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ମିଳିବ ତୁରନ୍ତ ଓ ଉପଯୁକ୍ତ ଚିକିତ୍ସା

**ସମ୍ବଲପୁର, ୧୧।୧**

**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଦୁଇଦିନିଆ ସମ୍ବଲପୁର ଗସ୍ତ ଅବସରରେ ରବିବାର ସମ୍ବଲପୁର ଜିଲ୍ଲା ସଦର ମହକୁମା ଡାକ୍ତରଖାନାରେ ନୂତନ ଭାବେ ନିର୍ମିତ ଅତ୍ୟାଧୁନିକ ଟ୍ରମା କେୟାର ସେଣ୍ଟର ଏବଂ ଓପିଡି ବିଲ୍ଡିଂର ଶୁଭ ଉଦ୍‌ଘାଟନ କରିଛନ୍ତି।

ସୂଚନାଯୋଗ୍ୟ ଯେ ଟ୍ରମା କେୟାର ସେଣ୍ଟର ଓ ଓପିଡି ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ମୋଟ ୨୧ କୋଟି ୨୮ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଏହା ମାଧ୍ୟମରେ ଦୁର୍ଘଟଣାଗ୍ରସ୍ତ ରୋଗୀମାନଙ୍କୁ ତୁରନ୍ତ ଏବଂ ଉପଯୁକ୍ତ ଚିକିତ୍ସା ସୁବିଧା ମିଳିପାରିବ। ଏହା ସହିତ ଡାକ୍ତରଖାନା ପରିସରରେ ୨ କୋଟି ୫୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସିଏସଏସଡି ବିଲ୍ଡିଂର ମଧ୍ୟ ଉଦ୍‌ଘାଟନ କରାଯାଇଛି। ଏଠାରେ ଆଧୁନିକ ପ୍ରଣାଳୀ ମାଧ୍ୟମରେ ବିଭିନ୍ନ ଚିକିତ୍ସା ସାମଗ୍ରୀ ଓ ଇକ୍ୟୁପମେଣ୍ଟକୁ ସଫା ଏବଂ ଷ୍ଟେରିଲାଇଜ୍ କରାଯିବ।




ଉଦ୍‌ଘାଟନ ଅବସରରେ ଗଣମାଧ୍ୟମକୁ ବିବୃତ୍ତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ସମୟରେ ଦୁର୍ଘଟଣା ହାର ବଢ଼ି ଚାଲିଥିବାରୁ ପ୍ରତ୍ୟେକ ଜିଲ୍ଲାରେ ଟ୍ରମା କେୟାର ସେଣ୍ଟରର ଆବଶ୍ୟକତା ବୃଦ୍ଧି ପାଇଛି। ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ଏବଂ ସୁନିଶ୍ଚିତ ଚିକିତ୍ସା ଯୋଗାଇଦେବା ଏହାର ମୂଳ ଉଦ୍ଦେଶ୍ୟ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଦାୟିତ୍ୱ ନେବାର ୧୩ ଦିନ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା କରି ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଏବଂ ଅନ୍ୟାନ୍ୟ ବଡ଼ ସରକାରୀ ଡାକ୍ତରଖାନାରେ ଟ୍ରମା କେୟାର ସେଣ୍ଟର ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟରେ ସମୁଦାୟ ୮୯ଟି ଅତ୍ୟାଧୁନିକ ଟ୍ରମା କେୟାର ସେଣ୍ଟର ଖୋଲିବାକୁ ପଦକ୍ଷେପ ନିଆଯାଉଛି। ଏହାଦ୍ୱାରା ଦୁର୍ଘଟଣା ଜନିତ ମୃତ୍ୟୁ ଓ କ୍ଷୟକ୍ଷତି ସଂଖ୍ୟା କମିବା ସହ ଆହତମାନେ ଠିକ୍ ସମୟରେ ଉତ୍ତମ ଚିକିତ୍ସା ପାଇପାରିବେ।

ସେ ପୁଣି କହିଥିଲେ ଯେ, ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ମଜବୁତ କରିବା ଦିଗରେ ରାଜ୍ୟ ସରକାର ବିଭିନ୍ନ ଡାକ୍ତରଖାନାକୁ ଅପଗ୍ରେଡ୍ କରୁଥିବା ବେଳେ ରବିବାର ସମ୍ବଲପୁର ଡାକ୍ତରଖାନାର ନୂଆ ଓପିଡି ବିଲ୍ଡିଂ ଉଦ୍‌ଘାଟନ ମଧ୍ୟ ଏହାର (ପୃଷ୍ଠା ୭ରେ)

# ସୋମନାଥ ମନ୍ଦିରକୁ ମସ୍‌ଜିଦ କରିବାକୁ ଚେଷ୍ଟା ହୋଇଥିଲା

**ଅହମ୍ମଦାବାଦ, ୧୧।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମନାଥ ସ୍ୱାଭିମାନ ପର୍ବ ଅବସରରେ ସୋମନାଥ ମନ୍ଦିର ପରିସରରୁ ଦେଶକୁ ସମ୍ବୋଧିତ କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ଭାଷଣ ଆରମ୍ଭରେ 'ଜୟ ସୋମନାଥ' ଧ୍ୱନିରେ ମନ୍ଦିର ପରିସର ପରିପୂର୍ଣ୍ଣ କରିଦେଇଥିଲେ, ଯାହା ଭକ୍ତମାନଙ୍କ ମଧ୍ୟରେ ଏକ ଅପୂର୍ବ ଉତ୍ସାହର ଲହରୀ ସୃଷ୍ଟି କରିଥିଲା। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ସୋମନାଥ ସ୍ୱାଭିମାନ ପର୍ବ ହେଉଛି ଭାରତର ଲକ୍ଷ ଲକ୍ଷ ନାଗରିକଙ୍କ ଅନନ୍ତ ବିଶ୍ୱାସ, ଭକ୍ତି ଏବଂ ଅଟଳ ସଂକଳ୍ପର ଏକ ଜୀବନ୍ତ ପ୍ରତୀକ। ଏହି ପର୍ବ କେବଳ ଏକ ଘଟଣା ନୁହେଁ, ବରଂ ଭାରତର ଅନନ୍ତ ଚେତନା, ସାଂସ୍କୃତିକ ଐତିହ୍ୟ ଏବଂ ସ୍ୱାଭିମାନର ପ୍ରତୀକ। ଔରଙ୍ଗଜେବ ସୋମନାଥ ମନ୍ଦିରକୁ ଏକ ମସ୍‌ଜିଦରେ ପରିଣତ କରିବାକୁ ଚେଷ୍ଟା କରିଥିଲେ।

ପ୍ରଧାନମନ୍ତ୍ରୀ ରବିବାର ସକାଳେ ଗିର ସୋମନାଥରେ ଅନୁଷ୍ଠିତ ଶୌର୍ଯ୍ୟ ଯାତ୍ରାରେ ଅଂଶଗ୍ରହଣ କରିଥିଲେ, ତା'ପରେ ସୋମନାଥ ମନ୍ଦିରରେ ପ୍ରାର୍ଥନା କରିଥିଲେ। ଶୌର୍ଯ୍ୟ ଯାତ୍ରା ସମୟରେ, ପ୍ରଧାନମନ୍ତ୍ରୀ ଭଗବାନ ଶିବଙ୍କ ଡମ୍ବରୁ ଧରିଥିବାର ଦେଖାଯାଇଥିଲା। ଏହି ଯାତ୍ରାରେ ତାଙ୍କ ନେତୃତ୍ୱ ସ୍ୱାଭିମାନ, ସାହସ ଏବଂ ସାଂସ୍କୃତିକ ଐତିହ୍ୟର ବାର୍ତ୍ତା ପ୍ରସାର କରୁଥିଲା। ପ୍ରଧାନମନ୍ତ୍ରୀ ମୋଦୀ ସୋମନାଥ ମନ୍ଦିରର ଗୁରୁତ୍ୱ ବ୍ୟାଖ୍ୟା କରି କହିଥିଲେ ଯେ, ମନ୍ଦିର ଅନନ୍ତ ଦିବ୍ୟତାର ପ୍ରତୀକ, ଯାହା ପିଢ଼ି ପିଢ଼ି ଧରି ଲୋକଙ୍କୁ ମାର୍ଗଦର୍ଶନ କରିଆସୁଛି। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, ସୋମନାଥ ଅନନ୍ତ ଦିବ୍ୟତାର ପ୍ରତୀକ ଏବଂ ଏହାର ପବିତ୍ର ଉପସ୍ଥିତି ପିଢ଼ି ପିଢ଼ି ଧରି ଲୋକଙ୍କୁ ମାର୍ଗଦର୍ଶନ କରିଆସୁଛି। ସୋମନାଥ କେବଳ ଏକ ତୀର୍ଥସ୍ଥାନ ନୁହେଁ ବରଂ ଭାରତର ସାଂସ୍କୃତିକ ଆତ୍ମା।



ଏହି ମହାନ ଉତ୍ସବରେ ଅଂଶଗ୍ରହଣ କରିବା ତାଙ୍କ ଜୀବନର (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ରେଳଯାତ୍ରୀ ସୁରକ୍ଷା ପାଇଁ ନୂତନ ବ୍ୟବସ୍ଥା।
- ଓଡ଼ିଶାର ସାମାଜିକ କର୍ମୀଙ୍କୁ ରାଷ୍ଟ୍ରପତି ଭବନ ଆମନ୍ତ୍ରଣ।
- ସରକାରୀ କାର୍ଯ୍ୟରେ ସ୍ୱଦେଶୀ ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର ନିର୍ଦ୍ଦେଶ।
- ସିନେମା ହଲରେ ଅଗ୍ନିକାଣ୍ଡ, ଦର୍ଶକ ଆତଙ୍କିତ।
- ବରହମପୁରରେ ଲୁଟେରା ଧରାପଡ଼ିଲେ।
- ଯାଜପୁର ମୂର୍ତ୍ତି ଚୋରି ମାମଲାରେ ମୁଖ୍ୟ ଅଭିଯୁକ୍ତ ଗିରଫ।
- କେନ୍ଦ୍ର ସରକାରୀ ନୀତି ଉପରେ ଆଲୋଚନା।
- ନୂଆଦିଲ୍ଲୀ ପୁସ୍ତକ ମେଳା ଆରମ୍ଭ।
- ଅନେକ ଉପଗ୍ରହ ସହ ରକେଟ ଉତ୍‌କ୍ଷେପଣ ପ୍ରସ୍ତୁତ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୦୪୬ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୮୭୫ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୫୩୪ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୭୫ (+୦)

# ରାଉରକେଲା ବିମାନ ଦୁର୍ଘଟଣାର ତଦନ୍ତ ଆରମ୍ଭ

**ରାଉରକେଲା, ୧୧।୧**

**ନ୍ୟୁଜ୍ ବ୍ୟୁରୋ**

ଡିଜିସିଆଇର ୫ ଜଣିଆ ଟିମ୍ ବିମାନ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ଏଥିରେ କୁହାଯାଇଛି- ମୁଖ୍ୟମନ୍ତ୍ରୀଙ୍କ ସାମଗ୍ରିକ ତତ୍ତ୍ୱାବଧାନରେ ବାଣିଜ୍ୟ ଏବଂ ପରିବହନ ବିଭାଗ / ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଘଟିଥିବା ବିମାନ ଦୁର୍ଘଟଣାର ତଦନ୍ତ ପାଇଁ ପଦକ୍ଷେପ ନେଇଛନ୍ତି। ପରେ ଏକ ତ୍ୱରିତ, ସମନ୍ୱିତ ଏବଂ ପ୍ରଭାବଶାଳୀ ପ୍ରତିକ୍ରିୟା ସୁନିଶ୍ଚିତ କରିବା ପାଇଁ ଭାରତ ସରକାର, ଜିଲ୍ଲା ପ୍ରଶାସନ ଏବଂ ସମ୍ପୃକ୍ତ ବିମାନ କମ୍ପାନୀ ସହିତ ନିରବଚ୍ଛିନ୍ନ ସହଯୋଗ ଏବଂ ସମନ୍ୱୟ ପ୍ରଦାନ କରାଯାଉଛି।

ରୋଗୀଙ୍କୁ ସମୟସୀମା ମଧ୍ୟରେ



ମୂଲ୍ୟାଙ୍କନ ଏବଂ ଚିକିତ୍ସା ପାଇଁ ତଦନ୍ତକାରୀ ଦଳ ଏବଂ ବିଶେଷଜ୍ଞ ଡାକ୍ତରୀ ବୃତ୍ତିଗତଙ୍କ ଉପଲବ୍ଧତାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ଲଜିଷ୍ଟିକ୍ ସହାୟତା ପ୍ରଦାନ କରିଛନ୍ତି। ତଦନ୍ତକାରୀ ଦଳ ଏବଂ ବରିଷ୍ଠ ଡାକ୍ତରମାନଙ୍କୁ ରାଉରକେଲାକୁ ସ୍ଥାନାନ୍ତର କରିବା ପାଇଁ ଏକ ରାଜ୍ୟ ହେଲିକପ୍ଟର ନିୟୋଜିତ କରାଯାଇଛି। ବିମାନ ଚଳାଚଳ ନିର୍ଦ୍ଦେଶାଳୟର ଅଧିକାରୀମାନେ ରାଉରକେଲାରେ କ୍ୟାମ୍ପ କରୁଛନ୍ତି ଏବଂ ଜିଲ୍ଲା ପ୍ରଶାସନକୁ ସମସ୍ତ ଆବଶ୍ୟକୀୟ ଭୂମିଗତ ସହାୟତା ପ୍ରଦାନ କରୁଛନ୍ତି। ବାଣିଜ୍ୟ ଏବଂ ପରିବହନ ବିଭାଗର (ପୃଷ୍ଠା ୭ରେ)

### ଦୁର୍ଘଟଣା ସ୍ଥଳରେ ପରିବହନ ସଚିବ ଉଷା ପାଢ଼ୀ

**ରାଉରକେଲା, ୧୧।୧**

**ନ୍ୟୁଜ୍ ବ୍ୟୁରୋ**

ରାଉରକେଲା ଚାର୍ଟର ବିମାନ ଦୁର୍ଘଟଣାସ୍ଥଳରେ ପହଞ୍ଚିଛନ୍ତି ପରିବହନ ସଚିବ ଉଷା ପାଢ଼ୀ। ଏହି ଦୁର୍ଘଟଣାର ତଦନ୍ତ କରିବ ଏଏଆଇବି ଓ ଡିଜିସିଏ। କେମିତି ଦୁର୍ଘଟଣା ହେଲା ଏବଂ କାହିଁକି ଫୋର୍ସ ଲ୍ୟାଣ୍ଡିଂ କରାଗଲା ତାହାର ତଦନ୍ତ କରିବେ। ବରିଷ୍ଠ ଅଧିକାରୀଙ୍କ ସହ ପରିବହନ ସଚିବ ଆଲୋଚନା କରିଛନ୍ତି। ଏଥିସହିତ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ଭୁବନେଶ୍ୱରରୁ ୨ ଜଣିଆ ଡାକ୍ତରୀ ଟିମ୍ ରାଉରକେଲାରେ ପହଞ୍ଚିଛନ୍ତି।

# ଭାରତୀୟ ନୌସେନାର ପୂର୍ବତନ ମୁଖ୍ୟଙ୍କୁ ଏସ୍‌ଆଇଆର ନୋଟିସ୍

**ନୂଆଦିଲ୍ଲୀ, ୧୧।୧**

ଭାରତୀୟ ନୌସେନାର ପୂର୍ବତନ ମୁଖ୍ୟ ଆଡମିରାଲ ଅରୁଣ ପ୍ରକାଶଙ୍କୁ ଏସ୍‌ଆଇଆର ନୋଟିସ୍ ପଠାଇଛନ୍ତି ନିର୍ବାଚନ କମିଶନ ଯାହାକୁ ନେଇ ବିବାଦ ଦେଖାଦେଇଛି। ଦେଶର ସୁରକ୍ଷା ପାଇଁ ଅନେକ ବର୍ଷ ସେବା କରିବା ପରେ ଏବେ ତାଙ୍କୁ ନିଜର ନାଗରିକତ୍ୱ ପ୍ରମାଣ ଦେବାକୁ ନୋଟିସ୍ ମିଳିଛି।

ନୋଟିସ୍ ଆଡମିରାଲ ଅରୁଣ ନିର୍ବାଚନ କମିଶନଙ୍କ 'ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ' ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଛନ୍ତି। ଭୋଟର ତାଲିକା ସଂଶୋଧନ ପାଇଁ ଜାରି ହୋଇଥିବା ଫର୍ମରେ ତ୍ରୁଟି ଥିବା ଦର୍ଶାଇ ସେ ଏଥିରେ ସୁଧାର ଆଣିବାକୁ ପରାମର୍ଶ ଦେଇଛନ୍ତି।

ରିପୋର୍ଟ ଅନୁଯାୟୀ ନିର୍ବାଚନ କମିଶନ ଆଡମିରାଲ ପ୍ରକାଶଙ୍କୁ ନିଜର ପରିଚୟ ପ୍ରମାଣ କରିବା ପାଇଁ ଏକ ବୈଠକରେ ହାଜର ହେବାକୁ ନୋଟିସ୍ ଦେଇଥିଲେ। ନୋଟିସ



ପାଇବା ପରେ ଆଡମିରାଲ ସୋସିଆଲ ମିଡିଆ ମାଧ୍ୟମରେ ସେ କହିଛନ୍ତି ଯେ, ଯଦି ଏସ୍‌ଆଇଆର ଫର୍ମ ଜନସାଧାରଣଙ୍କ ସୂଚନା ସଠିକ ଭାବେ ଗ୍ରହଣ କରିପାରୁନାହିଁ, ତେବେ ଏହାର ପୁନର୍ବିଚାର ହେବା ଉଚିତ।

୮୨ ବର୍ଷୀୟ ଆଡମିରାଲ ଓ ତାଙ୍କ ୭୮ ବର୍ଷୀୟା ପତ୍ନୀଙ୍କୁ ଦୁଇଟି ଅଲଗା ତାରିଖରେ ନିଜ ଘରଠାରୁ ୧୮ କିଲୋମିଟର ଦୂରକୁ ଆସିବାକୁ କୁହାଯାଇଥିଲା। ଏହା ସତ୍ତ୍ୱେ ଯେ ବୁଥ୍ ସ୍ତରୀୟ ଅଧିକାରୀ ପୂର୍ବରୁ ତିନିଥର ତାଙ୍କ ଘର ପରିଦର୍ଶନ କରିସାରିଛନ୍ତି। ସୋସିଆଲ ମିଡିଆରେ ଅନେକ ବ୍ୟକ୍ତି ନିର୍ବାଚନ କମିଶନଙ୍କ ଏଭଳି ପଦକ୍ଷେପକୁ ସମାଲୋଚନା କରିଥିଲେ। କେହି କେହି ଅଧିକାରୀଙ୍କୁ ତାଙ୍କ ଘରକୁ ପଠାଇବାକୁ ପରାମର୍ଶ ଦେଇଥିବା ବେଳେ ଆଡମିରାଲ ପ୍ରକାଶ ନମ୍ରତାର ସହ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେ କହିଛନ୍ତି ଯେ ସେ କୌଣସି "ସ୍ୱତନ୍ତ୍ର ସୁବିଧା" ଚାହାଁନ୍ତି ନାହିଁ ଏବଂ ନିର୍ବାଚନ କମିଶନଙ୍କ ନିୟମ ଅନୁସାରେ ସମସ୍ତ ନୋଟିସର ପାଳନ କରିବେ।

ଭୋଟର ତାଲିକାରେ ଯୋଗ୍ୟ ନାଗରିକଙ୍କ ନାମ ଯୋଡ଼ିବା ଏବଂ ମୃତ ବା ଅଯୋଗ୍ୟ ଭୋଟରଙ୍କ ନାମ ହଟାଇବା ପାଇଁ ଜୁନ୍ ୨୦୨୫ରୁ ଏହି 'ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ' ଆରମ୍ଭ ହୋଇଛି। ଦ୍ରୁତ ନଗରୀକରଣ ଏବଂ ସ୍ଥାନାନ୍ତରଣ ଯୋଗୁଁ ଭୋଟର ତାଲିକାରେ ଦେଖାଦେଉଥିବା ତ୍ରୁଟିକୁ ସୁଧାରିବା ଏହାର ମୂଳ ଲକ୍ଷ୍ୟ।

# ୭୮ ମାମଲାରେ ଦୋଷୀ ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ

**ଭୁବନେଶ୍ୱର, ୧୧।୧**

**ନ୍ୟୁଜ୍ ବ୍ୟୁରୋ**

କମିଶନରେଟ ପୁଲିସକୁ ମିଳିଲା ବଡ଼ ସଫଳତା । ପୂର୍ବରୁ ୭୮ଟି ମାମଲାରେ ଜଡିତ ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ ହୋଇଛି।

ଭୁବନେଶ୍ୱରରୁ ଦୁର୍ଦ୍ଧାନ୍ତ ଅପରାଧୀ ନିରଞ୍ଜନ ସ୍ୱାଇଁ (ନଣ୍ଡା) ଗିରଫ ହୋଇଛି । ନଣ୍ଡାକୁ ଧଉଳି ଥାନା ପୁଲିସ ଗିରଫ କରିଛି । ନଣ୍ଡା ନାଁରେ ପୂର୍ବରୁ କମିଶନରେଟ ପୁଲିସର ବିଭିନ୍ନ ଥାନାରେ ୭୮ଟି ମାମଲା ରହିଛି । ଧଉଳି ଥାନା ଅଞ୍ଚଳରେ ଏକ ଘରୁ ଲୁଟ ଘଟଣାରେ ତାକୁ ଗିରଫ କରାଯାଇଛି । ରାତି



ଅଧରେ ଲୁହା ଛଡ଼ରେ ଗ୍ରୀଲ ତାଡ଼ି ଘରେ ପଶି ରୁପା ଚେନ ଓ ମୁଦ୍ରା ଲୁଟିଥିଲା ନଣ୍ଡା । ଗିରଫ ପରେ ଚୋରି ଘଟଣାରେ ବ୍ୟବହୃତ ଅଟୋ, ଲୁହା ଛଡ଼, ରୂପା ଚେନ ଓ ୨୮ ଗ୍ରାମ ରୁପା ମୁଦ୍ରା ଜବତ କରିଛି ଧଉଳି ଥାନା ପୁଲିସ। ନଣ୍ଡା ନାଁରେ ପୂର୍ବରୁ କ୍ୟାପିଟାଲ, ବାଲିଅନ୍ତା,ବାଲିପାଟଣା (ପୃଷ୍ଠା ୭ରେ)

# ଆଜି ଜର୍ମାନ ଚାନ୍‌ସେଲର ମର୍ଜଙ୍କ ଭାରତ ଗସ୍ତ

**ନୂଆଦିଲ୍ଲୀ, ୧୧।୧**

ଜର୍ମାନ ଚାନସେଲର ଫ୍ରେଡ୍ରିଚ୍ ମର୍ଜ ସୋମବାରଠାରୁ ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି। ନାଟୋ ଏବଂ ୟୁରୋପୀୟ ସଂଘ ବାଦ୍ ଚାନସେଲର ମର୍ଜଙ୍କର ଏହା ପ୍ରଥମ ଦ୍ୱିପାକ୍ଷିକ ଗସ୍ତ। ଜାନୁଆରୀ ୧୨-୧୩ ରେ ଅହମଦାବାଦଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜର୍ମାନ ଚାନସେଲର ମର୍ଜଙ୍କ ସହିତ ବାଣିଜ୍ୟ, ନିବେଶ, ପ୍ରଯୁକ୍ତିବିଦ୍ୟା ଏବଂ ପ୍ରତିରକ୍ଷା ସମେତ ଭାରତ-ଜର୍ମାନୀ ରଣନୈତିକ ସହଭାଗିତାକୁ ମଜବୁତ କରିବା ଦିଗରେ ଆଲୋଚନା କରିବେ।



ବିଶ୍ୱସ୍ତରରେ ବଢୁଥିବା ଭୂରାଜନୈତିକ ଉତ୍ତେଜନାର ପୃଷ୍ଠଭୂମିରେ ଏହି ଆଲୋଚନା ହେବ। ଜର୍ମାନ ଚାନସେଲର ହେବା ପରେ ମର୍ଜଙ୍କ ଦୁଇ ଦିନିଆ ଯାତ୍ରା ତାଙ୍କର ପ୍ରଥମ ସରକାରୀ ଏସିଆ ଗସ୍ତ। ମର୍ଜଙ୍କ ପ୍ରତିନିଧି ଦଳରେ ୨୫ଟି କମ୍ପାନୀର ସିଇଓ ସାମିଲ ହୋଇଥିବାବେଳେ ସେମାନେ ଭାରତ ଆସିବେ ବୋଲି ଜଣାପଡ଼ିଛି।

ଜର୍ମାନ ଚାନସେଲର ଅହମଦାବାଦରେ ଅନ୍ତର୍ଜାତୀୟ ଗୁଡ଼ି ମହୋତ୍ସବ ପରି ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସାବରମତି ଆଶ୍ରମ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଜାନୁଆରୀ ୧୩ରେ ମର୍ଜ ବେଙ୍ଗାଲୁରୁ ଗସ୍ତ କରି ସେ ଭାରତୀୟ ବିଜ୍ଞାନ ସଂସ୍ଥାନ ଏବଂ ଜର୍ମାନ ଫାର୍ମ 'ବୋସ୍'ର କ୍ୟାମ୍ପସ ପରିଦର୍ଶନ କରିବେ। (ପୃଷ୍ଠା ୭ରେ)

### ଯୁବକଙ୍କୁ ପଥରରେ ଛେଚି ନିର୍ମମ ହତ୍ୟା

**କଟକ, ୧୧।୧ : ନ୍ୟୁଜ୍ ବ୍ୟୁରୋ**

କଟକରେ ଘଟିଛି ନିର୍ମମ ହତ୍ୟାକାଣ୍ଡ। କଟକ ଖାନ୍ ନଗର ଅଞ୍ଚଳରେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି । ରାସ୍ତା କଡ଼ରେ ପଡ଼ି ରହିଥିଲା ମୃତଦେହ। ମୃତ ଯୁବକ ପୁରୀଘାଟ ଥାନା ଅଞ୍ଚଳର ହୋଇଥିବା ଜଣାପଡ଼ିଛି। ତେବେ କିଏ ଓ କାହିଁକି ଯୁବକଙ୍କୁ ହତ୍ୟା କରିଛି, ତାହା ଏବେ ଯାଏଁ ସ୍ପଷ୍ଟ ହୋଇପାରିନି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଏକାଳ ପଖାଳ



ରାସ୍ତାରେ ଯିଏ ଗଦେଇଛି ଜନେ
ଏପାଡେ ସେଆଡେ ବାଲି
ସରକାର ଏବେ କହନ୍ତି ଜଲଦି
କର ବାଲିତକ ଖାଲି
ଜୀବନ ଯାଉଛି ଚାଲି
ଖାଲି ବାଲି ନୁହେଁ ନିୟମ ମାନିଲେ
ସୁରୁଜ ଦେଖିବ କାଲି।

# ସିରିଆରେ ଆଇଏସ ଶିବିର ଉପରେ ଆମେରିକାର ଏୟାର ଷ୍ଟ୍ରାଇକ୍



**ୱାଶିଂଟନ, ୧୧।୧**

ଆମେରିକାର କେନ୍ଦ୍ରୀୟ କମାଣ୍ଡ (ସେଣ୍ଟକମ୍)ବାହିନୀ, ସହଯୋଗୀ ବାହିନୀ ସହିତ ମିଳିତ ହୋଇ ଅପରେସନ୍ ହକ୍ ଆଇ ଅଭିଯାନରେ ସିରିଆରେ ବହୁ ଆଇଏସଆଇଏସ ଶିବିର ଉପରେ ଏକ ବଡ଼ ଧରଣର ଏୟାର ଷ୍ଟ୍ରାଇକ୍ କରାଯାଇଛି। ସେଣ୍ଟକମ୍ ପକ୍ଷରୁ ଏ ସମ୍ପର୍କରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟରେ କୁହାଯାଇଛି, ଏୟାର ଷ୍ଟ୍ରାଇକ୍ ଆମେରିକା ସମୟ ମଧ୍ୟାହ୍ନ ସାଢ଼େ ୧୨ଟାରେ ହୋଇଥିଲା। ଇସଲାମିକ୍ ଆତଙ୍କବାଦ ମୂଳପୋଛ ହେବ। ସେଣ୍ଟକମ୍ କହିଛି, ଏୟାର ଷ୍ଟ୍ରାଇକ୍‌ରେ ସିରିଆରେ ଆଇଏସଆଇଏସ ଶିବିରଗୁଡ଼ିକୁ ଟାର୍ଗେଟ କରାଯାଇଥିଲା। ଏହା ଦ୍ୱାରା ଆମ ସୈନ୍ୟଙ୍କ ବିରୋଧରେ ହେଉଥିବା ଇସଲାମିକ୍ ଆତଙ୍କବାଦ ମୂଳପୋଛ ହେବ। ଭବିଷ୍ୟତର ଆକ୍ରମଣକୁ ରୋକିବା ଏବଂ ଏହି ଅଞ୍ଚଳରେ ଆମେରିକା ଏବଂ ସହଯୋଗୀ ବାହିନୀକୁ ସୁରକ୍ଷା ଦେବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

ସେଣ୍ଟକମ୍ କହିଛି, ୧୩ ଡିସେମ୍ବର ୨୦୨୫ରେ ସିରିଆର ପାଲମିରାରେ ଆମେରିକୀୟ ଏବଂ ସିରିଆନ ସେନା ଉପରେ ଆଇଏସଆଇଏସ ଆକ୍ରମଣର ଜବାବରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ (ପୃଷ୍ଠା ୭ରେ)

# ଆଉ ୩ ଦିନ ଶୀତ ପ୍ରକୋପ ବଢ଼ିବ

**ଭୁବନେଶ୍ୱର, ୧୧।୧**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ପୁଣି ବଢ଼ିବ ଶୀତର ପ୍ରକୋପ। ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ରାତିର ତାପମାତ୍ରା ପ୍ରାୟ ୨ ରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଆସନ୍ତା ସାତ ଦିନ ପାଇଁ କୌଣସି ଜିଲ୍ଲାକୁ ଶୀତଲହରି ସତର୍କ ସୂଚନା ଜାରି କରାଯାଇ ନାହିଁ।

ଜାନୁଆରୀ ୧୨ ତାରିଖ ରାତିରୁ ଶୀତର ପ୍ରଭାବ ପୁଣି ବଢ଼ିବା ସମ୍ଭାବନା ରହିଛି। ରବିବାର ସକାଳ ସୁଦ୍ଧା ଗତ ୨୪ ଘଣ୍ଟାରେ ଆକାଶ ମେଘାଚ୍ଛନ୍ନ ରହିବା କାରଣରୁ ରାତିର ତାପମାତ୍ରାରେ କିଛିଟା ବୃଦ୍ଧି ଘଟିଥିଲା।



ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୫.୭ ଡିଗ୍ରୀ ଏବଂ କଟକରେ ୧୪.୪ ଡିଗ୍ରୀ ରେକର୍ଡ କରାଯାଇଛି।

ତେବେ ଜାନୁଆରୀ ୧୦ ତାରିଖ ସକାଳେ ଭୁବନେଶ୍ୱରର ତାପମାତ୍ରା ୯.୨ ଡିଗ୍ରୀକୁ ଖସି ଆସିଥିଲା, ଯାହା ଗତ ୨୨ ବର୍ଷ ମଧ୍ୟରେ ସହରର ସବୁଠାରୁ ଥଣ୍ଡା ରାତି ଥିଲା। ସେହିପରି କଟକରେ (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ଜାନୁଆରୀ, ସୋମବାର ୨୦୨୬





# ପ୍ରଶାସନର ଦୃଷ୍ଟି ଆଢୁଆଳରେ ଦାଣ୍ଡିଆକୁଣ୍ଡ ଜଳପ୍ରପାତ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ପଞ୍ଚାୟତ ରେଙ୍ଗାମଗୁଡ଼ା ଗାଁ ନିକଟରେ ଏକ ପ୍ରାକୃତିକ ପରିବେଶ ଘେରା ସୁନ୍ଦର ଜଳପ୍ରପାତ ଜିଲ୍ଲା ପ୍ରଶାସନ ତଥା କୋରୁକୋଣ୍ଡା ବ୍ଲକ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଛି। କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ସହରରୁ ଜୟପୁର ଯିବା ରାସ୍ତାରେ ଆପନମାଳା ଗାଁ ଠାରୁ ଶହେ ମିଟର ଦୂର ଗଲା ପରେ ଡାହାଣ ପଟେ ରେଙ୍ଗାମଗୁଡ଼ା ଗାଁକୁ ଯିବାକୁ ଏକ ମାଟି ରାସ୍ତା ରହିଛି। ସେଠାରୁ ପାଖାପାଖି ଏକ କିଲୋମିଟର ଗଲେ ଏକ ପାହାଡ଼ ପାଖ ଦେଇ ଦାଣ୍ଡିଆକୁଣ୍ଡ ଜଳପ୍ରପାତ ପଡ଼ିଥାଏ। ଶୀତ ଋତୁରେ ଏଠିକାର ପରିବେଶ ଦାରିଙ୍ଗବାଡ଼ି ଠାରୁ ମଧ ଅତି ମନଲୋଭା। ସବୁଜ ବଣ ପାହାଡରେ ପରିପୂର୍ଣ୍ଣ ମଧ୍ୟରେ ଅବହେଳିତ ଭାବେ ପଡ଼ିରହିଛି ଏହି ସୁରମ୍ୟ ଜଳପ୍ରପାତ। ଏହି ଜଳପ୍ରପାତର ଉନ୍ନତି ପାଇଁ ସ୍ଥାନୀୟ ଜନସାଧାରଣ ବାରମ୍ବାର ଅନୁରୋଧ କରୁଛନ୍ତି। ହେଲେ ପ୍ରଶାସନ ଜାଣିଶୁଣି ଏହାକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଏହା ସହିତ ସୋମନାଥପୁର ପଞ୍ଚାୟତ ମଧ୍ୟରେ ଆହୁରି ଅନେକ ଐତିହ୍ୟ କିମ୍ବଦନ୍ତୀ ଭରପୁର ସ୍ଥାନ ରହିଛି। ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଗଲେ କିମ୍ବା ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ଧ୍ୟାନ ଦେଲେ ଏଠାକୁ ଜିଲ୍ଲା ଏବଂ ରାଜ୍ୟ ବାହାରୁ ପର୍ଯ୍ୟଟକ ଆସି ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ଏଠାରେ ବଣଭୋଜି ଓ ପିକନିକର ମଜା ନେଇପାରିବେ। ଏହି ଅଞ୍ଚଳରେ ଥିବା ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଜଳପ୍ରପାତ ଏବଂ ପର୍ଯ୍ୟଟନସ୍ଥଳୀର ପୁନରୁଦ୍ଧାର ଓ ଉନ୍ନତିକରଣ କରିପାରିଲେ ଏହା ଲୋକଲୋଚନକୁ ଆସିବା ସହ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମିଥାନ୍ତା ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି। ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାକୁ ପର୍ଯ୍ୟଟକ ମାନେ ଆସିଲେ ଏହି ସୁନ୍ଦର ସରସ ଜଳପ୍ରପାତକୁ ଉପଭୋଗ କରିବା ସହିତ ସ୍ଥାନୀୟ ଜନଜାତିଙ୍କ ଐତିହ୍ୟ ପରମ୍ପରା ସମ୍ପର୍କରେ ବହୁତ କିଛି ଜାଣିପାରନ୍ତେ। ଏହା ସହିତ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ପର୍ଯ୍ୟଟକଙ୍କ ଆଗମନ ଦ୍ୱାରା ଜିଲ୍ଲାର ରାଜସ୍ୱରେ ଅଭିବୃଦ୍ଧି ଘଟିବ। ଜିଲ୍ଲାରେ ଅନେକ ଲୁକ୍କାୟିତ ପର୍ଯ୍ୟଟନସ୍ଥଳୀ ଲୋକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଉଛି। ଜିଲ୍ଲା ପ୍ରଶାସନର ଅଣଦେଖା ଯୋଗୁଁ ଏହା ଲୋକଲୋଚନକୁ ଆସି ପାରୁନାହିଁ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଲେ ମାଲକାନଗିରି ଜିଲ୍ଲାର ବଣ୍ଡାଘାଟୀ, ଗୁରୁପ୍ରିୟା ସେତୁ ସହ ଲୁଚି ରହିଥିବା ଏହିସବୁ ପର୍ଯ୍ୟଟନ ସ୍ଥଳୀ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବରେ ସୁନାମ ଅର୍ଜନ କରିବା ସହ ପର୍ଯ୍ୟଟକଙ୍କ ଆଗମନରେ ସହସ୍ରାଧିକ ରାଜସ୍ୱ ମଧ୍ୟ ଆସିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କୁ ପଚାରିବାରୁ ଯଦି ଆମ ଅଞ୍ଚଳରେ ଏପରି କିଛି ପର୍ଯ୍ୟଟନସ୍ଥଳୀ ରହିଛି। ତା'ହେଲେ ଆଗାମୀ ଦିନରେ ନିଶ୍ଚିତ ଏହାର ଉନ୍ନତିକରଣ କରାଯିବା ନେଇ ପ୍ରୟାସ କରିବୁ ବୋଲି କହିଛନ୍ତି।

## ବେଆଇନ ପଲିଥିନ କାରବାର ଉପରେ ଚଢ଼ଉ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ସହରରେ ବେଆଇନ ପଲିଥିନ କାରବାରକୁ ରୋକ ଲଗାଇବା ପାଇଁ ପୌରପରିଷଦ ତରଫରୁ ଚଢ଼ଉ କରାଯାଇଥିଲା। ଜୟପୁର ଦୈନିକ ବଜାରରେ ୨ଟି ଦୋକାନ ଉପରେ ଚଢ଼ଉ କରି ୧୫ କେଜି ପଲିଥିନ ଜବତ କରିବା ସହ ୧୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିପରି ଏମ.ଜି. ରୋଡର ଡିଆଇଇଟି ଅନୁଷ୍ଠାନ ସମ୍ମୁଖରେ ଥିବା ପଲିଥିନ ହୋଲସେଲ ଉପରେ ଚଢଉ କରାଯାଇ ଦୋକାନକୁ ସିଲ କରାଯାଇଛି।

# ରାୟଗଡ଼ା ୟୁଥ୍ ୱାର୍କର୍ସ କ୍ଲବର ସଂସ୍ଥାପନା କାର୍ଯ୍ୟକ୍ରମ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**



ୟୁଥ୍ ୱାର୍କର୍ସ କ୍ଲବର ସଂସ୍ଥାପନା (ଦାୟିତ୍ୱ ଗ୍ରହଣ) କାର୍ଯ୍ୟକ୍ରମ ଗତ ୧୦ ଜାନୁଆରୀ ୨୦୨୬ ସନ୍ଧ୍ୟାରେ ରାୟଗଡ଼ାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କ୍ଲବର ନୂତନ କାର୍ଯ୍ୟକାରିଣୀ କମିଟିର ଔପଚାରିକ ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ୨୦ରୁ ଅଧିକ ସଦସ୍ୟ ଯୋଗଦେଇଥିଲେ।

ଯୁବମାନଙ୍କ ମଧ୍ୟରେ ଶୃଙ୍ଖଳା, ସ୍ୱାସ୍ଥ୍ୟ ସଚେତନତା ଓ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ନିର୍ବାଚିତ ପଦାଧିକାରୀ ମାନଙ୍କୁ ଔପଚାରିକ ଭାବେ ପଦସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଲାଏନ୍ସ ସଂଗଠନର ବରିଷ୍ଠ ନେତୃତ୍ୱ କିଶୋର ପଣ୍ଡା, ରାୟଗଡ଼ା ୟୁଥ୍ ୱାର୍କର୍ସ କ୍ଲବର ଜିଲ୍ଲା ମୁଖ୍ୟ, ପ୍ରତାପ ଚନ୍ଦ୍ର ବୌରୀ, ସତ୍ୟବାଦୀ ପଟ୍ଟି (ଚିଫ୍ କୋଅର୍ଡିନେଟର ଓ ଆଡଭାଇଜର) ଏବଂ ଟି. ଜୟରାମ, ଯିଏ ଇନଷ୍ଟଲେସନ୍ ଅଫିସର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ, ଉପସ୍ଥିତ ଥିଲେ। ଏହି ଅବସରରେ କିନ୍ତାଲି ଶ୍ରୀବତ୍ସବଙ୍କୁ ସଭାପତି, ସନ୍ତୋଷିନୀ ଗୌଡ଼ାଙ୍କୁ ସମ୍ପାଦିକା ଏବଂ ପ୍ରବୀଣ ମାଝିଙ୍କୁ କୋଷାଧ୍ୟକ୍ଷ ଭାବେ ପଦସ୍ଥାପନ କରାଯାଇ ଥିଲା। ସଭାକୁ ସମ୍ବୋଧନ କରି ଅତିଥି ମାନେ ଯୁବମାନଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଥିବା ସହିତ ନିୟମିତ ଶାରୀରିକ କ୍ରିୟାକଳାପ, ଶୃଙ୍ଖଳା ଓ ସମାଜିକ ସଂପୃକ୍ତତା ସୁସ୍ଥ ସମାଜ ଗଠନ ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଜ୍ଞାପନ ସହିତ ଏହାର ସମାପ୍ତି ହୋଇଛି।

# ବୈତରଣୀ ନଦୀ ଏବେ ପାଲଟିଛି ବାଲି ମାଫିଆଙ୍କ ଚରାଭୂଇଁ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲାର ଧାମନଗର ତହସିଲ ଅଧିନସ୍ଥ ସୋହଡ଼ା ପଞ୍ଚାୟତର କ୍ଷେଣ୍ଡପୁର ନିକଟସ୍ଥ ବୈତରଣୀ ନଦୀ ଏବେ ବାଲି ମାଫିଆଙ୍କ ଚରାଭୂଇଁ ପାଲଟିଛି। ରାତିରୁ ସକାଳ ଯାଏ ଟ୍ରାକ୍ଟର ମାଲିକ ତଥା ବାଲି ଚୋରମାନେ ଏଠାରୁ ବାଲି ଚୋରି କରିବାରେ ଲାଗିଛନ୍ତି। ପ୍ରାୟ ୨୦ ରୁ ଅଧିକ ଟ୍ରାକ୍ଟର ଏଠାରେ ପଶି ବାଲି ଉତ୍ତୋଳନ କରୁଥିବା ଦେଖିବାକୁ ମିଳିଛି। ରାଜସ୍ୱ ବିଭାଗ ଓ ଖଣି ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଏବଂ ସ୍ଥାନୀୟ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ନଦୀବନ୍ଧ ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇଛି। ନଦୀରେ ପର୍ଯ୍ୟାପ୍ତ ବାଲି ନଥିବାରୁ ସୈରାତ ନିଲାମ ହୋଇ ପାରିନାହିଁ। ଏଣୁ ସରକାରୀ ଭାବେ ବାଲି ଉତ୍ତୋଳନ ବନ୍ଦ ରହିଛି। ଏହାର ସୁଯୋଗ ନେଇ ମାଫିଆମାନେ ଖୋଲମଖୁଲା ଡୋଜର ଲଗାଇ ପାଣି ଭିତରୁ ବାଲି ଉଠାଇ ଠୁଳ କରୁଛନ୍ତି। ନିଜର ସୁବିଧା ପାଇଁ ସେମାନେ ଅନେକ ସ୍ଥାନରେ ନଦୀବନ୍ଧ କାଟି ଗଡ଼ା ପ୍ରସ୍ତୁତ କରିଛନ୍ତି, ଯେଉଁ ରାସ୍ତା ଦେଇ ଟ୍ରାକ୍ଟରଗୁଡ଼ିକ ନଦୀ ଭିତରକୁ ଯାଇ ବିଳମ୍ବିତ ରାତିରୁ ସକାଳ ଯାଏ ଟ୍ରାକ୍ଟର ଓ ମିନି ଟ୍ରକ୍ ସାହାଯ୍ୟରେ ଏହି ବାଲି ଉତ୍ତୋଳନ କରି ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ କରାଯାଉଛି। ଖଣି ବିଭାଗର ଜିଲ୍ଲା କାର୍ଯ୍ୟାଳୟ ଭଦ୍ରକରେ ଥିବା ବେଳେ ପ୍ରାୟ ୩୦ କିଲୋମିଟର ଦୂର କ୍ଷେଣ୍ଡପୁର ରେ ବାଲି ଚୋରି ହେଉଛି। ଯେତେବେଳେ ବି ଖଣି ଅଧିକାରୀ ଚଢ଼ଉ ପାଇଁ ଆସୁଛନ୍ତି, ବେଦପୁର, ଖଡ଼ିପଦା, ଦୋବଲ ଓ ଧାମନଗର ଛକ ପର୍ଯ୍ୟନ୍ତ ଜଗି ରହିଥିବା ମାଫିଆଙ୍କ 'ସୂଚନାଦାତା' ମାନେ ସଙ୍ଗେ ସଙ୍ଗେ ଖବର ପହଞ୍ଚାଇ ଦେଉଛନ୍ତି। ଅଧିକାରୀ ପହଞ୍ଚିବା ପୂର୍ବରୁ ଟ୍ରାକ୍ଟର ଓ ଜେସିବି ଗୁଡ଼ିକୁ ନଦୀ ଗର୍ଭରୁ କାଢ଼ି ନିଆଯାଇ ବାଡ଼ି ପଛପଟେ ଲୁଚାଇ ଦିଆଯାଉଛି। ଫଳରେ ଚଢ଼ଉ ପ୍ରକ୍ରିୟା କେବଳ ପ୍ରହସନରେ ପରିଣତ ହେଉଛି। ବେଆଇନ ବାଲି ଉତ୍ତୋଳନ ରୋକିବା ପାଇଁ କଡ଼ା ନିୟମାବଳୀ ରହିଛି। ସଷ୍ଟେନେବୁଲ ସ୍ୟାଣ୍ଡ ମାଇନିଂ ମ୍ୟାନେଜମେଣ୍ଟ ଗାଇଡ୍‌ଲାଇନ୍-୨୦୧୬ ଅନୁଯାୟୀ ପରିବେଶ ସନ୍ତୁଳନ ରକ୍ଷା କରି ବାଲି ଉତ୍ତୋଳନ କରିବା କଥା। ସେହିପରି ଓଡ଼ିଶା ମାଇନିଂ ପଲିସି – ୨୦୨୧ରେ ମଧ୍ୟ ବାଲି ଚୋରି ରୋକିବା ନେଇ ବ୍ୟବସ୍ଥା ରହିଛି। ନଦୀ ଗର୍ଭରୁ କେବଳ ଶୁଖିଲା ଓ ଗଦା ହୋଇଥିବା ବାଲି ଉଠାଇବାକୁ ନିୟମ ଅଛି। ହେଲେ ମାଫିଆମାନେ ପାଣି ଭିତରୁ ବାଲି ଖୋଳିକି ଚାଲାଣ କରୁଛନ୍ତି। ତେବେ ପୂର୍ବତନ ରାଜ୍ୟ ସରକାରଙ୍କ ଅଜବ ନିୟମ ଯୋଗୁଁ ବାଲି ଚୋରି ଆହୁରି ବଢ଼ିଯାଇଛି। ନିଲାମ ପ୍ରକ୍ରିୟା ଖଣି ବିଭାଗକୁ ଯିବା ପରଠାରୁ ତହସିଲ କାର୍ଯ୍ୟାଳୟ ଏହି ସମସ୍ୟାକୁ ଦେଖି ନଦେଖିଲା ଭଳି ରହୁଥିବା ଅଭିଯୋଗ ହେଉଛି। ତା ଛଡ଼ା ସ୍ଥାନୀୟ ରାଜନେତାଙ୍କ ଚାପ ଯୋଗୁଁ କ୍ଷେତ୍ର ଅଧିକାରୀମାନେ କଡ଼ା ପଦକ୍ଷେପ ନେବାକୁ ପଛଘୁଞ୍ଚା ଦେଉଛନ୍ତି। ଯଦି ପୋଲିସ ଓ ତହସିଲ ପ୍ରଶାସନ ମିଳିତ ଭାବେ ସତର୍କତା ଅବଲମ୍ବନ କରନ୍ତି, ତେବେ ଆଗାମୀ ଦିନରେ ବୈତରଣୀ ନଦୀ ଶଯ୍ୟା ଶୂନ୍ୟ ହେବା ସହ ନଦୀବନ୍ଧ ଦୁର୍ବଳ ହୋଇ ବନ୍ୟା ଭଳି ବିପର୍ଯ୍ୟୟକୁ ଡାକି ଆଣିବ। ପ୍ରଶାସନ ତୁରନ୍ତ ସଚେତନ ହୋଇ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ। ଏ ଦିଗରେ ଧାମନଗର ତହସିଲଦାର ସାଇ ଲୋକନାଥ ସେଠୀ କହିଛନ୍ତି ଯେ ଜିଲ୍ଲାପାଳଙ୍କ ପରାମର୍ଶକ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ତେବେ ଏପରି ବେଆଇନ ବାଲି ଉଠାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

# ପୁରୁଣା ଡାକ୍ତରଖାନା ଓପିଡିରେ ଡାକ୍ତର ନିଯୁକ୍ତି ଦାବିରେ ରାସ୍ତା ରୋକ
## ଏସଡ଼ିଏମ୍‌ଓଙ୍କ ପ୍ରତିଶ୍ରୁତି ପରେ ହଟିଲେ ଆନ୍ଦୋଳନକାରୀ

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**



ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ମୁଖ୍ୟ ସହର ଭିତରେ ଦୀର୍ଘ ବର୍ଷଧରି ରହିଥିବା ପୁରୁଣା ଉପଖଣ୍ଡ ଚିକିତ୍ସାଳୟ ଏବେ ନୂତନ ଭାବରେ ଗଙ୍ଗାସାଗର ପାଖରେ ନିର୍ମାଣ କରାଯାଇଛି। ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ପ୍ରଶାସନ ତରଫରୁ କିଛିଦିନ ହେବ ସ୍ଥାନାନ୍ତରିତ କରାଯାଇଛି। ଯାହା ଫଳରେ ସହରରେ ବସବାସ କରୁଥିବା ଲୋକେ ଜରୁରୀକାଳୀନ ଚିକିତ୍ସା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହିପରିପେକ୍ଷୀରେ ଆଜି ସହରବାସୀ ପାଟଣାଗଡ଼ରୁ କଣ୍ଟାବାଞ୍ଜିକୁ ଯାଉଥିବା ସହରର ମୁଖ୍ୟ ରାସ୍ତା ପୁରୁଣା ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ରାସ୍ତାରୋକ କରିଥିଲେ।

ଅଭିଯୋଗ ଅନୁସାରେ, ସହରରେ ଥିବା ଏହି ପୁରୁଣା ଡାକ୍ତର ଖାନାକୁ ସ୍ଥାନାନ୍ତରିତ ହେବାପରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ପାଇଁ ପୁରୁଣା ଡାକ୍ତର ଖାନାରେ ଜରୁରୀକାଳୀନ ସେବାପାଇଁ ଓପିଡି ଡାକ୍ତର ଓ ସ୍ମାର୍ଟ ଚିକିତ୍ସା କରାଯିବାକୁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ଖବରପାଇ ଆନ୍ଦୋଳନ ସ୍ଥଳକୁ ସ୍ଥାନୀୟ ପୋଲିସ ସହ ଉପଖଣ୍ଡ ଚିକିତ୍ସା ଅଧିକାରୀ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିବାସହ ଏବିଷୟରେ ଲିଖିତ ଭାବରେ ଦେବାକୁ ଅନୁରୋଧ କରିଥିଲେ। ପରେ ସେମାନେ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ଲିଖିତ ଭାବରେ ଅବଗତ କରାଇଥିଲେ। ଏହାପରେ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କ ଠାରୁ ପ୍ରତିଶ୍ରୁତି ପାଇବାପରେ ଆନ୍ଦୋଳନକାରୀ ନିଜ ଜିଦ୍‌ରୁ ଓହରିଥିଲେ। କିଛି ସମୟ ପର୍ଯ୍ୟନ୍ତ ରାସ୍ତା ରୋକ ଯୋଗୁଁ ଉଭୟ ପକ୍ଷରୁ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଥିଲା। ଯାହାଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ଡକ୍ଟର ଗଣେଶ୍ୱର ମହାନ୍ତଙ୍କୁ ସଂଗ୍ରାମୀ ଧରଣୀଧର ଉତ୍କର୍ଷ ସେବା ସମ୍ମାନ

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ଚମ୍ପୁଆ ଏବଂ କେନ୍ଦୁଝରଗଡ଼ସ୍ଥିତ ମା 'ତାରିଣୀ ସୁପର ସ୍ପେସିଆଲିଟି ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଗଣେଶ୍ୱର ମହାନ୍ତଙ୍କୁ ତାଙ୍କର ଜିଲ୍ଲାବାସୀଙ୍କ ପାଇଁ ଉତ୍ତମ ସେବା ଓ ନିରନ୍ତର ସମାଜସେବା ପାଇଁ ଇଣ୍ଡିଆନ ବାଇ ବାର୍ଥ (ଟ୍ରଷ୍ଟ ଓ ସେବା ଫାଉଣ୍ଡେସନ)ର ଷଷ୍ଠ ବାର୍ଷିକ ଉତ୍ସବରେ 'ସଂଗ୍ରାମୀ ଧରଣୀଧର ଉତ୍କର୍ଷ ସେବା ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଛି। କେନ୍ଦୁଝର ପାର୍କ ରୋଡ଼ରେ ଅବସ୍ଥିତ ଅଡିଟୋରିୟମରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ମାନ୍ୟବର ଡା. ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ପ୍ରମୁଖ ଯୋଗ ଦେଇ ଡ଼କ୍ଟର ଗଣେଶ୍ୱର ମହାନ୍ତଙ୍କୁ ତାଙ୍କ ସେବା ପରାୟଣତା ଓ କୃତିତ୍ୱ ପାଇଁ ସଂଗ୍ରାମୀ ଧରଣୀଧର ଉତ୍କର୍ଷ ସେବା ସମ୍ମାନରେ ସମ୍ମାନିତ କରିଥିଲେ।

# ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀଙ୍କ ପାଇଁ ଶିଶୁ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲାର ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀଙ୍କ ପାଇଁ ଶିଶୁ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନୂତନ ନାୟକଙ୍କ ସଭାପତିତ୍ୱରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଶିକ୍ଷକ ସୁରେଶ ବାରିକ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ଅରୁଣ ଖୁଆସ କିଶୋର ନ୍ୟାୟ ଯତ୍ନ ଏବଂ ସୁରକ୍ଷା ଆଇନ ୨୦୧୫, ବାଲ୍ୟ ବିବାହ ନିରୋଧ ଆଇନ୍ ୨୦୦୬, ମିଶନ ବାତ୍ସଲ୍ୟ ୨୦୨୨, ପୋଷ୍ୟ ସନ୍ତାନ ଗ୍ରହଣ ଅଧିନିୟମ-୨୦୨୨(ନୂତନ) ଉପରେ ସଚେତନତା କରିଥିଲେ। ଏହି ଅବସରରେ ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ଶିଶୁ ସୁରକ୍ଷା ପାଇଁ ଥିବା ବିଭିନ୍ନ ଯୋଜନା ଉପରେ ଜଣାଇଥିଲେ ଯଥା ଆଶୀର୍ବାଦ ଯୋଜନାରେ ୧.୪.୨୦୨୦ ରୁ ୧୫.୯.୨୦୨୧ ଭିତରେ ମୃତ୍ୟୁ ବରଣ କରିଥିବା ଘରର ମୁଖ୍ୟ ହୋଇ ଥିଲେ ଶିଶୁମାନଙ୍କୁ ୧୮ ବର୍ଷ ପର୍ଯ୍ୟନ୍ତ ୧୫୦୦/- ଏବଂ ଉଭୟଙ୍କ(ପିତା, ମାତା) ମୃତ୍ୟୁ ହୋଇଥିଲେ ୨୫୦୦/- ମିଳୁଛି, ୧୮ ବର୍ଷ ପରେ ସେହି ହିତାଧିକାରୀମାନଙ୍କ ପାଇଁ ଗ୍ରୀନ ପେସେଜ ସାର୍ଟିଫିକେଟ ପ୍ରଦାନ କରାଯାଏ ଯାହା ଫଳରେ ମାଗଣାରେ ସରକାରୀ ପାଠ ଦେୟ ମୁକ୍ତ ହୋଇଥାଏ। ଯଶୋଦା ଯୋଜନାରେ ମଧ୍ୟ ୨୧ ବର୍ଷ ପର୍ଯ୍ୟନ୍ତ ବାର୍ଷିକ ଠାରେ ଆର୍ଥିକ ସହାୟତା ପ୍ରଦାନ କରାଯାଏ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ରଶ୍ମିତା ଦାସ, ଶିକ୍ଷକ ରଞ୍ଜିତ ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ହରିବନ୍ଧୁ ରାଉତ୍, ଡୋଲି ବେହେରା, ଶିଶୁ ହେଲ୍ପ ଲାଇନର ଶ୍ରଦ୍ଧା ସିଂ, ସୁଦନ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ଶିକ୍ଷକ ସୁରେଶ ବାରିକ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଯାଜପୁର ନିଖିଳ ଉତ୍କଳ ପାଲା ସଂଗଠନ ମହାସଂଘର ବନ୍ଧୁ ମିଳନ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅନ୍ତର୍ଗତ ବାଲିଗୁଡା ଦେଉଳିଠାରେ ନିଖିଳ ଉତ୍କଳ ପାଲା ସଂଗଠନ ମହାସଂଘ ପକ୍ଷରୁ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ସତ୍ୟ ନାରାୟଣ ପାଲା ପରିଷଦ (ଦେଉଳି) ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଯାଜପୁର ନିଖିଳ ଉତ୍କଳ ପାଲା ସଂଗଠନ ସହାସଂଘର ସଭାପତି ଦେବାଶିଷ ସ୍ୱାଇଁ ଯୋଗ ଦେଇ କଳାକାରମାନଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହ ନିକଟ ଭବିଷ୍ୟତରେ ସମସ୍ତ ଅସୁବିଧାକୁ ଦୂର କରିବା ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସହାସଂଘ ସମ୍ପାଦକ ବିରଞ୍ଚି ସାହୁ ଓ କୋଷାଧ୍ୟକ୍ଷ ରବିନ୍ଦ୍ର କୁମାର ଯୋଗ ଦେଇ କଳାକାର ମାନେ ଏକତ୍ର ହୋଇ ପାରିଲେ ସବୁ ସମାଧାନର ବାଟ ଫିଟିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟନାରାୟଣ ପାଲା ପରିଷଦର ସମ୍ପାଦକ ପ୍ରଦୀପ ତ୍ରିପାଠୀ, ଉପଦେଷ୍ଟା ମଧୁସୂଦନ ମିଶ୍ର ଓ ସୌଭାଗ୍ୟ ମିଶ୍ର ପ୍ରଖୁଖ ଯୋଗ ଦେଇ ଥିଲେ। ଏହି ଅବସରରେ ଜିଲର କୋଣ ଅନୁକୋଣରୁ ଆସିଥିବା ନୂତନ ସଭ୍ୟମାନଙ୍କୁ ଉତରୀୟ ଦେଇ ସ୍ୱାଗତ କରାଯିବା ସହିତ ବରିଷ୍ଠ କଳାକାର ମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମାଧବାନନ୍ଦ ନାୟକ, ଉମେଶ ମିଶ୍ର, ବିଚିତ୍ର ସାମଲ, ରମେଶ ରଣା, ଦୁଃଖୀଶ୍ୟାମ ସର, ସତ୍ୟପ୍ରିୟ ସ, ଶ୍ରୀକାନ୍ତ ସାହୁ, ନବକିଶୋର ସର, ବାମଦେବ ସର, ଗୌରାଙ୍ଗ ନାୟକ, ଶ୍ରୀନିବାସ ସାହୁ, ନରେନ୍ଦ୍ର ପାଣିଗ୍ରାହୀ, ପ୍ରଭାକର ସାହୁ କୋଷାଧ୍ୟକ୍ଷ ବିରେନ୍ଦ୍ର ପ୍ରଧାନ ଓ ଅନାଦି ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ମକର ସଂକ୍ରାନ୍ତିକୁ ନେଇ ଦ୍ୱନ୍ଦ୍ୱରେ କୋରାପୁଟ ଜିଲ୍ଲା ଲୋକେ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ହିନ୍ଦୁ ଧର୍ମରେ ମକର ସଂକ୍ରାନ୍ତିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏହି ଦିନ ସୂର୍ଯ୍ୟ ଦେବ ଧନୁ ରାଶିରୁ ବାହାରି ମକର ରାଶିରେ ପ୍ରବେଶ କରନ୍ତି। ଏହି ପ୍ରକ୍ରିୟାକୁ ସଂକ୍ରାନ୍ତି କୁହାଯାଏ। ୨୦୨୬ ମସିହାରେ ମକର ସଂକ୍ରାନ୍ତି କେବେ ପାଳନ କରାଯିବ, ସେ ନେଇ କୋରାପୁଟ ଜିଲାବାସୀଙ୍କ ମନରେ ଦ୍ୱନ୍ଦ ରହିଛି। ୨୦୨୬ ମସିହାରେ ମକର ସଂକ୍ରାନ୍ତିର ସଠିକ୍ ତାରିଖ, ସ୍ନାନ ଓ ଦାନର ଶୁଭ ମୁହୂର୍ତ୍ତ। ଜ୍ୟୋତିଷ ଶାସ୍ତ୍ର ଏବଂ ପଂଚାଙ୍ଗ ଅନୁସାରେ, ୨୦୨୬ ମସିହା ଜାନୁଆରୀ ୧୪ ତାରିଖ ରାତି ପ୍ରାୟ ୯ଟା ସମୟରେ ସୂର୍ଯ୍ୟ ଦେବ ମକର ରାଶିରେ ପ୍ରବେଶ କରିବେ। ଯେହେତୁ ସୂର୍ଯ୍ୟଙ୍କର ରାଶି ପରିବର୍ତ୍ତନ ୧୪ ତାରିଖ ରାତିରେ ହେଉଛି, ତେଣୁ ଉଦୟ ତିଥି ଅନୁସାରେ ଜାନୁଆରୀ ୧୫, ୨୦୨୬ ଦିନ ମକର ସଂକ୍ରାନ୍ତି ପର୍ବ ପାଳନ କରାଯିବ। ଶାସ୍ତ୍ର ଅନୁଯାୟୀ, ସୂର୍ଯ୍ୟାସ୍ତ ପରେ ସଂକ୍ରାନ୍ତି ହେଲେ ପରଦିନ ହିଁ ସ୍ନାନ ଓ ଦାନ ପାଇଁ ଶୁଭ ବୋଲି ବିବେଚନା କରାଯାଏ। ମକର ସଂକ୍ରାନ୍ତି ଦିନ ପୁଣ୍ୟକାଳରେ ସ୍ନାନ ଓ ଦାନ କରିବା ଅତ୍ୟନ୍ତ ଫଳପ୍ରଦ ହୋଇଥାଏ। ମକର ସଂକ୍ରାନ୍ତି ପୁଣ୍ୟକାଳ : ଜାନୁଆରୀ ୧୫, ସକାଳ ୭ଟା ୧୫ ରୁ ସନ୍ଧ୍ୟା ୫ଟା ୪୫ ପର୍ଯ୍ୟନ୍ତ। ମହା ପୁଣ୍ୟକାଳ : ଜାନୁଆରୀ ୧୫, ସକାଳ ୭ଟା ୧୫ ରୁ ସକାଳ ୯ଟା ପର୍ଯ୍ୟନ୍ତ। ଏହି ମହା ପୁଣ୍ୟକାଳ ସମୟରେ ଗଙ୍ଗା ବା କୌଣସି ପବିତ୍ର ନଦୀରେ ସ୍ନାନ କରି ଦାନ କଲେ ଅଶେଷ ପୁଣ୍ୟ ପ୍ରାପ୍ତି ହୁଏ। ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟଦେବଙ୍କ 'ଉତରାୟଣ' ଗତି ଆରମ୍ଭ ହୁଏ।

ମାନ୍ୟତା ଅଛି ଯେ, ଉତ୍ତରାୟଣ ସମୟରେ ଦେବତାମାନଙ୍କର ଦିନ ଏବଂ ଦୈତ୍ୟମାନଙ୍କର ରାତି ହୋଇଥାଏ। ଏହି ଦିନଠାରୁ ଦିନ ବଡ଼ ହୁଏ ଏବଂ ରାତି ଛୋଟ ହେବାକୁ ଲାଗେ। ଶୀତ ଋତୁର ପ୍ରଭାବ ଧୀରେ ଧୀରେ କମି ବସନ୍ତର ଆଗମନ ହୁଏ। ଶାସ୍ତ୍ର ଅନୁସାରେ, ଏହି ଦିନ ଯିଏ ପ୍ରାଣତ୍ୟାଗ କରେ, ସେ ମୋକ୍ଷ ପ୍ରାପ୍ତି କରିଥାଏ। ମକର ସଂକ୍ରାନ୍ତିରେ ଦାନର ବିଶେଷ ଗୁରୁତ୍ୱ ରହିଛି। ଏହି ଦିନ ବିଶେଷ କରି ରାଶି, ଗୁଡ଼, ଚାଉଳ, ଡାଲି ଏବଂ ଶୀତ ବସ୍ତ୍ର ଦାନ କରାଯାଏ। ଓଡ଼ିଶାରେ ଏହି ଦିନ ମକର ଚାଉଳ' ପ୍ରସ୍ତୁତ କରାଯାଇ ଭଗବାନଙ୍କୁ ଅର୍ପଣ କରାଯାଏ। ନୂଆ ଚାଉଳ, ଗୁଡ଼, କଦଳୀ, ନଡ଼ିଆ ଏବଂ ଛେନା ମିଶ୍ରିତ ଏହି ପ୍ରସାଦ ଅତି ସ୍ୱାଦିଷ୍ଟ ହୋଇଥାଏ। ଓଡ଼ିଶାରେ ମକର ସଂକ୍ରାନ୍ତି ଏକ ବଡ଼ ପର୍ବ। ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କୁ ମକର ବେଶରେ ସଜ୍ଜିତ କରାଯାଏ ଏବଂ ମକର ଚଉରାଶି ଭୋଗ ଲାଗି ହୁଏ। ଜୟପୁର ଜଗନ୍ନାଥ ମନ୍ଦିରରେ ମଧ୍ୟ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ଆଦିବାସୀ ସଂପ୍ରଦାୟରେ ମଧ୍ୟ ଏହି ପର୍ବକୁ ଅତି ଧୂମ୍‌ଧାମ୍‌ରେ ପାଳନ କରାଯାଏ। ଲୋକମାନେ ପରସ୍ପର 'ମକର' ବସନ୍ତି, ଯାହା ବନ୍ଧୁତାର ଏକ ନିଆରା ପରମ୍ପରା। ଏହାସହ ଗୁଡ଼ି ଉଡ଼ାଇବା ମଧ୍ୟ ଏହି ଦିନର ଏକ ମୁଖ୍ୟ ଆକର୍ଷଣ। ତେଣୁ କେବେ ମକର ସଂକ୍ରାନ୍ତି ପାଳନ ହେବ ପୁରୀ ଶ୍ରୀମନ୍ଦିର ତରଫରୁ ସ୍ପଷ୍ଟ କରିବାକୁ ଜିଲ୍ଲାବାସୀ ଦାବି କରିଛନ୍ତି।

# ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଦ୍ୟାଳୟର ବାର୍ଷିକୋତ୍ସବ

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**



ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ବନମାଳ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସେବାକେନ୍ଦ୍ରରେ ଆୟୋଜିତ ସମାବେଶରେ ଖପ୍ରାଖୋଲ ହରିଶଙ୍କର ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ବଳଭଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପାଟଣାଗଡ଼ ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମକୁମାରୀ ଗୀତାଞ୍ଜଳୀଙ୍କ ସଭାପତିତ୍ୱରେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ ସମାଜସେବୀ ଡ. ଅଶୋକ ଭୋଇ, ବେଲପଡ଼ା ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବି, କେ ଉର୍ମିଳା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ବି.କେ. ବବି ସ୍ୱାଗତ ସଂଗୀତ ଏବଂ ନୃତ୍ୟ ପରିବେଷଣ କରିଥିଲେ। ବି.କେ ଦିବ୍ୟାଂଶ ଭକ୍ତି ସଂଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ଅତିଥିଙ୍କୁ ଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରହ୍ମକୁମାରୀ ଉମାକାନ୍ତ ମାଝୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ସମାବେଶରେ ବିଭିନ୍ନ ଗ୍ରାମର ଗୀତା ପାଠଶାଳାର ଶତାଧିକ ସଦସ୍ୟ ସଦସ୍ୟା ଯୋଗଦେଇଥିଲେ। ବନମାଳଠାରେ ଏକ ବ୍ଲକ ସ୍ତରୀୟ କାର୍ଯ୍ୟାଳୟ ଖୋଲିବା ପାଇଁ ଅନୁଷ୍ଠାନକୁ ସହଯୋଗ କରାଯିବ ବୋଲି ବିଡିଓ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସଭା ଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବନମାଳ ସେବା କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବି.କେ.ପ୍ରବୀଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଶୀ ମଦ ବନ୍ଦ ବିକ୍ରି କରିବାକୁ ଦାବି

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ବ୍ଲକ ଅନ୍ତର୍ଗତ ରଣ୍ଡାପାଲି ପଞ୍ଚାୟତର ସାନକାଉଡ଼ି ଠାରେ ବେଆଇନ ଭାବେ ବିକ୍ରି ହେଉଥିବା ବିଶାକ୍ତ ଦେଶୀ ମଦ ବନ୍ଦ କରିବାକୁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ହେଲା ସାନକାଉଡ଼ି ଠାରେ ୧୫ ବର୍ଷ ହେଲା ବିଶାକ୍ତ ଦେଶୀମଦ ତିଆରି ହେବା ସହ ବିକ୍ରି ମଧ ହେଉଛି। ଯାହାଫଳରେ ଏହି ବିଷାକ୍ତ ମଦ ପାନ କରି ଅନେକ ଯୁବକ ପ୍ରାଣ ହରାଇଛନ୍ତି ଏବଂ ଅନେକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ହୋଇଛନ୍ତି। ପରିବାରମାନଙ୍କ ମଧ୍ୟରେ କଳହ, ହିଂସା, ଅର୍ଥିକ ଅସୁରକ୍ଷା ହୋଇ ଥିବାରୁ ପାଠପଢୁଥିବା ପିଲାମାନଙ୍କ ଶିକ୍ଷାରେ ପ୍ରଭାବ ପଡୁଛି। ଗ୍ରାମରେ ୩୮୦ ପରିବାର ବସବାସ କରୁଛନ୍ତି। ଏଣୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି କି ଅବୈଧ ମଦ କାରବାରକୁ ତୁରନ୍ତ ବନ୍ଦ କରିବା ସହ ଆଇନଗତ ପଦକ୍ଷେପ ନେବାକୁ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେଲେ ଗ୍ରାମରେ ରହୁଥିବା ମହିଳା, ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ପିଲାମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବା ସହ ଗ୍ରାମରେ ଶାନ୍ତି ରହିବ ବୋଲି ଦାବି କରିଛନ୍ତି।

## ଭେଣ୍ଡିଂ ଜୋନ୍ ପ୍ରତିଷ୍ଠା କରି ଥଇଥାନ ଦାବିରେ ବ୍ୟବସାୟୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଗତ ୨୦୨୪ମସିହା ଅଗଷ୍ଟ ମାସ ୫ତାରିଖ ଭଦ୍ରକ ସହରରେ ବ୍ୟବସାୟୀମାନଙ୍କ ଦୋକାନକୁ ଡୋଜର ଲଗାଇ ଭାଙ୍ଗି ଦେଲା ପରେ ସେମାନଙ୍କୁ ଅଦ୍ୟାବଧି ଭେଣ୍ଡିଂ ଜୋନ ମାଧ୍ୟମରେ ଥଇଥାନ କରିବା ପାଇଁ ସରକାର୍ ଓ ପ୍ରଶାସନ କୌଣସି ପଦକ୍ଷେପ ନେଇନଥିବାରୁ ସେମାନେ ଜୀବନ ଜୀବିକା ହରାଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ରାସ୍ତା ପାର୍ଶ୍ୱ ଦୋକାନୀମାନେ ବସୁଥିବା ସ୍ଥାନ ଉଚ୍ଛେଦ ଅଭିଯାନ ଆଜିବି ଚାଲୁ ରହିଛି। ତା'ର ପ୍ରତିବାଦ କରି ଶତାଧିକ ଦୋକାନୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କୁ ଥଇଥାନ କରିବା ପାଇଁ ଶ୍ରମିକ ନେତା ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଏହି ଦାବିପତ୍ର ଦିଆଯାଇଛି।

# ଗାନ୍ଧି ଶିଳ୍ପ ବଜାରରେ ମନ ମୋହୁଛି ଭନ୍ତୁ ଦାଦାଙ୍କ ଚିତ୍ରକଳା, ଗୀତ ଶୁଣି ଧାଇଁ ଆସୁଛନ୍ତି ଗ୍ରାହକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**





ଦେଖରେ ଦେଖରେ ଆଙ୍କିଛି ମୁଁ ପ୍ରଭୁ ଜଗନ୍ନାଥଙ୍କ ଚିତ୍ର, ମା' ଦୁର୍ଗା, କୃଷ୍ଣ, କାଳୀଙ୍କ ଚିତ୍ର ବି ଆଙ୍କିଛି, ଆସଆସ ଗ୍ରାହକ ଈଶ୍ୱର... ଦେଖିବ ମୋ କଳାର ସମ୍ଭାର... ବଙ୍ଗଳା ଭାଷାରେ ଗୀତ ଗାଉଛନ୍ତି ଚିତ୍ରଶିଳ୍ପୀ। ସାମ୍ନାରେ ଥୁଆ ହୋଇଛି ଭଳିକି ଭଳି ଚିତ୍ର। ଜଗନ୍ନାଥ, କୃଷ୍ଣ ଲୀଳା, ଲକ୍ଷ୍ମୀ, ଗଣେଶ, କାର୍ତ୍ତିକ, ରାବଣବଦ୍ଧ, କିଏ କିଛି କିଣନ୍ତୁ କି ନକିଣନ୍ତୁ, ଗୀତ ଶୁଣିବାକୁ ଧାଇଁ ଆସୁଛନ୍ତି। ବୁଝି ହେଉନଥିଲେ ବି ଶିଳ୍ପୀର ବେଦନା ଗୀତରେ ଝଲସି ଉଠୁଛି। ଅସୁସ୍ଥତା ସତ୍ତ୍ୱେ ପେଟପାଟଣା ପାଇଁ ସେ ଗୀତ ଗାଇଗାଇ ଚିତ୍ର ବିକୁଛନ୍ତି। ଏଭଳି ଜଣେ ନିଆରା ଶିଳ୍ପୀ ହେଲେ ଭନ୍ତୁ ଚିତ୍ରକର ଓରଫ ଭନ୍ତୁ ଦାଦା।

ଏକାମ୍ର ହାଟରେ ଚାଲିଛି ଗାନ୍ଧି ଶିଳ୍ପ ବଜାର। ଏଠାରେ ଏକ ଷ୍ଟଲ୍ ପକାଇଛନ୍ତି କୋଲକାତାରୁ ଆସିଥିବା ଭନ୍ତୁ ଦାଦା। ପେସା ଓ ନିଶା ତାଙ୍କର ଚିତ୍ରକଳା। ବାପା ଜିତେନ୍ଦ୍ର ମଧ୍ୟ ଏହି କାମ କରୁଥିଲେ। ତେଣୁ ବାପାଙ୍କ ପରେ ଭନ୍ତୁ ଏବେ ସେହି କାମ କରୁଛନ୍ତି। ପ୍ରତିବର୍ଷ ସେ ଭୁବନେଶ୍ୱର ଆସନ୍ତି। ପ୍ରତିଦିନ କପଡ଼ା ଓ କାଗଜରେ ସେ ରଙ୍ଗ ଦେଇ ଚିତ୍ର ଆଙ୍କନ୍ତି। ବଡ଼କଥା, କୌଣସି ରାସାୟନିକ ରଙ୍ଗ ନୁହେଁ, ଗଛର ପତ୍ର, ବେଲରେ ପ୍ରସ୍ତୁତ କରିଥାନ୍ତି ରଙ୍ଗ ଓ ଅଠା। ପଚାରିବାରୁ ସେ କୁହନ୍ତି ଏଥିପାଇଁ ପରିଶ୍ରମ ଅଧିକ। ହେଲେ ପାରିବାରିକ କଳାକୁ ବଞ୍ଚାଇବାକୁ ପ୍ରୟାସ ଚାଲିଛି। ୨୦୦ରୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫଟୋଚିତ୍ର ତାଙ୍କ ପାଖରେ ରହିଛି। ଅପରପକ୍ଷେ, ଭନ୍ତୁଙ୍କ ଗୀତ ଶୁଣି ଗ୍ରାହକମାନେ କିଛିବର୍ଷ ତଳେ ଭାଇରାଲ ହୋଇଥିବା 'କଚା ବାଦାମ ଭଜା ବାଦାମ' ଗୀତକୁ ମନେ ପକାଇଛନ୍ତି।

# ଓଡ଼ିଶା ରାଜନୀତି ପାଇଁ ଏନ୍ତୁଡ଼ିଶାଳ ସାଜିଛି ଭଦ୍ରକ ମାଟି

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ରାଜନୀତି ପାଇଁ ଭଦ୍ରକ ମାଟି ଏନ୍ତୁଡ଼ିଶାଳ ସାଜିଛି। ଭଦ୍ରକ ମାଟିର ଯଶସ୍ୱୀ ସନ୍ତାନ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ, ବିପ୍ଳବୀ ଚକ୍ରଧର ବେହେରାଙ୍କ ଭଳି ବହୁ ବରପୁତ୍ର ଓଡ଼ିଶାର ନେତୃତ୍ୱ ନେବା ସହ ନୂତନ ବୃହତର ଓଡ଼ିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ସଂଜୀବ କିଆ ପ୍ରାୟୋଜିତ ଭଦ୍ରକ ସାଂସ୍କୃତିକ ମହୋତ୍ସବ ଆନୁକୂଲ୍ୟରେ ଭଦ୍ରକ ସହରର ଗାନ୍ଧିପଡ଼ିଆଠାରେ ଦଶମ ଭଦ୍ରକ ସାଂସ୍କୃତିକ ମହୋତ୍ସବ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହୋତ୍ସବର ତୃତୀୟ ସନ୍ଧ୍ୟାରେ 'ଓଡ଼ିଶା ରାଜନୀତି ଜଗତକୁ ଭଦ୍ରକର ଅବଦାନ' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମହୋତ୍ସବ କମିଟିର ସଭାପତି ରବି ନାରାୟଣ ଖିଲାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା, ମୁଖ୍ୟ ବକ୍ତା ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ବରେଣ୍ୟ ଅତିଥି ଭାବେ ପ୍ରଖ୍ୟାତ କଣ୍ଠ ଶିଳ୍ପୀ ସୁବାସ ରାମ ଯୋଗଦେଇ ଭଦ୍ରକର ବହୁ ସାରସ୍ୱତ ସାଧକ ଜିଲ୍ଲାର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଋଦ୍ଧିମନ୍ତ କରିଛନ୍ତି ବୋଲି କହିଥିଲେ। ଅତିଥିମାନଙ୍କୁ କୋଷାଧ୍ୟକ୍ଷ ପ୍ରିୟ ଦର୍ଶନ ବୋଇତି ମଞ୍ଚ ନିମନ୍ତ୍ରଣ କରିଥିବା ବେଳେ ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ଅତିଥି ପରିଚୟ, ମହୋତ୍ସବ କମିଟିର ଉପଦେଷ୍ଟା ଡ. ଜାନକୀ ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ ଏବଂ ସଂଗଠନ ସମ୍ପାଦକ ଅପୂର୍ବ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକାରୀ ସଭାପତି ସୁପ୍ରଭା ପାଣି, ସୁଶ୍ରୀ ଅଞ୍ଜନା ମିଶ୍ର, ଶିକ୍ଷୟିତ୍ରୀ ମନୋରମା ରାୟ, ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଂଜୀବ କିଆ ପ୍ରାୟୋଜିତ ଭଦ୍ରକ ସାଂସ୍କୃତିକ ମହୋତ୍ସବ ଆନୁକୂଲ୍ୟରେ ଭଦ୍ରକ ସହର ଗାନ୍ଧୀ ପଡ଼ିଆଠାରେ ଭଦ୍ରକ ସାଂସ୍କୃତିକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ଥିଲା ସଞ୍ଚାର ଡ୍ୟାନ୍ସ ଗ୍ରୁପ ମେଲୋଡି ଓ ଦର୍ଶନ ଏକାଡେମୀ ପିଲାମାନଙ୍କର ନୃତ୍ୟ ପରିବେଷଣ କରିଥିଲେ। ଉପଦେଷ୍ଟା ସ୍ମୃତି ରଞ୍ଜନ ସାହୁ, ହରିହର ନାୟକ, ଅତିସ ବେହେରା, ଉମା କଲ୍ୟାଣ ମହାପାତ୍ର ଯୁବ ନେତା ଅଶୋକ ନାୟକ, କାଉନସିଲର ସେକ ସଇଦ, ସଂଗଠନ ସମ୍ପାଦକ ଜଗବନ୍ଧୁ ବେହେରା, ରାଜେଶ ଦାସ, ଅଜୟ ପଣ୍ଡା, କ୍ଷିତୀଶ ସାମନ୍ତ, ଶିବାନନ୍ଦ ଦାସ, ଶୁଭଦ୍ୱୀପ ମଲ୍ଲିକ, ଓମ୍ କାର, କଳ୍ପତରୁ ପରିଡ଼ା, ଜଗନ୍ନାଥ ବେହେରା, ସୀତାକାନ୍ତ ବିଶ୍ୱାଳ, କମଳଲୋଚନ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ହଜାର ହଜାର ଦର୍ଶକ ଉକ୍ତ ମେଳରେ ମେଲୋଡିକୁ ଉପଭୋଗ କରିଥିଲେ।





# 'ମହିମା' ସୁବର୍ଣ୍ଣପୁର ଲୋକ ମହୋତ୍ସବରେ ଦର୍ଶକଙ୍କ ଭିଡ଼ ଜମୁଛି

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲାର କଳା, ସଂସ୍କୃତି, ଐତିହ ଓ ବିକାଶ ଧାରାର ବାର୍ତ୍ତାବହ ୩୨ ତମ 'ମହିମା' ସୁବର୍ଣ୍ଣପୁର ଲୋକ ମହୋତ୍ସବ ୨୦୨୬ ଓ ରାଜ୍ୟ ସ୍ତରୀୟ ପଲ୍ଲୀଶ୍ରୀ ମେଳାର ତୃତୀୟ ସନ୍ଧ୍ୟାରେ ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ବେଳେ ପ୍ରଥମେ ପଶ୍ଚିମ ଓଡ଼ିଶାର କଳାକାର ମାନେ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ । ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ ସଭା ଜିଲ୍ଲାପାଳ ଡ଼. ନୃପରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ବେଳେ ଡ଼. ସାହୁ ସମସ୍ତ ଅତିଥି ମାନଙ୍କ ସହିତ ଉପସ୍ଥିତ ଦର୍ଶକମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରି ଉତ୍ସବକୁ ଶାନ୍ତି ଶୃଙ୍ଖଳାରେ ଉପଭୋଗ କରିବା ସହ କିଣାବିକା କରି ବିଭିନ୍ନ ପାରମ୍ପାରିକ ଖାଦ୍ୟର ଭରପୂର ମଜା ନେବା ପାଇଁ ଅନୁରୋଧ କରିଥିଲେ । ଏହି ସାଂସ୍କୃତିକ ସଭାରେ ମୂଖ୍ୟ ଅତିଥି ପ୍ରଫେସର ଡ. ବିଧୁଭୂଷଣ ମିଶ୍ର, କୁଳପତି ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତି ବିହାର) ସମ୍ମାନିତ ଅତିଥି ଭାବରେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ପ୍ରଫେସର ଡ. ରଘୁନାଥ ମେହେର ଅବସର ପ୍ରାପ୍ତ ପ୍ରାଧ୍ୟାପକ ସମ୍ବଲପୁର, ସୁଶାନ୍ତ କୁମାର ଦାଶ କୁଳପତି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ପ୍ରଫେସର ଡ. ଗୋପିନାଥ ବାଗ, ଓଡ଼ିଆ ବିଭାଗ ବିଶ୍ୱବିଦ୍ୟାଳୟ ସମ୍ବଲପୁର ଯୋଗଦାନ କରି ଲୋକ ମହୋତ୍ସବର ସାମଗ୍ରିକ ସାଜସଜ୍ଜା ବହୁତ୍ ଉଚ୍ଚ କୋଟୀର ହୋଇଥିବାରୁ ଜିଲ୍ଲାପାଳଙ୍କୁ ପ୍ରଶଂସା କରିଥିଲେ । ସୁବର୍ଣ୍ଣପୁର ମଣିଷର ମାଟି, ମନର ମାଟି ଓ ମହାନଦୀର ମାଟି ବୋଲି ମତ ରଖି ଆପଣଙ୍କ ଜିଲ୍ଲାପାଳ ଜଣେ ସୁନାର ଭଲ ମଣିଷ ବୋଲି ଖୁବ୍ ପ୍ରଶଂସା କରିଥିଲେ । ଶିକ୍ଷା ଓ କଳା ସଂସ୍କୃତି ସହ ଏଠାକାର ପଲ୍ଲୀଶ୍ରୀ ମେଳା ଯୋଡ଼ି ହୋଇଛି ବୋଲି କହିଥିଲେ । ଏହି ଅବସରରେ ଜିଲ୍ଲାପାଳ ଜନସାଧାରଣ ଆସି ଭରପୁର ମଜା ନେବା ପାଇଁ ଅନୁରୋଧ କରିଥିଲେ। ବିନିକା ସେଣ୍ଟ ଭେଲୀ ସ୍କୁଲର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ଭୀମ ଭୋଇ କଳାକାରଙ୍କ ଦ୍ୱାରା ସମାପନ ସଙ୍ଗୀତ ଗାନ କରାଯାଇଥିଲା । ସଭା ଶେଷରେ ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର ଧନ୍ୟବାଦ୍ ଅର୍ପଣ କରିଥିଲେ । ବିଭିନ୍ନ ସ୍ଥାନରୁ ଆସିଥିବା ସାଂସ୍କୃତିକ ଦଳ ଯଥା ବ୍ଲକ କଳା ପରିଷଦ ସଂଘ ସୋନପୁର, ମହଦା ଦଣ୍ଡନୃତ୍ୟ ଦଳ ବିନିକା, ଓଡିଶୀ ଭୁବନେଶ୍ୱର, ପଏଁରୀ ସୋନପୁର, ବଙ୍ଗୀୟ ସନାତନୀ ସଂସ୍କୃତି ସଂଘ ପଶ୍ଚିମବଙ୍ଗ, ବିହୁ ନୃତ୍ୟ ଆସାମ, ସୟମ ପଡିଆବାହାଲ, ବରଗଡ଼, ନୂତନ କଳା ପରିଷଦ ଫୁଲବାଣୀ, ଝୁମର ହରିୟଣା, ରୂପଶ୍ରୀ କଳା ପରିଷଦ ତରଭା, ପାଇକ ଆଖଡ଼ା ଖୋର୍ଦ୍ଧା, ଡାପ ପାଟଣାଗଡ଼ଙ୍କ ଗୀତ ନାଚ କୁ ବିଳମ୍ବିତ ରାତି ଯାଏ ଅଗଣିତ ଦର୍ଶକ ଉପଭୋଗ କରିଥିଲେ । ଫୁଡ୍ କୋର୍ଟ ଓ ପଲ୍ଲୀଶ୍ରୀ ମେଳାର ବିଭିନ୍ନ ଷ୍ଟଲରେ ଲୋକଙ୍କ ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଥିଲା ।

# ବଡ଼ ବାପାଙ୍କୁ ହତ୍ୟା କଲା ପୁତୁରା

**ବାରିପଦା, ନ୍ୟୁଜ ବ୍ୟୁରୋ**

କରଞ୍ଜିଆ ଥାନା ଅଧୀନ କରଡ଼ିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମାନସିକ ବିକାରଗ୍ରସ୍ତ ପୁତୁରା ଜଣକ ବଡ଼ବାପାଙ୍କୁ ଠେଙ୍ଗାରେ ଆକ୍ରମଣ କରି ହତ୍ୟା କରିଛନ୍ତି। ଏପରିକି ହତ୍ୟା କରିବା ପରେ ପୁତୁରା ଜଣକ ମୃତଦେହ ନିକଟରେ ଜଗି ରହିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ସଙ୍ଗେ ସଙ୍ଗେ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଅଭିଯୁକ୍ତ ପୁତୁରା ପପୁ ନାଏକ(୨୫)ଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।ସୂଚନାଯୋଗ୍ୟ, ଶନିବାର ଅପରାହ୍ନରେ ବଡ଼ବାପା ପଟକ ନାଏକ(୪୮) ଖାଇପିଇ ଘରେ ଶୋଇଥିଲେ। ମାନସିକ ବିକାରଗ୍ରସ୍ତ ପୁତୁରା ଜଣକ ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର ଦେଇ ଚାଲିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଟକଙ୍କର ମୃତ୍ୟୁ ଘଟିଛି । ତେବେ ଏଭଳି ଘଟଣା ତିନିଦିନ ପୂର୍ବରୁ କୁଶପଦା ଅଞ୍ଚଳରେ ଜଣେ ମାନସିକ ବିକାରଗସ୍ତ ରୋଗୀ ବାପାଙ୍କ ସମେତ ପଡ଼ୋଶୀକୁ ଏକ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିଲେ। ଏଭଳି ଘଟଣା ଥାନା ଅଞ୍ଚଳରେ ବାରମ୍ବାର ଘଟୁଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି।

# ୭୮ ଗ୍ରାମ୍ ହେରୋଇନ ଜବତ : ମାଫିଆ ଗିରଫ

**ଜଗତସିଂହପୁର ନ୍ୟୁଜ ବ୍ୟୁରୋ**



ସମଗ୍ର ରାଜ୍ୟରେ ଅବକାରୀ ବିଭାଗର ସ୍ପେଶାଲ ଡ୍ରାଇଭ ଚାଲିଥିବା ବେଳେ ପାରାଦୀପ ପୌରାଞ୍ଚଳସ୍ଥିତ ଇଫକୋ ଅଞ୍ଚଳରେ ଚଡଉ କରି ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ପାରାଦୀପ ଅବକାରୀ ଥାନା। ଯାଞ୍ଚ ପରେ ତାଙ୍କ ପାଖରୁ ୭୮ ଗ୍ରାମର ହେରୋଇନ୍ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ମୁଷାଡିଆର ବ୍ରଜେନ ମଣ୍ଡଳ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ସମ୍ପର୍କ ରେ ପାରାଦୀପ ଅବକାରୀ ଥାନାକୁ ଅଭିଯୋଗ ମିଳିଥିଲା। ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ହେରୋଇନ୍ ରଖିଥିବାର ସୂଚନା ପରେ ପାରାଦୀପ ଅବକାରୀ ଥାନାର ନିରିକ୍ଷକ ପ୍ରଶାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ପାରାଦୀପ ଅବକାରୀ ଥାନାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ମାଡିବସିଥିଲେ। ଗିରଫ ଅଭିଯୁକ୍ତ ଜଣକ ହେଲେ ବ୍ରଜେନ ମଣ୍ଡଳ। ଜବତ ହେରୋଇନ୍‌ର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୭,୮୦,୦୦୦ ଟଙ୍କା ହେବ। ଅଭିଯୁକ୍ତଙ୍କୁ ଅତିରିକ୍ତ ଜିଲ୍ଲା ଦୌରାଜଜ କୁଜଙ୍ଗଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତ୍ କୁ ପଠାଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଏନ୍ ଡି ପି ଏସ୍ ଆକ୍ଟ ୧୯୮୫ରେ ଅନେକଗୁଡ଼ିଏ ମାମଲା ଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ। ସେ କହିଛନ୍ତି ଅବକାରୀ ବିଭାଗ ମୂଳ ପର୍ଯ୍ୟନ୍ତ ଯିବ। ଅଭିଯୁକ୍ତ ଜଣଙ୍କ କେଉଁଠୁ ହେରୋଇନ୍ ଆଣୁଥିଲେ ଏବଂ ଏହା ପଛରେ କାମ କରୁଥିବା ସିଣ୍ଡିକେଟକୁ ଧରିବାକୁ ପ୍ରୟାସ ଆରମ୍ଭ କରିଛି ଅବକାରୀ ବିଭାଗ।

# କୋର୍ଟ ନୋଟିସ ପାଇଲେ ଯାତ୍ରା ଜଗତର ଚର୍ଚ୍ଚିତ ଅଭିନେତା ପୀୟୂଷ ତ୍ରିପାଠୀ

**କଟକ, ନ୍ୟୁଜ ବ୍ୟୁରୋ**



ଶେଷରେ କୋର୍ଟ ନୋଟିସ ପାଇଛନ୍ତି ଯାତ୍ରା ଜଗତର ଚର୍ଚ୍ଚିତ ଅଭିନେତା ପୀୟୂଷ ତ୍ରିପାଠୀ । ଫଳରେ ଆଜିଠାରୁ ଆଉ ମଞ୍ଚ ଉପରକୁ ଯିବେ ନାହିଁ ପୀୟୂଷ। କୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମଞ୍ଚ ଚଢ଼ିବେ ନାହିଁ ପୀୟୂଷ । କୋର୍ଟରୁ ନୋଟିସ କପି ପାଇଥିବା ପୀୟୂଷ କହିଛନ୍ତି। ଆସନ୍ତା ୧୨ ତାରିଖରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ରହିଛି । ପୀୟୂଷ କହିଛନ୍ତି ଯେ ନୋଟିସ ପାଇଛି, କୋର୍ଟରେ ହାଜର ହେବି । ନ୍ୟାୟପାଳିକା ଉପରେ ଭରସା ରହିଛି । ଘଟଣା ସେତେ ବଡ ନୁହେଁ, ଯାହା ହେବ ଭଲ ହେବ । ୬ ମାସର ବ୍ୟବଧାନ ପରେ ଗତ ୬ ତାରିଖରେ ଯାତ୍ରା ସିଂହବାହିନୀ ପକ୍ଷରୁ ନାଟକ 'ତୁ ମୋ ବଜରଙ୍ଗୀ'ରେ ମଞ୍ଚ ଚଢିଥିଲେ ପୀୟୂଷ । କିନ୍ତୁ ଏହାପରେ ଯାତ୍ରା ସୂର୍ଯ୍ୟ ମନ୍ଦିରର ମାଲିକ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗ କରିଥିଲେ, ପୀୟୂଷଙ୍କ ସହ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଚୁକ୍ତି ଥିବା ସତ୍ତ୍ୱେ ସେ ଅନ୍ୟ ଏକ ପାର୍ଟିରେ ଅଭିନୟ କରିଛନ୍ତି । ଏହାକୁ ଆଧାର କରି କୋର୍ଟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ପୀୟୂଷଙ୍କୁ ଯାତ୍ରା ମଞ୍ଚରେ ଅଭିନୟ ନକରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ବିଦ୍ୟାଳୟ ବାହାରେ ଥିବା ଛାତ୍ରଛାତ୍ରୀ ଙ୍କ ନାମ ଲେଖା ପାଇଁ ମେଗା କ୍ୟାମ୍ପ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**




ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଉଚ୍ଚ ବିଦ୍ୟାଳୟ ଠାରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ରେ ନାମ ଲେଖା ପାଇଁ ମେଗା କ୍ୟାମ୍ପ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଞ୍ଜାଲୁ ମିର୍ଦ୍ଧାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ମେହେର କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକଙ୍କୁ ତଥା ସଭାରେ ଉପସ୍ଥିତଥିବାରୁ ଧନ୍ୟବାଦ ଦେବା ସହ କରିଥିଲେ। ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ କେନ୍ଦ୍ର ଡୁଙ୍ଗୁରିପାଲି ବ୍ଲକ ସଂଯୋଜକ ମନୋରଞ୍ଜନ ଛନ୍ଦ କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ କୁ ପ୍ରାଞ୍ଜଳ ଭାବରେ ବୁଝାଇ ଥିଲେ। ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ରାଜ୍ୟର ସମସ୍ତ ବର୍ଗର ଲୋକମାନଙ୍କୁ ଶିକ୍ଷା ସୁବିଧା ଯୋଗାଇ ଦେଇ ଏକ ସୁନ୍ଦର ଭବିଷ୍ୟତ ଗଠନ କରିବା ଲକ୍ଷ୍ୟରେ ପ୍ରତିଷ୍ଠା କରାଯାଇଛି। ବିଶେଷ କରି ଅଧାରୁ ପାଠ ଛାଡୁଥିବା ଝିଅ ପିଲା, ସ୍ତ୍ରୀ ଲୋକ ବା ଶିକ୍ଷାରୁ ବଞ୍ଚିତ ସହରାଞ୍ଚଳ ବା ଗ୍ରାମାଞ୍ଚଳ ଯୁବପିଢ଼ି, କାର୍ଯ୍ୟରତ ପୁରୁଷ ବା ମହିଳା, ଅନୁସୂଚିତ ଜାତି ଓ ଜନଜାତି, ବିଭିନ୍ନ ପ୍ରକାରର ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀଭୁକ୍ତ ବ୍ୟକ୍ତି ବିଶେଷ ଯେଉଁମାନେ ଆନୁଷ୍ଠାନିକ ବିଦ୍ୟାଳୟ ମାଧ୍ୟମରେ ମାଧ୍ୟମିକ ଶିକ୍ଷାକୁ ଉତ୍ତୀର୍ଣ୍ଣ ହୋଇପାରି ନାହାନ୍ତି ସେହି ମାନଙ୍କ ପାଇଁ ଉଦ୍ଦିଷ୍ଟ। ସଭାରେ ମୁଖ୍ୟ ବକ୍ତା ତଥା ସମ୍ମାନିତ ଅତିଥି ହୋସିୟା ଛତ୍ରିଆ ସମସ୍ତ ଙ୍କର ଉଦ୍ୟମ ରେ ବିଦ୍ୟାଳୟ ବାହାରେ ଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଧାରାରେ ସାମିଲ କରାଯାଇ ପାରିବ ବୋଲି କହିଥିଲେ। ମାୟାବର୍ହା ଆଞ୍ଚଳିକ କେନ୍ଦ୍ର ସଂଯୋଜକ ସୌରଭ ସାହୁ ଓ ବେହେରାମାଲ ଆଞ୍ଚଳିକ କେନ୍ଦ୍ର ସଂଯୋଜକ ସୁରେନ୍ଦ୍ର ରଥ ଶିକ୍ଷା ଏକ ମୌଳିକ ଅଧିକାର ଓ କେହିବି ବଞ୍ଚିତ ରହିବେ ନାହିଁ ବୋଲି ମନ୍ତବ୍ୟ ଦେଇଥିଲେ। ରାମପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ପ୍ରଦୀପ୍ତ କିଶୋର ଦାଶ ସଭାର ସଂଯୋଜନା ଓ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ୪ ଜଣ ଘଓଡଂଝ ଓ ଜଣେ SIOS ରେ ଏବଂ ୨ ଜଣଙ୍କର ଏବେ ପ୍ରୋସେସ ରେ ଚାଲିଛି। ବାଙ୍କୀପାଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁନୀଲ ସେଠ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଙ୍କ ସହଯୋଗ କାର୍ଯ୍ୟକ୍ରମ କୁ ସଫଳ କରିଥିଲା।

# ଚାଷ କାର୍ଯ୍ୟରେ ପାଣିର ସଦ୍‌ବିନିଯୋଗ ପାଇଁ ପରାମର୍ଶ



**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ଜିଲ୍ଲା ଉଠା ଜଳସେଚନ ବିଭାଜନ ପକ୍ଷରୁ ହରଭଙ୍ଗା ବ୍ଲକର କରଡ଼ି ଶିବମନ୍ଦିର ପ୍ରାଙ୍ଗଣରେ ବିଭାଜନ ସ୍ତରୀୟ ପାଣିପାୟତ ପକ୍ଷ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କୃଷକ ସମାବେଶରେ ବିଭାଜନ ନିର୍ବାହୀଯନ୍ତ୍ରୀ ସତ୍ୟନାରାୟଣ ରଣା ଅଧକ୍ଷତା କରିଥିବାବେଳେ ବୌଦ୍ଧ ବିଧାୟକ ତଥା ସରକାରୀଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଷକାର୍ଯ୍ୟରେ ପାଣିର ସଦ୍‌ବିନିଯୋଗ କରି ମିଳିମିଶି ସମସ୍ତ ଚାଷ କରିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ନରେଶ ଚନ୍ଦ୍ର ଆଚାର୍ଯ୍ୟ, ଫୁଲବାଣୀ ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ ଇଂ. ପୁହାଣ, କୃଷିବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ତପନ କୁମାର ଦାସ, ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱଜିତ ମିଶ୍ର, ବିରନରସିଂପୁର ସମିତିସଭ୍ୟା କଲ୍ୟାଣୀ ଦଣ୍ଡସେନା ପ୍ରମୁଖ ଯୋଗଦେଇ ପାଣିପାୟତର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ଏହି ଦିବସ ଉପଲକ୍ଷେ ସ୍କୁଲ ଛାତ୍ରଛାତ୍ରୀ ମଧ୍ୟରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଏହି ସମାରୋହରେ ବିଭିନ୍ନ ଗ୍ରାମରୁ ବହୁସଂଖ୍ୟାରେ ପୁରୁଷ ଓ ମହିଳା ଚାଷୀ ଯୋଗ ଦେଇଥିଲେ।

# ବର୍ଷିୟାନ୍ ଆଦର୍ଶ ଶିକ୍ଷକଙ୍କ ପରଲୋକ

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ଅଞ୍ଚଳର ଜଣେ ଆଦର୍ଶ ଶିକ୍ଷକ ଭାବେ ବେଶ ଜଣାଶୁଣା ବର୍ଷିୟାନ୍ ଶିକ୍ଷାବିତ୍ ସଦାନନ୍ଦ ସାହୁଙ୍କର ଶୁକ୍ରବାର ଦିନ ପରଲୋକ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା । ସେ ଗତ କିଛି ଦିନ ହେଲା ବାର୍ଦ୍ଧକ୍ୟ ଜନୀତ ରୋଗରେ ପୀଡ଼ିତ ଥିଲେ । ଶୁକ୍ରବାର ଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯିବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କଟକ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସମସ୍ତଙ୍କ ପାଖରେ ନନ୍ଦ ସାର୍ ଭାବେ ସୁପରିଚିତ ସ୍ୱର୍ଗତ ସାହୁ ଚୌଦ୍ୱାର ଏମ୍‌ଇ ସ୍କୁଲରୁ ଶିକ୍ଷକତା ଆରମ୍ଭ କରି ୧୯୯୩ ମସିହାରେ ମ୍ୟୁନିସିପାଲ ହାଇସ୍କୁଲରୁ ଅବସର ଗ୍ରହଣ କରିଥିଲେ । ସେ ଜଣେ ମିଷ୍ଟଭାଷୀ, ଛାତ୍ରବତ୍ସଳ ତଥା ଆଦର୍ଶ ଶିକ୍ଷକ ଭାବେ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲେ ।ସେ ଶିକ୍ଷକତା କାଳରେ ବହୁ କୃତିଛାତ୍ର ତିଆରି କରି ଯାଇଛନ୍ତି । ହିନ୍ଦ୍ ସେବକ ସଂଘ ଚୌଦ୍ୱାର କେନ୍ଦ୍ରର ଉପଦେଷ୍ଟା କମିଟି, ରୂପଯାତ୍ରା କମିଟି, ବଡ଼ବଜାର ମେଢ଼ କମିଟି, ଅବସରପ୍ରାପ୍ତ ଶିକ୍ଷକ ସଂଘ ଆଦିରେ ବରିଷ୍ଠ ସଦସ୍ୟ ଭାବେ ସେ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଯାଇଛନ୍ତି । ସେ 'ଚୌଦ୍ୱାରର ଇତିହାସ' ନାମକ ଏକ ପୁସ୍ତକ ରଚନା କରି ଯାଇଛନ୍ତି । ତାଙ୍କ ମୃତ୍ୟୁ ଖବର ପାଇ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ଚୌଦ୍ୱାର ପୌରପାଳିକା ୧ ନମ୍ବର ୱାର୍ଡ଼ ଗଜଲକ୍ଷ୍ମୀ ସାହିସ୍ଥିତ ତାଙ୍କ ବାସ ଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଚାଟେଶ୍ୱର ଶ୍ମଶାନରେ ସତ୍କାର କରାଯାଇଥିଲା । ବଡ଼ପୁଅ ସନ୍ତୋଷ ମୁଖାଗ୍ନି ଦେଇଥିଲେ । ପୁତ୍ର ସୁଶାନ୍ତ, ସୁବାସ, ପୁତ୍ରବଧୂ, ନାତି ନାତୁଣୀଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ତାଙ୍କ ମର ଶରୀର ନିକଟରେ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ମ୍ୟୁନିସିପାଲ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି ।

# କଣ୍ଟେନର ଓଲଟି ୨୦ରୁ ଊର୍ଦ୍ଧ୍ୱ ଗୋରୁ ଓ ଜଣେ ବ୍ୟକ୍ତି ମୃତ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**



ବୌଦ୍ଧ କିଆକଟା ରାସ୍ତା ବୁଲାଣିରେ ଓଲଟିଲା ଗୋରୁ ବୋଝେଇ କଣ୍ଟେନର। ବୌଦ୍ଧ କିଆକଟା ରାସ୍ତା ପନ୍ଚେଇ ବୁଲାଣିରେ ଘଟିଛି ଏହି ଦୁର୍ଘଟଣା। ଦୁର୍ଘଟଣାରେ ୨୦ ରୁ ଊର୍ଦ୍ଧ୍ୱ ଗୋରୁ ମରିଥିବା ସୂଚନା ମିଳିଛି । ଦୁର୍ଘଟଣା ପରେ ଗାଡି ଛାଡ଼ି ଟ୍ରକ୍ ନେଇ ଫେରାର ମାରିଛି ଡ୍ରାଇଭର। କନେର ତଳେ ଚାପି ହୋଇ ଜଣେ ବ୍ୟକ୍ତିଙ୍କ ମଧ ମୃତ୍ୟୁ ହୋଇଥିବାବେଳେ ଦମକଳ ବାହିନୀ ପକ୍ଷରୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ ଅନୁଗୁଳ ଜିଲ୍ଲା କିଆକଟା ଥାନା ରେଢ଼ାଖୋଲ ରାସ୍ତାରେ ଥିବା ବୌଦ୍ଧ ପଟରୁ ଏକ ଗୋରୁ ବୋଝେଇ କଣ୍ଟେନର୍ ଯାଉଥିବା ବେଳେ ପନ୍ଚେଇ ନିକଟରେ ହଠାତ୍ ଭାରସାମ୍ୟ ହରାଇ କନେରଟି ଓଲଟି ପଡ଼ିଥିଲା । ତେବେ କନେର୍ କୁ ସେଠାରେ ଛାଡି ଗାଡ଼ିର ଇଞ୍ଜିନ ନେଇ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡିଛି । କଣ୍ଟେନର୍‌ରେ ଥିବା ଗୋରୁମାନଙ୍କ ମଧ୍ୟରୁ ପ୍ରାୟ ୨୦ ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନେକ ଗୋରୁ ଗୁରୁତର ହୋଇଛନ୍ତି । ବୌଦ୍ଧ ଦମକଳ ବାହିନୀ ଓ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ବେଳେ ସେପଟେ ଘଟଣା ସ୍ଥଳରେ କିଆକଟା ପୋଲିସ ପହି ତଦନ୍ତ ଜାରି ରଖିଛି।

# କେନ୍ଦୁଝରରେ ଉଦ୍ୟମିତା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**କେନ୍ଦୁଝର, ନ୍ୟୁଜ**




ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡଗର)ର ସହାୟତାରେ ଚାଲିଥିବା ଡଗର-ଉଦ୍ୟମୀ କାର୍ଯ୍ୟକ୍ରମ ଅଧୀନରେ ଚୟନ କରାଯାଇଥିବା ଅଂଶ ଗ୍ରହଣକାରୀମାନଙ୍କ ପାଇଁ, ଭାରତ ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟମ ମନ୍ତ୍ରଣାଳୟର ସହାୟତାରେ ଏବଂ ଭାରତୀୟ ଉଦ୍ୟମିତା ବିକାଶ ସଂସ୍ଥା (ଋଡଓଓ)ର ସହଯୋଗରେ ବକ୍ସଇବାରୀଗାଁ, କେନ୍ଦୁଝରରେ ଏକ ୪୫ ଦିନିଆ ଉଦ୍ୟମିତା କୌଶଳ ବିକାଶ କାର୍ଯ୍ୟକ୍ରମ ଅଧୀନରେ ସିଲାଇ / ପୋଷାକ ଉତ୍ପାଦନ କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭ ଉଦଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଉଛି ଡଗର-ଉଦ୍ୟମୀ ଯୋଜନା ମାଧ୍ୟମରେ ଚୟନିତ ମହିଳା ଉଦ୍ୟମୀମାନଙ୍କୁ କୌଶଳ, ବ୍ୟବସାୟ ଜ୍ଞାନ ଓ ଆତ୍ମନିର୍ଭରତା ଦିଗରେ ସଶକ୍ତ କରିବା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଗଣେଶ୍ୱର ନାୟକ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ଯୋଗଦେଇ କହିଥିଲେ ଯେ, ମହିଳାମାନେ ଯଦି କୌଶଳ ସହିତ ବ୍ୟବସାୟ ଜ୍ଞାନଅର୍ଜନ କରନ୍ତି, ତେବେ ସେମାନେ ନିଜ ଅର୍ଥନୈତିକ ଆତ୍ମନିର୍ଭରତା ସ୍ଥାପନ କରିପାରିବେ। ସେ ମହିଳା ଉଦ୍ୟୋଗପତିମାନଙ୍କୁ ସରକାରୀ ଯୋଜନା, ରଣ ସୁବିଧା ଓ ବଜାର ସଂଯୋଗ ସମ୍ପର୍କରେ ମଧ୍ୟ ଅବଗତ କରାଇଥିଲେ। ସନ୍ନମାନିତ ଅତିଥି ଭାବେ ଶ୍ରୀଯୁକ୍ତ ଅଜୟ କମାର ମହାନ୍ତ, ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ କହିଥିଲେ ଯେ, ଏହି ପ୍ରଶିକ୍ଷଣ ସମାପ୍ତି ପରେ ଯୋଗ୍ୟ ପ୍ରଶିକ୍ଷୁଆର୍ଥୀମାନଙ୍କୁ ଚଗରଏଚ, ଚଗରଗର, ଗକଟଣ ପରି ବିଭିନ୍ନ ସରକାରୀ ଯୋଜନା ଅଧୀନରେ ଆର୍ଥିକ ସହାୟତା ଓ ଉଦ୍ୟମ ସ୍ଥାପନ ପାଇଁ ମାର୍ଗଦର୍ଶନ ପ୍ରଦାନ କରାଯିବ। ଶ୍ରୀଯୁକ୍ତ ହରେକୃଷ୍ଣ ମହାନ୍ତ ଗ୍ରାମୀଣ ସ୍ୱରୋଜଗାର ପ୍ରଶିକ୍ଷଣ ସଂସ୍ଥା, ଡିରେକ୍ଟର କହିଥିଲେ ଯେ, ସିଲାଇ ଓ ପୋଷାକ ଉତ୍ପାଦନ କ୍ଷେତ୍ରରେ ଆଜିର ଦିନରେ ବିଶାଳ ରୋଜଗାର ସମ୍ଭାବନା ରହିଛି ଏବଂ ଏହି ପ୍ରଶିକ୍ଷଣ ମାଧ୍ୟମରେ ମହିଳାମାନେ ଘରୁ ବସି ମଧ୍ୟ ଆୟ ଉପାର୍ଜନ କରିପାରିବେ। ଡକ୍ଟର କୁରେଶ କୁମାର ନାୟକ ଜିଲ୍ଲା ବିକାଶ ପ୍ରବନ୍ଧକ, ନାବାର୍ଡ କହିଥିଲେ ଯେ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉଦ୍ୟମୀମାନଙ୍କୁ ବ୍ୟାଙ୍କ ସଂଯୋଗ, କ୍ରେଡିଟ ଲିଙ୍କେଜ ଓ ବଜାରିକରଣ ସହଯୋଗ ପ୍ରଦାନ କରାଯିବ। ଏହି ୪୫ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୩୦ ଜଣ ମହିଳା ପ୍ରଶିକ୍ଷୁଆର୍ଥୀ ଅଂଶ ଗ୍ରହଣ କରୁଛନ୍ତି। ପ୍ରଶିକ୍ଷଣ କାଳୀନ ସମୟରେ ସେମାନଙ୍କୁ ପ୍ରାୟୋଗିକ ଶିକ୍ଷା ସହିତ ସାଥିସାଥି ବ୍ୟବସାୟ ପରିକଳ୍ପନା, ମୂଲ୍ୟ ନିର୍ଦ୍ଧାରଣ, ବ୍ରାଣ୍ଡିଂ ଓ ବଜାର ସଂଯୋଗ ବିଷୟରେ ମଧ୍ୟ ପ୍ରଶିକ୍ଷଣ ଦିଆଯିବ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରକଳ୍ପ ପରିଚାଳକ ସଞ୍ଜୟ ସାହୁ ସଫଳ ଭାବେ ସଂଯୋଜନା କରିଥିବା ବେଳେ ବ୍ଲକ ସଂଯୋଜିକା ଶ୍ରୀମତୀ ଆଲିଶା ଶତପଥି ଓ ଅରବିନ୍ଦ ବେହେରା ସହ ଅନ୍ୟାନ୍ୟ କ୍ଷେତ୍ରସ୍ତରୀୟ କର୍ମୀମାନେ ସହଯୋଗ ପ୍ରଦାନ କରିଥିଲେ।

# କୃଷି କାର୍ଯ୍ୟରେ ଉନ୍ନତ ବୈଷୟିକ ଜ୍ଞାନକୌଶଳ ଉପଯୋଗ ପାଇଁ ଆହ୍ୱାନ

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**



"ସମ୍ପ୍ରତି କୃଷି କ୍ଷେତ୍ର ଆଡ଼କୁ ମୁହଁ ଫେରାଇବାର ସମୟ ଆସିଛି। ତେବେ ସାଧାରଣ ପାରମ୍ପରିକ ଶୈଳୀ ନୁହେଁ, ଉନ୍ନତ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି କୃଷିଦିଗରେ ମନ ବଳାଇଲେ ଏହା ଆମକୁ ସୁନା ଫଳାଇବାରେ ସାହାଯ୍ୟ କରିବ।" ଶୁକ୍ରବାର ନରାଜ ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କୃଷି ବିଭାଗ ପକ୍ଷରୁ ଆୟୋଜିତ 'ଓପନ୍ ଡେ-୨୦୨୬' ଅବସରରେ ନିଜ ଅଭିଭାଷଣରେ କିଛି ଏହିପରି କହିଥିଲେ କୁଳସଚିବ ପ୍ରଫେସର ଡ. ଅନିଲ ଶର୍ମା। ଏଥିସହ କୃଷିରେ କ୍ୟାରିଅର ଗଢ଼ିବା ନେଇ ଥିବା ବିସ୍ତୃତ ସୁଯୋଗଗୁଡ଼ିକ ସମ୍ପର୍କରେ ମଧ୍ୟ ବର୍ଣ୍ଣନା କରିବାକୁ ଭୁଲି ନ ଥିଲେ। କୁଳପତି ପ୍ରଫେସର ଡ. ତେଜପ୍ରତାପ ପ୍ରତ୍ୟେକ ଭାରତୀୟ ବିଦ୍ୟାର୍ଥୀ କୃଷି ସମ୍ପର୍କରେ ଜ୍ଞାନ ଆହରଣ କରିବା ଆବଶ୍ୟକ ଏବଂ ସେଥିପାଇଁ ସେମାନଙ୍କୁ ଭିନ୍ନ ଭିନ୍ନ କୌଶଳ ଏବଂ ଆକର୍ଷଣୀୟ ମଡେଲ୍ ଜରିଆରେ କୃଷିର ସକାରାତ୍ମକ ଦିଗ ପ୍ରତି ଆକୃଷ୍ଟ କରିବା ଆବଶ୍ୟକ ବୋଲି କହିଥିଲେ। ବିଭାଗୀୟ ଡିନ୍ ପ୍ରଫେସର ଡ. ଏସ୍. କୁମାରସ୍ୱାମୀ ନିଜ ବକ୍ତବ୍ୟରେ କୃଷି ବିଷୟରେ ଜାଣିବା ନେଇ ବିଦ୍ୟାର୍ଥୀମାନଙ୍କୁ ପ୍ରୋତ୍ସାହିତ କରୁଥିବା ବିଦ୍ୟାଳୟଗୁଡ଼ିକ ପ୍ରତି କୃତଜ୍ଞତା ପ୍ରକାଶ କରିଥିବା ବେଳେ କୁଳସଚିବ ପ୍ରଫେସର ଡ. ଅନିଲ ଶର୍ମା ସମ୍ପ୍ରତି କୃଷି କିଭଳି ଯୁବ ସମ୍ପ୍ରଦାୟ ପାଇଁ ରୋଜଗାରର ଏକ ଅପ୍ରତିଦ୍ୱନ୍ଦ୍ୱୀ ମାଧ୍ୟମ ପାଲଟିଛି, ସେକଥା କୌତୁକିଆ ଅନ୍ଦାଜରେ ପିଲାମାନଙ୍କୁ କହିଥିଲେ। ସହକାରୀ ଡିନ୍ ଡ. ଚିନ୍ମୟୀ ମହାପାତ୍ର ଏବଂ ଡ. ଅନୁପମା ସିଂହଙ୍କ ସମେତ କୃଷି ବିଭାଗର ସମସ୍ତ ଫ୍ୟାକଲ୍ଟି, କର୍ମଚାରୀ, ସ୍ୱେଚ୍ଛାସେବୀ ଓ ବିଦ୍ୟାର୍ଥୀମାନେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ପକ୍ଷରୁ ଆୟୋଜିତ ଏହି 'ଓପନ୍ ଡେ-୨୦୨୬' କାର୍ଯ୍ୟକ୍ରମ ଥିଲା କୋମଳମତି ବିଦ୍ୟାର୍ଥୀମାନଙ୍କ ମଧ୍ୟରେ କୃଷି, ସେଥିରେ ବ୍ୟବହୃତ ଉନ୍ନତ ଜ୍ଞାନକୌଶଳ, ପ୍ରକଳ୍ପ ଓ କୃଷି ଯନ୍ତ୍ରପାତି ନେଇ ଆଗ୍ରହ ସୃଷ୍ଟି କରିବା, ତଦ୍ ଜନିତ କିଛି ଉଦ୍ଭାବନ ନିମନ୍ତେ ମନ ବଳାଇବାକୁ ପ୍ରେରିତ କରିବା ଦିଗରେ ଉଦ୍ଦିଷ୍ଟ। ଏହି କାର୍ଯ୍ୟକ୍ରମରେ ସତ୍ୟସାଇ ସ୍କୁଲ୍, ଅରିହନ୍ତ ଗୁରୁକୁଳମ୍, ଅରିହନ୍ତ ଗୁରୁକୁଳ, ନ୍ୟୁ ଷ୍ଟିୱାର୍ଟ ସ୍କୁଲ୍ (ମିଶନ ରୋଡ୍ ବକ୍ସିବଜାର), ମଡର୍ଣ୍ଣ ପବ୍ଲିକ୍ ସ୍କୁଲ୍ (ଚହଟା ବିଡ଼ାନାସୀ), ଜାଭିଅର୍ସ ସ୍କୁଲ୍ (ସିଡିଏ), ଏଲ୍‌ଆର୍ ଡିଏଭି ସ୍କୁଲ୍ (ଗଣ୍ଡରପୁର) ଭଳି କଟକ ସହର ଓ ଆଖପାଖର ବହୁ ବିଦ୍ୟାଳୟରୁ ପ୍ରାୟ ୮୦୦ ବିଦ୍ୟାର୍ଥୀ ଏକାଠି ହୋଇଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟ-ସଂଯୋଜକ ଡ. ଅଭିନବ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅଷ୍ଟମରୁ ନେଇ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନେ ନିଜ ନିଜ ବିଦ୍ୟାଳୟର ଅଧକ୍ଷ (ପ୍ରିନ୍ସିପାଲ) ଏବଂ ଶିକ୍ଷକମାନଙ୍କ ସହ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମଟି କୃଷି, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ନିରନ୍ତର କୃଷିକାର୍ଯ୍ୟ ସମ୍ପର୍କରେ ପିଲାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଉଦ୍ଦିଷ୍ଟ ଥିଲା । ଏହାବ୍ୟତୀତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଏକ ଆକର୍ଷଣୀୟ କୃଷି ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ସେଥିରେ କୃଷିର ବିଭିନ୍ନ କୌଶଳ, ଫସଲ ଉତ୍ପାଦନ, ଜଳସେଚନ ପ୍ରଣାଳୀ, ଆଧୁନିକ କୃଷି ପଦ୍ଧତି ତଥା ବ୍ୟବସାୟିକ ମୂଲ୍ୟବୋଧଭିତ୍ତିକ ଉତ୍ପାଦକୁ ନେଇ ବିଭିନ୍ନ ଆକର୍ଷଣୀୟ ମଡେଲମାନ ସ୍ଥାନ ପାଇଥିଲା। ଖାଲି ସେତିକି ନୁହେଁ, ବହୁ ସୁଦୃଶ୍ୟ ଷ୍ଟଲରେ ପ୍ରଦର୍ଶିତ ବିଭିନ୍ନ କୃଷି ଏବଂ ଖାଦ୍ୟ ଉତ୍ପାଦ ପ୍ରତି ପରିଦର୍ଶନରେ ଆସିଥିବା ବିଦ୍ୟାର୍ଥୀମାନେ ବେଶ୍ ରୁଚି ଦେଖାଇଥିବା ପରିଲକ୍ଷିତ ହୋଇଥିଲା । ଏଭଳି ଏକ ଅଭିନବ ଆୟୋଜନ ସେମାନଙ୍କ ମନରେ ଥିବା ବହୁ ପ୍ରଶ୍ନର ସରଳ ଓ ଆଶୁ ସମାଧାନ କରିବାରେ ସକ୍ଷମ ହେଲା ବୋଲି 'ଓପନ୍ ଡେ-୨୦୨୬'ରେ ଭାଗ ନେଇଥିବା ଅଧିକାଂଶ ବିଦ୍ୟାର୍ଥୀ କହିଥିଲେ । ପ୍ରାଧାପିକା ଡ. ବୁଲବୁଲ୍ ବବଲୀନା ଏହି କାର୍ଯ୍ୟକ୍ରମଟିକୁ ସଞ୍ଚାଳନ କରିଥିବା ବେଳେ ପ୍ରାଧାପିକା ଡ. ଶୀତଲ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋପାଳପୁରକୁ 'ଆମ ବସ୍' ଚଳାଚଳ ନେଇ ବିବାଦ ତେଜିଲା

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଗୋପାଳପୁରକୁ ଆମ ବସ୍ ଚଳାଚଳ ଆରମ୍ଭ କରିଛି । ପୂର୍ବରୁ ଏହି ବସ୍ କରାପଲ୍ଲୀ ପର୍ଯ୍ୟନ୍ତ ଯାଇ ପୁଣି ବ୍ରହ୍ମପୁରକୁ ଫେରୁଥିଲା । ତେବେ ହଠାତ୍ କୌଣସି ଆଗୁଆ ନୋଟିସ ନ ଦେଇ ଗୋପାଳପୁରକୁ ଆମ ବସ୍ ଚଳାଚଳ ନେି କ୍ଟୁଟ୍ କର୍ତ୍ତୃପକ୍ଷଙ୍କ ରାତିଅଧିଆ ନିଷ୍ପତିକୁ ନେଇ ସୃଷ୍ଟି ହୋଇଛି ବିବାଦ । ସ୍ଥାନୀୟ ସିଟି ହସ୍ପିଟାଲ୍ ଛକ ଠାରେ ଗଟସେଲ୍ ବସ୍‌ର କର୍ମଚାରୀମାନେ ଗୋପାଳପୁର ଯାଉଥିବା ସମସ୍ତ ଆମ ବସକୁ ଅଟକାଇଥିଲେ । ଫଳରେ କିଛି ସମୟ ପାଇଁ ଘଟଣାସ୍ଥଳରେ ଟ୍ରାଫିକ୍ ସମସ୍ୟା ସହିତ ଉତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ପରେ ଖବର ପାଇ ଟ୍ରାଫିକ୍ ଥାନା ପୋଲିସ ହସ୍ତକ୍ଷେପ କରି ବୁଝାମଣା କରିଥିଲା । ପ୍ରକାଶଯୋଗ୍ୟ ଯେ, ପୂର୍ବରୁ ବିଇଡ଼ିଏ ଅଧୀନରେ ଥିବା ଗଟ୍‌ସେଲ୍ ଗଞ୍ଜାମ ଅର୍ବାନ୍ ଟ୍ରାନ୍ସପୋର୍ଟ ସର୍ଭିସ୍ ଲିମିଟେଡ୍ ପକ୍ଷରୁ ସହରରୁ ବିଭିନ୍ନ ସ୍ଥାନକୁ ସିଟି ବସ୍ ଚଳାଚଳ କରାଯାଉଥିଲା । ଯାହାକୁ ପରବର୍ତ୍ତୀ ସମୟରେ ଟେଣ୍ଡର ଯୋଗେ ଘରୋଇ ସଂସ୍ଥାକପୁ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ବ୍ରହ୍ମପୁର, ଛତ୍ରପୁର ଓ ଗୋପାଳପୁର ମଧ୍ୟରେ ୨୨ ଗୋଟି ବସ୍ ଚଳାଚାଳ ପାଇଁ ଜୁନ୍ ୨୦୨୨ ମସିହାରେ ରାମକୃଷ୍ଣ ସାହୁ ଓ ଗଟସେଲ୍ ମଧ୍ୟରେ ୫ ବର୍ଷିଆ ଚୁକ୍ତିନାମା ହୋଇଥିଲା । ଯାହାର ଅବଧି ଜୁନ୍ ୨୦୨୭ ପର୍ଯ୍ୟନ୍ତ ବଳବତର ରହିଛି । ଚୁକ୍ତିନାମା ପ୍ରକାରେ ୨୨ଟି ସିଟି ବସ୍ ପାଇଁ ରାମକୃଷ୍ଣ ସାହୁଙ୍କୁ ମାସିକ ୩୦ ହଜାର ଟଙ୍କା ଗଟସେଲ୍‌ରେ ପୈଠ କରିବାକୁ ପଡୁଛି । ତେବେ ୨୨ଟି ବସ୍ ସ୍ଥାନରେ ବର୍ତ୍ତମାନ ୧୬ଟି ବସ୍ ଚାଲୁଥିବା ବେଳେ ରାମକୃଷ୍ଣଙ୍କୁ କ୍ଷତି ସହିବାକୁ ପଡୁଛି । ପୂର୍ବରୁ ମଧ୍ୟ ଥରେ ଆମ ବସ୍‌କୁ ଗୋପାଳପୁର ପର୍ଯ୍ୟନ୍ତ ଚଳାଚଳ କରିବାକୁ ଉଦ୍ୟମ କରାଯାଉଥିବାରୁ କ୍ଟୁଟ୍ କର୍ତ୍ତୃପକ୍ଷ ଏଥିରୁ ନିବୃତ୍ତ ରହିଥିଲେ । ତେବେ ଗତ ରାତିରେ ହଠାତ୍ ତରବରିଆ ନିଷ୍ପତି ନେଇ କ୍ଟୁଟ୍ କର୍ତ୍ତୃପକ୍ଷ ବିନା କୌଣସି ନୋଟିସରେ ବ୍ରହ୍ମପୁର ଠାରୁ ଗୋପାଳପୁରକୁ ୬ଟି ବସ୍ ଚଳାଚଳ ଆରମ୍ଭ କରିଥିଲେ । ଯାହାକୁ ଦେଖି ଗଟସେଲ୍ ସହିତ ଚୁକ୍ତିବଦ୍ଧ ଥିବା ଘରୋଇ ସଂସ୍ଥା ତଥା ସିଟି ବସ୍‌ର କର୍ମଚାରୀମାନେ ଗୋପାଳପୁର ଯାଉଥିବା ଆମ ବସଗୁଡ଼ିକ ଅଟକାଇଥିଲେ । ଫଳରେ ଦୀର୍ଘ ସମୟ ଦରି ବସ୍ ଗୁଡ଼ିକ ରାସ୍ତା ଉପରେ ଅଟକି ଟ୍ରାଫିକ୍ ଜାମ୍ ସହିତ ଉତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଯଦିଓ ଟ୍ରାଫିକ ଇନିସ୍ପେକ୍ଟର ଘଟଣାରେ ହସ୍ତକ୍ଷେପ କରି ବୁଝାସୁଝା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା । ଗଟସେଲ୍ ସହିତ ଘରୋଇ ସଂସ୍ଥାର ଚୁକ୍ତିର ଅବଧି ରହିଥିବା ବେଳେ ହଠାତ୍ ଏଭଳି ନିଷ୍ପତି ନେିୟମ । ପୂର୍ବରୁ ଯଦିଓ ଗଟ୍‌ସେଲ୍‌କୁ କ୍ଟୁଟ୍ ସହିତ ମିଶ୍ରଣ କରାଯିବ ବୋଲି କୁହାଯାଉଛି ତେବେ ତାହା ହୋଇନାହିଁ। ଏଭଳି ସ୍ଥିତିରେ ସିଟି ବସ୍ ଦାୟିତ୍ୱରେ ଥିବା ସଂସ୍ଥାକୁ କ୍ଷତି ସହିବାକୁ ପଡ଼ିବ । ଏନେଇ ଜିଲ୍ଲାପାଳ ତଥା ଗଟ୍‌ସେଲ୍‌ର ଅଧକ୍ଷ ନିଜେ ସମାଧାନର ବାଟ ବାହାର କରିବାକୁ ପଡ଼ିବ । ସେପଟେ କ୍ଟୁଟ୍‌ର ସହକାରୀ ଡ଼ିପୋ ମ୍ୟାନେଜର କିଶାନ୍ ଦାଶଙ୍କ ସହ ଯୋଗାଯୋଗ କରାଯିବାରେ ସେ ଏନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି । ତାଙ୍କର କହିବା କଥା ହେଲେ ବ୍ରହ୍ମପୁରକୁ ଖୁବ୍‌ଶୀଘ୍ର ୫୦ଟି ଆମବସ୍ ଆସୁଛି। ସେଥି ମଧ୍ୟରୁ ୨୩ଟି ନୂଆ ବସ୍ ଆସିସାରିଛି । ଆମବସ୍ ପ୍ରତି ଯାତ୍ରୀଙ୍କ ଆଗ୍ରହ ଓ ଦାବିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଗଟ୍‌ସେଲ୍‌ର ଅଧକ୍ଷ ଭି. କିର୍ତି ଭାସନଙ୍କ ପରାମର୍ଶ କ୍ରମେ ଗୋପାଳପୁରକୁ ଗାଡ଼ି ଚଳାଚଳ ଆରମ୍ଭ କରାଯାଇଛି । ସମସ୍ତ ଗାଡ଼ି ଶୀତତାପ ନିୟନ୍ତ୍ରିତ ଓ ବ୍ୟାଟେରୀ ଚାଳିତ ଥିବା ବେଳେ କିଲୋମିଟର ପିଛା ୫ଟା ହିସାବରେ ଟିକେଟ୍ ମୂଲ୍ୟ ଧାର୍ଯ୍ୟ କରାଯାଇଛି । ଯାହା ସିଟି ବସ୍ ଠାରୁ ଯଥେଷ୍ଟ ଅଧିକ। ପୂର୍ବରୁ କରାପଲ୍ଲୀ ପର୍ଯ୍ୟନ୍ତ ଯାଉଥିବା ସମସ୍ତ ୬ଟି ବସ୍‌ର ରୁଟ୍‌କୁ ବର୍ତ୍ତମାନ ଗୋପାଳପୁର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଆଗକୁ ଅଧିକ ବସ୍ ଆସିଲେ ଏହି ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାର ସମ୍ଭାବନା ଥିବା ସେ ସୂଚନା ଦେଇଛନ୍ତି ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଯୁଦ୍ଧ ପ୍ରହାରରେ ସମ୍ବିଧାନ ବି ବଦଳାଇବାକୁ ହୋଇଥାଏ

ଅପରେସନ୍ ସିନ୍ଦୂର ମାଡ଼ରେ ପାକିସ୍ତାନର ଅବସ୍ଥା ସମସ୍ତଙ୍କୁ ଜଣା। ସିନ୍ଦୂର ପ୍ରହାରରେ ଆତଙ୍କୀସ୍ଥାନକୁ ଧୋଇଥିଲା ଭାରତ । ତେଣୁ ବାଧ୍ୟ ହୋଇ ପାକିସ୍ତାନ ତାର ସୈନ୍ୟ ଏବଂ ସମ୍ବିଧାନ ପ୍ରଣାଳୀକୁ ବଦଳାଇଥିଲା । ପାକିସ୍ତାନର ସାମ୍ବିଧାନିକ ସଂଶୋଧନ ଏହାର ପ୍ରମାଣ ଯେ ଏହି ଅଭିଯାନ ତାକୁ ଗଭୀର କ୍ଷତି ପହଞ୍ଚାଇଛି । ପୁଣେ ପବ୍ଲିକ ପଲିସି ଫେଷ୍ଟିଭାଲରେ ଯୋଗ ଦେଇ ଏମିତି କହିଛନ୍ତି ଦେଶର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଅନୀଲ ଚୌହାନ ।

ସିଡିଏସ୍ ସ୍ପଷ୍ଟ କରିଛନ୍ତି କି, ଅପରେସନ୍ ସିନ୍ଦୂର ବର୍ତ୍ତମାନ 'ପଞ୍ଚ'ରେ ରହିଛି। ଏହା ପାକିସ୍ତାନର ତ୍ରୁଟି ଏବଂ ସୈନ୍ୟ ଦୁର୍ବଳତାକୁ ପଦାରେ ପକାଇଛି । ପାକିସ୍ତାନ ଏହାର ସମ୍ବିଧାନର ଧାରା ୨୪୩ ସଂଶୋଧନ କରି ଯୁଗ୍ମ ମୁଖ୍ୟ ଷ୍ଟାଫ କମିଟିର ଅଧକ୍ଷ ପଦବୀକୁ ରଦ୍ଦ କରିଛି । ଏହି ପଦବୀରେ ତିନି ସଶସ୍ତ୍ର ବାହିନୀ ମଧ୍ୟରେ ଉତ୍ତମ ସମନ୍ୱୟକୁ ସୁଗମ କରିବା ପାଇଁ ସୃଷ୍ଟି କରାଯାଇଥିଲା । ଏହା ସ୍ଥାନରେ ପ୍ରତିରକ୍ଷା ବାହିନୀ ମୁଖ୍ୟଙ୍କ ନୂଆ ପଦବୀ ତିଆରି କରାଯାଇଛି । ପ୍ରତିରକ୍ଷା ବାହିନୀ ମୁଖ୍ୟ ପଦବୀ କେବଳ ସେନା ମୁଖ୍ୟଙ୍କ ସୁପାରିଶରେ ଗଠିତ ହେବ ଯାହା ସଂଯୁକ୍ତାର ଭାବନା ବିରୋଧ ଏବଂ ଶାନ୍ତି କେନ୍ଦ୍ରୀକରଣକୁ ଦର୍ଶାଉଛି । ଏବେ ପାକିସ୍ତାନ ସେନାମୁଖ୍ୟ କେବଳ ସ୍ଥଳ ସାମରିକ ଅଭିଯାନ ପାଇଁ ଦାୟୀ ରହିବେ ନାହିଁ ବଂର ନୌସେନା, ବାୟୁସେନା ଏବଂ ପରମାଣୁ ଏବଂ ରଣନୈତିକ ମାମଲା ଉପରେ ମଧ୍ୟ ତାଙ୍କର ନିୟନ୍ତ୍ରଣ ରହିବ ଯାହା କ୍ଷମତାର କେନ୍ଦ୍ରୀକରଣ ଦିଗରେ ବଡ଼ ପଦକ୍ଷେପ।'' ଗତବର୍ଷ ଏପ୍ରିଲରେ ପହଲଗାମର ବୈସରନ ଘାଟିରେ ଆତଙ୍କବାଦୀ ହମଲା ହୋଇଥିଲା । ଯେଉଁଥିରେ ୨୬ ନାଗରିକଙ୍କର ମୃତ୍ୟୁ ହୋଇଥିଲା । ପହଲଗାମ ଆକ୍ରମଣର ପ୍ରତିଶୋଧ ନେବାକୁ ଅପରେସନ୍ ସିନ୍ଦୂର ଲଞ୍ଚ କରିଥିଲା ଭାରତୀୟ ସେନା । ମେ ୬ ଏବଂ ୭ ତାରିଖ ବିଳମ୍ବିତ ରାତିରେ ଅପରେସନ୍ ସିନ୍ଦୂର ଲଞ୍ଚ କରି ପିଓକେ ସମେତ ୯ ଆତଙ୍କୀ ଆଡ୍ଡାରେ ଆକ୍ରମଣ କରିଥିଲା । ଯେଉଁଥିରେ ୧୦୦ରୁ ଅଧିକ ଆତଙ୍କୀ ନିପାତ ହୋଇଥିଲେ । ଅପରେସନ୍ ସିନ୍ଦୁର ଭାରତକୁ ଉଚ୍ଚ ପ୍ରତିରକ୍ଷା ସଂଗଠନ ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମ ଶିକ୍ଷା ପ୍ରଦାନ କରିଛି । ଉରି ସର୍ଜିକାଲ୍ ଷ୍ଟ୍ରାଇକ୍, ଡୋକଲାମ୍, ଗାଲୱାନ୍ ଏବଂ ବାଲାକୋଟ୍ ଏୟାରଷ୍ଟ୍ରାଇକ୍ ପରି ଆହ୍ୱନରୁ ଅଭିଜ୍ଞତା ହାସଲ କରି ଭାରତ ଏକ ଷ୍ଟ୍ରେଟ୍ ଜ୍ୟାକେଟେଡ୍ ଜଏଣ୍ଟ ଥିଏଟର କମାଣ୍ଡ ସିଷ୍ଟମ୍ ଆଡକୁ ଅଗ୍ରସର ହେଉଛି । ଏହି ସିଷ୍ଟମ୍ ମେ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି ସିଡିଏସ୍ ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ

---

### ଆମେକି ସ୍ୱାଧୀନ



ତ୍ରିରଙ୍ଗା ପତାକା ତଳେ
ଗୋଛା ଗୋଛା ଫୁଲ ତୋଡା ଧରି
ସମସ୍ତେ କୁହନ୍ତି
ଆମେ ସବୁ ସ୍ୱାଧୀନ ଭାରତ ସନ୍ତାନ । ୧।
ସ୍ୱାର୍ଥ ଯା'ର ସହଚରୀ
ହିଂସା ଯା'ର ବେଳେ ଅଛି ପୁରି
ବାହ୍ୟ ଆଡମ୍ବର କରି
ଜାତୀୟ ପତାକା ତଳେ ଦିଅନ୍ତି ସ୍ଲୋଗାନ । ୨।
ସ୍ୱାଧୀନତା ମୁଖାପିନ୍ଧି
ଶକୁନିର ପଶାକାଠି ଧରି
ସମସ୍ତେ କୁହନ୍ତି
କୋଟି କୋଟି ସର୍ବେ ଆମେ ଗୋଟିଏ ମାଆର
ସନ୍ତାନ । ୩।
ଅହିଂସାର ଝଣ୍ଡାତଳେ
ପ୍ରତିହିଂସା କେବେ ରହିନାହିଁ ।
କାଳ ବୁଲୁଅଛି
କେତେବେଳେ ଝାମ୍ପିନେବ ତୁମ୍ଭର ଜୀବନ । ୪।
ସତ୍ୟର ଧରିତ୍ରୀ କୋଳେ
ମିଥ୍ୟା କେବେ ତିଷ୍ଠି ପାରିନାହିଁ
ଧର୍ମ ସାକ୍ଷୀ ଅଛି
ମୁଖା ଖୋଲି ଶିକ୍ଷାଦେବ ଆସୁଛି ସେଦିନ । ୫ ।
ନଥିବ ତ୍ରିରଙ୍ଗା ତଳେ
ମାୟାବୀର ଫୁଲ ଚୌଡା କିଛି
ସେଦିନ ଆସୁଛି
ସତ୍ୟ ଓ ଅହିଂସା ସାଥେ ପ୍ରିୟ ଦେବ ଶିଶୁ । ୬ ।
ସାବଧାନ ହୁଅ ସର୍ବେ
କପଟତା ହୃଦୁ ପରିହରି
ସର୍ବେ ମିଳିମିଶି
ଗାଇ ଚାଲ ସ୍ୱାଧୀନ ଭାରତ ସନ୍ତାନ । ୭।

# ଆଧୁନିକ ଶିକ୍ଷା ଓ ସଂକ୍ରାନ୍ତିପୁରୁଷ ଫକୀରମୋହନ

## (ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଉପଲକ୍ଷେ)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଜାନୁଆରୀ ୧୪, ପବିତ୍ର ମକରସଂକ୍ରାନ୍ତି। ଓଡିଶା ସାହିତ୍ୟ ଜଗତ ଚଳଚଞ୍ଚଳ। ପାଳିତ ଉତ୍କଳର ବାସକବି ଫକୀରମୋହନଙ୍କ ଜୟନ୍ତୀ। ତାଙ୍କ ଆବିର୍ଭାବ ପବିତ୍ର ମକରସଂକ୍ରାନ୍ତି (ଜାନୁଆରୀ ୧୩,୧୮୪୩ ମସିହା) ରେ, ତିରୋଧାନ ଦିବସ ମିଥୁନସଂକ୍ରାନ୍ତି / ରଜସଂକ୍ରାନ୍ତି (ଜୁନ୍ ୧୪, ୧୯୧୮)। ତେଣୁ ସେ ସଂକ୍ରାନ୍ତିପୁରୁଷ ଭାବେ ଖ୍ୟାତ। ମକରସଂକ୍ରାନ୍ତିରେ ସୂର୍ଯ୍ୟଙ୍କର ଉତ୍ତରାୟାଣ ଗତି, ମକରକ୍ରାନ୍ତିରେ ସ୍ଥିତି। ଦିନଟି ଅତି ପବିତ୍ର। ଏହି ଦିନ ପିତାମହ ଭୀଷ୍ମ ଇଚ୍ଛାମୃତ୍ୟୁ ବରଣ କଲେ। ବାସ୍ତବିକ ଯୋଗଜନ୍ମା ଫକୀରମୋହନ। ଓଡ଼ିଆ ଗଦ୍ୟ ସାହିତ୍ୟର ସେ ସମ୍ରାଟ ଭାବେ ସର୍ବତ୍ର ବିଦିତ। 'ଛ' ମାଣ ଆଠଗୁଣ୍ଠ' ଉପନ୍ୟାସ ତାଙ୍କୁ ବିଶ୍ୱଦରବାରରେ ପରିଚିତି ଦେଇଛି। ସେହିପରି ସେ ୨୦ଟି କାଳଜୟୀ କ୍ଷୁଦ୍ରଗଳ୍ପର ଜନକ। ପ୍ରଥମଗପ 'ରେବତୀ' ଠାରୁ ସଭ୍ୟ ଜମିଦାର - ପ୍ରତିଟିରେ ଊନବିଂଶ ଶତାବ୍ଦୀ ଜନଜୀବନର ଚିତ୍ର ଅତି ମଞ୍ଜୁଳ। ଫକୀରମୋହନ ଆଧୁନିକ ଶିକ୍ଷା ତଥା ନାରୀ ଶିକ୍ଷାର ସପକ୍ଷବାଦୀ। ଅନୁରୂପଭାବେ ସେ ଇଂରାଜୀ ଶିକ୍ଷାର ହଳାହଳ ଦିଗକୁ ମଧ୍ୟ ଦେଖାଇଦେଇଛନ୍ତି। ଏହାର ମଞ୍ଜୁଳ ଚିତ୍ର ବହନକରେ 'ସଭ୍ୟ ଜମିଦାର' ଗଳ୍ପ।

କଲିକତା, ଅଧୁନା କୋଲକାତା। ଏଇଟି ଗୋଟିଏ ନିଆରା ଜାଗା। ଜନଜୀବନ ସଦା ଚଳଚଞ୍ଚଳ, ବ୍ୟସ୍ତବହୁଳ, ଦିନରାତି ବେପାର ବଣିଜ। ଏଠିକା ବଙ୍ଗାଳୀମାନେ ଟଙ୍କାରୁ ଟଙ୍କା କାଢ଼ନ୍ତି। ନିଜକୁ ଭାରି ଚାଲାଖ, ଚତୁର ମଣନ୍ତି। ଏମନ୍ତ ଭାବିବାଟା କିଛି ବିଚିତ୍ର ନୁହେଁ। ମୁମ୍ବାଇ, ଦିଲ୍ଲୀ, ମାନ୍ଦ୍ରାଜ ପରି ଏଠାକା ବାସିନ୍ଦା ଇଂରାଜୀ ପାଠକୁ ସଭ୍ୟତାର ମାନଦଣ୍ଡ ମଣିଥିଲେ। ପଲାସୀ ଯୁଦ୍ଧ (୧୭୫୭) ସମାପ୍ତ ହେଲା। ବିଧିବଦ୍ଧ ଭାବେ ବଙ୍ଗପ୍ରଦେଶ ଇଷ୍ଟଇଣ୍ଡିଆ କମ୍ପାନୀର ଶାସନ ପର୍ଯ୍ୟାୟଭୁକ୍ତ ହେଲା। କିନ୍ତୁ ଇଂରେଜମାନେ ବହୁପୂର୍ବରୁ ଏଠାରେ ବାଣିଜ୍ୟ କୋଠିମାନ ତିଆରି କରିଥିଲେ। ଚଳାଇଥିଲେ ଆପଣାର ବ୍ୟବସାୟ। ସେମାନଙ୍କ ସୁ ଅଭ୍ୟାସକୁ ବଙ୍ଗାଳୀବାବୁମାନେ କେତେକାଂଶରେ ଆପଣେଇଲେ; ମାତ୍ର ସେମାନଙ୍କ ଅଭ୍ୟାସ (ସୁରା ପାନ, ବହୁନାରୀ ସମ୍ପର୍କ)କୁ ବିନା ବାଛବିଚାରରେ ଅନେକ ସ୍ୱାଗତ କଲେ। ଏଥିରେ ଥୋକେ ମଜ୍ଜି ରହିଲେ, ଆପଣା ସଂସ୍କାର ସଂସ୍କୃତିକୁ ଭୁଲିଲେ। ଏଇ ବଦାଭ୍ୟାସକୁ ଓଡ଼ିଆଏ ଶିଖିଲେ ୧୮୦୩ ପରେ। ଏମାନଙ୍କର ଆଦର୍ଶ ହେଲେ ଇଂରାଜୀ ପଢୁଆ ବଙ୍ଗାଳୀ ଅମଲା। ସେମାନେ କର୍ମଲୋଭରେ ଆସିଥିଲେ। ଢେର୍ ଦିନ ଓଡ଼ିଶାରେ ଆପଣାର ଆଧିପତ୍ୟ ବିସ୍ତାର କଲେ। ଏପଟେ ଓଡ଼ିଆ କୃଷକଙ୍କ କପାଳ ଫାଟିଲା। ସେମାନେ ଜମିଦାର, ସାହୁକାର, ଗୁମାସ୍ତା, ସର୍ବୋପରି ଇଂରେଜମାନଙ୍କ ରୋଷର ଶିକାର ହେଲେ। ଜମିଦାରଙ୍କ ଖଜଣା, ସରକାରଙ୍କ ଟିକସ ଦାଉରେ ଅନେକ ବାସହରା ହେଲେ। କୁଟୁମ୍ବ ପ୍ରତିପୋଷଣ ପାଇଁ ଚାଲିଲେ କଲିକତା। କେଉଁ ବଙ୍ଗାଳୀବାବୁଙ୍କ ବାଡ଼ିରେ ମାଳି ତ ରୋଷଘର ପୂଝାରୀ। କିଏ ଚଟକଳ, ଲୁଗାକଳରେ କୁଲି ହେଲା। କେତେକ ଚତୁର, କୌଶଳୀ ଓଡ଼ିଆ କଲିକତାରେ ବେପାର କଲେ। ଜମିଦାର ବି ହେଲେ। ସେମାନଙ୍କ ଟଙ୍କା ପଇସା ଅଭାବ ରହିଲାନି। ତାଙ୍କ ପିଲାଙ୍କୁ ଇଂରାଜୀ ପଢ଼ାଇଲେ କଲିକତାରେ। ସେମାନେ ପାଠ ତ ଯାହା ପଢ଼ିଲେ ପଢ଼ିଲେ, ନାହିଁ ନ ଥିବା ଅପସଂସ୍କୃତିକୁ ସଂସ୍କୃତି ମଣିଲେ। ଓଡ଼ିଶାର ପବିତ୍ର ଜୀବଚର୍ଯ୍ୟାକୁ ସମ୍ପୂର୍ଣ୍ଣ ଅଣଦେଖା କଲେ। ଇଂରାଜୀ ପାଠସିନା ପଢ଼ିଲେ, ଧାନ ତ ନୁହଁ ବହୁ ପିଲା ବାଲୁଙ୍ଗା ହୋଇ ବାହାରିଲେ। ଯାବତୀୟ ବଦାଭ୍ୟାସ। ବାଇନାଚ, କ୍ଲବ୍‌ରେ ସୁରାପାନ। ଏମିତି ଖାଲି ଟଙ୍କା ସାରିଲେ। ଅବସ୍ଥା ଅସମ୍ଭାଳ ହେଲା। ଶେଷରେ ବାପଅଜା କମେଇଥିବା ଅଚଳାଚଳ ସମ୍ପତ୍ତିକୁ ହରାଇଲେ। ଏଇମାନଙ୍କ ନୈତିକ ସ୍ଖଳନକୁ ଫକୀରମୋହନ ଦେଖାଇ ଦେଲେ 'ସଭ୍ୟ ଜମିଦାର' ଗପଟିରେ। ଆପଣା ଅନୁଭୂତିକୁ ପୁଞ୍ଜିକରି ଲେଖିଲେ, "କଲିକତା ଗୋଟାଏ ବିଚିତ୍ର ଜାଗା। ଟଙ୍କା କାଢ଼, ମା' ବାପ ଛଡ଼ା ସବୁ ମିଳିବ।"

କଲିକତା ସହର, ବଡ଼ବଜାରରେ ଭାରି ଗହଳ ଚହଳ। ଉତ୍କଳର ସମସ୍ତ ବେପାରି ସେଇଠି। ଗଦିଆନା ଜମିଦାରଙ୍କ ଖୁବ୍ ଖାତିର। ଆମଦାନି ରପ୍ତାନି ତାଙ୍କ ହାତବାଟେ ଚାଲେ। ଲକ୍ଷ ଲକ୍ଷ ଟଙ୍କାର କାରବାର। ସେତେବେଳେ ରେଳ ନାଁ ଲୋକେ ଶୁଣି ନ ଥିଲେ। ଷ୍ଟିମର ମଧ୍ୟ ଚାଲୁ ନ ଥିଲା। ବାଲେଶ୍ୱର ଜାହାଜରେ ମାଲ ଆମଦାନି ରପ୍ତାନି ହୁଏ। କଲିକତାରୁ ଆମଦାନି ମଧ୍ୟରେ ପ୍ରଧାନ ଦ୍ରବ୍ୟ ଧୂଆଁ ପତ୍ର। କଲିକତାରୁ ମାଲ ଆସେ, ବାଲେଶ୍ୱର ବନ୍ଦରରେ ଜାହାଜ ଘାଟ ଭିଡ଼େ। ସେ ସ୍ଥାନରୁ ମାଲ ବୁହାଚାଲେ, ଶହଶହ ଶଗଡ଼ ନିୟୋଜିତ ଥାଆନ୍ତି। ଧୂଆଁପତ୍ର ସମଗ୍ର ଉତ୍କଳକୁ ଚାଲାଣ ହୁଏ। ଏଥିପାଇଁ କଲିକତୀ ଧୂଆଁପତ୍ର ନାମ ବାଲେଶ୍ୱରୀ। କିନ୍ତୁ ବାଲେଶ୍ୱରବାସୀ ଧୂଆଁପତ୍ର ଗଛ ଆଦୌ ଦେଖି ନାହାନ୍ତି। ଧୂଆଁପତ୍ର କାରବାର ବଡ଼ କଠିନ। ଘୋଡ଼ାଚଢ଼ା ମହାଜନ, କଥାପଦକେ ଘାସ କାଟେ - ଘାସକଟା ଘୋଡ଼ା ଚଢ଼େ। ଦୋକତା କାରବାର; ବିଷମ ବେପାର, ଗୋଖର ସାପ ଖେଳାଇବା ପରି। ସେଇ ମାଲ, ମହଣ କୋଡ଼ିଏ ତ ଚଳେଇ ପାରିଲେ ଚାଳିଶ ଟଙ୍କା। ଏଥିପାଇଁ ଲୋଡ଼ା ଚିହ୍ନରା ଦଣ୍ଡୀଦାର। ଏମିତିକା ଦଣ୍ଡୀଦାର ବଳରାମ, ଘର ଯାଜପୁର। ଏବେ ଓଡ଼ିଶାରେ ତା' ନା ଡାକ। ଏଇ କାମ କରି ଜମିଦାର ପାଲଟିଲା। ତାଙ୍କ ଗାଁର ଛେଉଣ୍ଡ ପିଲା ଗୋପାଳିଆ। ତାକୁ ନେଇ ପାଖରେ ରଖିଲା। ଗରିବ ପିଲାଟା। ଖାଉଛି ତ ଖାଉଛି, ଅଛି ତ ଥାଉ, ତାକୁ ଦେଖୁଛି କିଏ ? ପଚରା ପଚରିରେ ବା କ'ଣ ଦରକାର ? ଗୋପାଳ ଭାରି ପାରିବାର, ବଳରାମଙ୍କ ବିଶ୍ୱସ୍ତ, ବେପାର ବଣିଜରେ ହାତ ପକେଇଲା, ବେଶ୍ ଲାଭ କରେଇଲା। ବଳରାମ ତାକୁ ଭାରି ସୁଖ ପାଇଲେ। ବାବୁଙ୍କ ବିଡ଼ିଆ ଗୋପାଳ ଭାଙ୍ଗିବ। ଶେଯ ପାରିବା ଗୋପାଳ ଜିମା। ବାବୁଙ୍କ ଶ୍ରଦ୍ଧାଦେଖି ଗଦିର ଆଉ ପାଞ୍ଚ ଜଣ ବି ତାକୁ ମାନିଲେ। ବାବୁଙ୍କ ଇଚ୍ଛା, ବଡ଼ ଗୋଟାଏ କିଛି ପାଇଟିରେ ଲଗାଇବେ। ତା ବି ହେଲା। ଗୋପାଳ ଗଦିଆନା କାମ କଲା। ଭାରି ଚତୁର ପିଲା, ହେଲେ ଓଡ଼ିଆ ପିଲା, ମଫସଲ ଗାଁରେ ଘର। ଏଣେ ତ କଲିକତାଟା ଠିକ୍ ଗଣ୍ଠିକଟା ଖଣି, କ'ଣ ବୋଲି କ'ଣ ହୋଇଯିବ। କିନ୍ତୁ ଗୋପାଳ ସବୁ ଘାଟିକୁ ଟପିଲା। ଏଣିକି ଗଦିରେ ତା' ଡାକ ନାମ ସାନବାବୁ, ଗୁମାସ୍ତା ଖାତାରେ 'ବାବୁ ଗୋପାଳ ଚନ୍ଦ୍ର ମହାପାତ୍ର'। ଗୋପାଳ ବଳରାମଙ୍କୁ ଟପିଲା। ଭଲକରି ବୁଝିଗଲାଣି, ଧୂଆଁପତ୍ର ଆସେ ଚାଷୀଙ୍କଠାରୁ, କିଣେ ବୁଲା ବେପାରୀ, ସେ ବିକେ ପାଇକାରକୁ, ପାଇକର ଠାରୁ କିଣେ ଗୋଦାମବାଲା। ଦଣ୍ଡୀଦାର ତା' ପାଖରୁ ମାଲ କିଣେ, ଚାଲାଣ ଦିଏ। କଲିକତାରେ ମାଲ ପହଞ୍ଚେ, ତିନିହାତରେ ଲାଭ ଲାଗିଯାଏ। ଧୂଆଁପତ୍ର ଚାଷର ପେଣ୍ଠ ଯଶୋର, ମୋତିହାର, ପାବନା ଅଞ୍ଚଳ। ଗୋପାଳ ସେଇଠୁ କିଣିଲା ଧୂଆଁପତ୍ର, ହଳଦୀ। ଢେର୍ ଲାଭ କଲା। ଏବେ ବାବୁ ଗୋପାଳଚନ୍ଦ୍ର ମହାପାତ୍ର ଲକ୍ଷପତି, ଡାକୁଆ ଜମିଦାର। କଲିକତାରେ ଓଡ଼ିଆ ଦଣ୍ଡୀଦାରଙ୍କ ଏ ପ୍ରକାର ବେପାର। ଏହାର ଏକ ନିଖୁଣଚିତ୍ର ପ୍ରଦାନ କରିଛନ୍ତି ଗାଳ୍ପିକ ଫକୀରମୋହନ ସେନାପତି।

ସେବେକା ଜମିଦାର ପହିଲୁ ଦେଶୀ ନିଶା ସେବନ କରୁଥିଲେ। ରୁପାବନ୍ଧା ହୁକାରେ ଭଡ଼ର ଭଡ଼ର କରି ଗୁଡ଼ାଖୁ ପିଉଥିଲେ। ଆଗରେ ଦୁଇଟି କଣା କଉଡ଼ି ବନ୍ଧା ବ୍ରାହ୍ମଣ ହୁକା, କାୟସ୍ଥ ହୁକା, ନବଶାଖା ହୁକା କଂସା ବୈଠକରେ ରହିଥାଏ। ଏଇଟା କଲିକତା ସବୁ ଗଦିର ଦସ୍ତୁର। ଗୁଡ଼ାଖୁ ହୁକା ସେବନ ବିଭବର ପ୍ରତୀକ। କିନ୍ତୁ ଇଂରାଜୀ ପଢୁଆ ଜମିଦାର ପିଲେ ଆଉ ଚାରିପାଦ ଆଗରେ। ନାନାଦି କୁଅଭ୍ୟାସ। ସେମିତିକା ଖରାପ ପିଲାଟା ବାବୁ ଗୋପାଳ ଚନ୍ଦ୍ରଙ୍କର ପୁଅ, ନାଁ ରାଜୀବଲୋଚନ। ଗାଁରେ, ଘରେ ଦୁଷ୍ଟାମି, ବାପା ତ କଲିକତାରେ। ଏଣେ ମାଇପି ଘର। ଟୋକାଟା ଚାରି ଦଉଡ଼ିକଟା, ଚଳନ୍ତା ଶଗଡ଼ରେ ହାତମାରେ। ଗାଁ ଅବଧାନେ ଭାରି ହନ୍ତସନ୍ତ ହେଲେ। ଅପାଠୁଆ ବାବୁ ଗୋପାଳ ଆଗରେ ଅବଧାନ କହିଲେ, "ସାନବାବୁ ଖୁବ୍ ବୁଦ୍ଧିଆ, ଭାରି ପାଠୁଆ, ଖଡ଼ିପାଠ, ପୋଥିପାଠ ସବୁ ଛିଡ଼ିଲାଣି। ଆଉ ତାଙ୍କୁ ପଢ଼ାଇବାକୁ ପାଠନାହିଁ।" ରାଜୀବ ଭାରି ବିପ୍ତାଡ଼ିଆ। ଅବଧାନ ସଙ୍ଗରେ ବି ତୋଖଡ଼ ମୋଖଡ଼ ଲଗାଏ। ଅବଧାନ ରାଜୀବ ସମ୍ପର୍କରେ ମନଗଢ଼ା କାହାଣୀମାନ ବଖାଣିଲେ। ବାବୁ ଗୋପାଳ ପୁଅର ପ୍ରଶଂସା ଶୁଣି ଭାରି ଖୁସି। ଏଣେ ଜମିଦାରିଣୀ ତାକୁ ଆଉ ଘରେ ରଖିବାକୁ ମଙ୍ଗିଲେନି। ଏଣିକି ରାଜୀବର ପାଠପଢ଼ା କଲିକତାରେ। ଚାଟଶାଳୀ ପାଠ ଶେଷ, ରାଜୀବ ପଢ଼ିଲା ଇଂରାଜୀ। ବାପାଙ୍କୁ ବେପାରରେ ସାହାଯ୍ୟ କରିବ। ବାପା ଇଂରାଜୀ ପଢ଼ିନାହାନ୍ତି, ଇଂରେଜ ବେପାରି ଓଡ଼ିଆ ବୁଝନ୍ତିନି। ଦରକାର ଦୋଭାଷୀ ପଟୁତା। ଏଇ କାମ ରାଜୀବ ଉପରେ। ଆଗ ପାଠ ଶେଷକରୁ। ଏ ପରିପ୍ରେକ୍ଷୀରେ ଗାଳ୍ପିକ ପ୍ରାକ୍ ସ୍ୱାଧୀନତା କାଳୀନ ଚାଟଶାଳୀ ପଢ଼ାର ସମ୍ୟକ୍ ସୂଚନା ଦେଇଛନ୍ତି। ଇଂରାଜୀ ପାଠ ମୋହର ଉଗ୍ରତାକୁ ବଡ଼ ଚିତ୍ତାକର୍ଷକ ଭାବେ ଦେଖାଇ ଦେଇଛନ୍ତି।

କୋଲକଟା ଏଣ୍ଡ୍ ଏକାଡ଼େମୀରେ ରାଜୀବଙ୍କ ନାମ ଲେଖାହେଲା। ବାପେ ପାଠ ସଇ ନେବେ କ'ଣ, ପିଲାଟା କ'ଣ ପଢୁଛି, କେମିତି ଅଛି; ବୁଝିବାକୁ ତରନାହିଁ। ମାସକୁ ମାସ କିତାବ ଖର୍ଚ୍ଚ, ମାସିକ ଦରମା ପଠାଇ ଦିଅନ୍ତି। ତାହା ପଚାଶଟଙ୍କା ମୁଣ୍ଡ ଧରିଲାଣି। ରାଜୀବ ବୁଝେଇ ଦିଏ, "ବାପା! ମୁଁ କିଲାସ ଢେର୍ ଉପରକୁ ଉଠିଗଲିଣି। ଏଥିପାଇଁ ଏତେ ଖରଚ।" ପୁଣି କହେ, "ନା ବାପା, ପାସ୍ ନକଲେ ଇଂରାଜୀ ପାଠ ହୁଏନାହିଁ।" ବାପା କହିଲେ, "ହଁରେ ସେ କଥା ମତେ ଜଣା, ତୁ ବେଶି ବେଶି ପାସ୍ କରି ପକା, ଯେତେ ଟଙ୍କା ଲାଗିବ ଲାଗୁ।" ଓଡ଼ିଆ ପିଲା, କଲିକତାରେ ଇଂରାଜୀ ପଢ଼ନ୍ତି। ନାନାଦି ସଭାସମିତିରେ ବସନ୍ତି, ସୁସ୍ଥାନ, କୁସ୍ଥାନ ବୁଲନ୍ତି। ମଙ୍ଗଳବାର କୁସଂସ୍କାର-କମର୍ଦ୍ଦନୀ', ଶନିବାର 'ନାରୀ ସ୍ୱାଧୀନତା ବିବର୍ଦ୍ଧନୀ' - ଏମିତି କେତେ କେତେ ସଭାରେ ବକ୍ତୃତା ଦିଅନ୍ତି, କରତାଳି ଉପରେ କରତାଳି ପଡ଼େ। ଅଧିକ କରତାଳି ହେଲେ ସେଦିନ ହୋଟେଲବାଲାର ବ୍ୟବସାୟ ବଢ଼େ। ସୁରା ସେବନ ତ ମାମୁଲି କଥା। ସେମାନେ ଆହୁରି କେତେକ ଅସାମାଜିକ କାର୍ଯ୍ୟ କରନ୍ତି। ଏଇଟି ଇଂରାଜୀ ପାଠର ବିଷମ ଫଳ।

ପୁରୁଣାକାଳିଆ ପ୍ରଥା ପରମ୍ପରା, ଅନେକ ପାଠୁଆ ବାବୁଙ୍କ ପାଇଁ ସବୁ କୁସଂସ୍କାର। ରାଜୀବ ବାପା ଚାଲିଗଲେ, ଜ୍ଞାତିଜନ କାନ୍ଦିଲେ, ମା' ଡକା ପାରିଲେ। ଶୁଦ୍ଧିକ୍ରିୟା ହେବ, ବ୍ରାହ୍ମଣଭୋଜନୀ, ମହାପ୍ରସାଦ ସେବନ-ଏମିତି କେତେ କଥା। ଏ ସବୁ ଓଡ଼ିଆଘର ଚଳଣି। କାନ୍ଦିବାଟା କୁସଂସ୍କାର କହି ରାଜୀବ ହାତରେ ଖଣ୍ଡେ କଳାକନା ବାନ୍ଧିଲେ, ସଭାଗୃହରେ ଭୋଜି, ଦରିଦ୍ରମାନଙ୍କୁ ଅର୍ଥ ବିତରଣ, ଡାକ୍ତରଖାନାକୁ ଚାନ୍ଦାଦେଲେ। ଏଇଟା ନୂଆ ଇଂରାଜୀ ପ୍ରଥା। ରାଜୀବ ଓଡ଼ିଶାକୁ ଫେରିଲେ, ନୂଆ ଜମିଦାର, ଭାରି ଖୋଲାହାତ, ସଭାସମିତିରେ ଯୋଗଦେଇ କେହି କେହି ରାତିରେ ରହିଯାନ୍ତି କଚେରିରେ। ତାଙ୍କ ପାଇଁ ଖାଦ୍ୟ ସହ ବିଦେଶୀ ପାନୀୟ ବ୍ୟବସ୍ଥା ହୁଏ। ଏଣିକି ପୁରୁଣା ରହଣିଆ। ନୂଆ ଜମିଦାର। ନିଜ ଇଲାକାରେ ଇଂରାଜୀ ଚଳଣି ପ୍ରଚାର ପ୍ରସାରରେ ଲାଗି ପଡ଼ିଲେ। ବୟସ ହେଲା। ରାଜୀବ ଲୋଚନ ବିଭାହେଲେ।

ବିବାହ ବନ୍ଧନ ହିନ୍ଦୁଧର୍ମର ଏକ ପବିତ୍ର ପ୍ରଥା। ସ୍ୱାମୀ ସ୍ତ୍ରୀର ଇହକାଳ ପରକାଳର ଦେବତା। ଏକ ପତି, ଏକ ପତ୍ନୀ ବ୍ରତ ସେମାନେ ପାଳନ୍ତି; କିନ୍ତୁ ପାଠୁଆବାବୁଙ୍କ ମତିଗତି ନିଆରା, "ଦେଶୀ କନ୍ୟାଗୁଡ଼ାକ ଅଶିକ୍ଷିତା, କୁସଂସ୍କାର, ଅସଭ୍ୟତାରେ ବଢ଼ିଛନ୍ତି, ଲୁଗାଖଣ୍ଡେ ପିନ୍ଧି ଜାଣନ୍ତି ନାହିଁ, ଅଧ ଲଙ୍ଗଳା ହୋଇଥା'ନ୍ତି, ମୁହଁ ଢାଙ୍କି ମୂଷାପରି ଗାତରେ ଲୁଚିଥା'ନ୍ତି।" କଲିକତାରେ କନ୍ୟା, ଭାରି ଆଗୁଆ, ଇଂରାଜୀ ପଢ଼ିଛନ୍ତି, ହିଲ୍ ଜୋତା ପିନ୍ଧନ୍ତି, ଇଂରାଜୀ କହନ୍ତି। ଏଥିପାଇଁ ରାଜୀବର ପସନ୍ଦ କଲିକତୀ କନ୍ୟା। ବରଯାତ୍ରୀ, ବାଣ ରୋଶଣି - ଏ ସବୁ କୁସଂସ୍କାର। ଅସଭ୍ୟତା, ଅସଭ୍ୟତା ! ଗାଉଁଲି ଓଡ଼ିଆ, ଇଂରାଜୀ ଜ୍ଞାନ ଊଣା। କଲିକତୀ ବିବାହ କଥା। ଇଂରେଜୀ ଅଫିସିଏଲ ଚିଠି ଯାଇଛି, ସେଠାରୁ ଯେପରି ଅବସ୍ଥା ଆସିବ, ସେହିପରି ବିଭା ହେବ।" ବାବୁଙ୍କର ଏହା ପସନ୍ଦ, ତାଙ୍କୁ ବା କିଏ ବୁଝେଇବ ? ସବୁବେଳେ ମିଜାଜଟା ଚଢ଼ିରହେ, କାଚକୁମ୍ପା (କାଚଶିଶି) ଗୁଡ଼ାକ ଓଳି ତଳେ ଗଣ୍ଡାଗଣ୍ଡା ଗଡ଼ୁଛି। ଶେଷରେ ରାଜୀବଙ୍କ କଥା ରହିଲା, ଖିଦିରପୁର ଗାର୍ଡ଼େନ ରିଚ୍‌ରେ ଗୋଟାଏ ବଡ଼ ଦୋତାଲା ଘର। ଝାଡଲଣ୍ଠନ ଦେବାଲଗିରେ ଶହେ ଖଣ୍ଡ, ଦିନ ଆଲୁଅ ପରି ଜଳୁଛି। ତଳେ ଗାଲିଚା ଶତରଞ୍ଜି ବିଛଣା। ରାତିରେ ଦୁଇ ତରଫା (ଦୁଇ ତରଫରୁ) ଖେମଟା ନାଚ। "ଦୀୟତଂ-ପୀୟତଂ" ଲାଗିଛି। ଚହଳ ପଡ଼ିଗଲା। ଆଖପାଖ ଲୋକ କୁହାକୁହି ହେଲେ, ଓଡ଼ିଶାର ଗୋଟାଏ ରାଜାପୁଅର ବାହାଘର।

ଇଂରାଜୀ ପଢୁଆ ଯୁବକ, ନାନା କଥା ଦେଖିଲେ, ଶିଖିଲେ। କଲିକତାର ସ୍ଥିତି ଭିନ୍ନ। ରୂପ ନଗରୀ, ବାହାର ଝିଅମାନେ, ଆସାମ ହେଉ ଅବା ଆଉ କୋଉ ରାଜ୍ୟରୁ ଆସନ୍ତୁ; କଲିକତାରେ ବିଲାତି ପାଠ ତାଙ୍କ ଆଖି ଖୋଲିଦିଏ। ରାଜୀବ ଲୋଚନ ବାବୁ ବହୁବର୍ଷ କଲିକତାରେ କଟାଇଲେ। ଓଡ଼ିଆ ଝିଅ ତାଙ୍କର ନାପସନ୍ଦ। ବିବାହ କାର୍ଯ୍ୟ ମଧ୍ୟସ୍ଥିଙ୍କର, ତାଙ୍କୁ ଦଲାଲ କହିଲେ ଚଳେ। ସତମିଛ କହନ୍ତି, ଆକାଶରୁ ତୋଳି ଆଣି ଥୁଅନ୍ତି, ବରପକ୍ଷ, କନ୍ୟାପକ୍ଷ ମନ ଭୁଲେଇ ଦିଅନ୍ତି। ଏମିତି ଜଣେ ଦଲାଲ, ରାଜୀବଙ୍କ ପାଇଁ କନ୍ୟା ସ୍ଥିର କଲେ। ଆସାମୀ ଝିଅ, ପିଲାଟା କଲିକତାରେ ବଢ଼ିଛି। ନାଆଁ ତା'ର ନୟନତାରା - ଦୁଃଖ ପାଶୋରା। କନ୍ୟା ସୁନ୍ଦରୀ, ସଭ୍ୟା, ସ୍ୱାଧୀନା, ଶିକ୍ଷିତା; ସ୍ୱେଚ୍ଛାଚାରିଣୀ ମଧ୍ୟ। ସତେକି ସ୍ୱର୍ଗର ଦେବକନ୍ୟା ! ତିଥି ଧରା ହେବନି, ଶଙ୍ଖୁଆ ଶଙ୍ଖ ଫୁଙ୍କା ଲୋଡ଼ା ନାହିଁ, ନାହକ, ବାରିକ, ପୁରୋହିତଙ୍କ ଲୋଡ଼ା ବା କ'ଣ ? କନ୍ୟାକୁ ଦେଖି ରାଜିବ ଭୋଳ। ହାତରୁ ଗିଲାସ ଛାଡ଼ ନାହିଁ, ବିବାହର ଚାରିଦିନ ପୂର୍ବରୁ ବରକନ୍ୟା ମଧ୍ୟରେ ପୂର୍ବାଳାପ (କୋର୍ଟସିପ୍) ଚାଲିଛି। ବଗି ଚଢ଼ି କଲିକତାର କେତେ ଜାଗା ବୁଲୁଛନ୍ତି। ଓଡ଼ିଆଣୀ ନୁହଁ, ତା'ର ଲାଜ ସରମ କାହୁଁ ଆସିବ ? ସେ ସ୍କଟିସ ବ୍ୟାପଟିଷ୍ଟ ଅର୍ଫେନ ସ୍କୁଲରେ ପଢ଼ିଛି। ମିସ୍ ଡଗଲାସ୍ ମିଷ୍ଟ୍ରେସ୍। କନ୍ୟାଟି ବହୁତ ଇଂରାଜୀ ପଢ଼ିଲା, ବାପା ମା' ପାଖରେ ଢେର୍ ଇଂରାଜୀ କଥା କହେ, ମୋଜାବୁଣା ଦେଖାଏ, ଗୀତ ଗାଏ, ନାଚେ, ଖୁବ୍ ସ୍ୱାଧୀନା, ପୁରୁଷଗୁଡ଼ାକୁ ଖାତିର କରେନା, ଦୋସ୍ତିର ହାତ ବଢ଼େଇଦିଏ। ମା' ବାପା ମୁଣ୍ଡ ଉକୁଣି କାମୁଡ଼ିଲା, ଶେଷରେ ଦଲାଲ ସ୍ଥିର କରିଦେଲେ ତା' ବାହାଘର। ସଭ୍ୟ ଜମିଦାର ରାଜୀବ ଲୋଚନଙ୍କ ସହ ବିଭାଘର ହେଲା। ସବୁ ବିଦେଶୀ ଢାଞ୍ଚା। କେତେ କେତେ ମଦମାଉଁସ, ପଲାଉ, ନଟୁଲୀ ଝିଏ ନାଚିଲେ, ମସ୍ତିଚାଲିଲା ସାରାରାତି।

ବିବାହରେ ଓଡ଼ିଆ ସଂସ୍କୃତିର ନାଆଁ ଗନ୍ଧ ନାହିଁ। ଆପଣା ମର୍ଜିରେ ନୂଆ ଜମିଦାର ରାଜୀବଲୋଚନ, ଜମିଦାରିଣୀ ନୟନତାରା ଦୁଃଖପାଶୋରା। ଗାଁକୁ ଆସିଲେ। ନୂଆକରି ବରକନ୍ୟା ଘରକୁ ପଶିବେ। ଗାଁ ବୋହୂଝିଅ ବନ୍ଦାପନା ଥାଳି ସଜିଲ କରି ରଖିଥିଲେ - ଦୂବ, ଅରୁଆ ଚାଉଳ, ଘିଅଦୀପ, ସିନ୍ଦୂର। ଶଙ୍ଖୁଆ ଶଙ୍ଖ ଫୁଙ୍କିଲା, ଝିଅବୋହୂମାନେ ହୁଳହୁଳି ଦେଲେ। ରାଜୀବ ଏକଥା ଦେଖି ଭାରି ଖପା, ଏଗୁଡ଼ାକ ଖାଲି କୁସଂସ୍କାର, ଅସଭ୍ୟତା। ସମସ୍ତେ ତାଟଙ୍ଗା। ଗାଁ ଭୁଆସୁଣୀଗୁଡ଼ା ଏସବୁ ଦେଖି ପୂରା ଛାନିଆ। ଡରରେ, ଘୃଣାରେ ଛାଡ଼ି ଯେଝା ଘରକୁ ଚାଲିଗଲେ। ନୂଆବୋହୂ ମୁଣ୍ଡରେ ଓଢ଼ଣୀ ନାହିଁ, ଲୁଗା ପିନ୍ଧାରେ ସଞ୍ଜତ ନାହିଁ, ଶାଶୁଙ୍କୁ ନମ୍ର ପ୍ରଣତି ନାହିଁ, ହାତଯୋଡ଼ି ନମସ୍କାର କଲା। ପୁରୁଣାକାଳିଆ ଶାଶୁ, "ଛୁଁ-ନା-ଛୁଁ-ନା-ଛୁନା-ଆରେ କିଏ ଅଛରେ, ମନ୍ଦିର ଅପ୍ରତିଷ୍ଠା ହେଲା, ବାହାର କରିଦଅରେ - ଏମିତି ରଡ଼ି ପକାଇଲେ। ବାବୁ ଖପାଟାଏ ହେଲେ, "ଅସଭ୍ୟତା, ଭାରି ମୂର୍ଖତା, କୁ ସଂସ୍କାର। ଓହୋ! ଲେଡ଼ିକୁ ଇନ୍‌ସଲ୍‌ଟ।" ବୁଢ଼ୀ ସହି ପାରିଲାନି। ରାଧୀ ପୋଇଲିକି ଧରି ପୁରୀ ଚାଲିଗଲା। ବୋହୂ ପାଇଁ ଏବେ ଆକଟ ନାହିଁ। କାଠଚୁଲି ରୋଷେଇ, ଗୋବର ପାଣିରେ ଲିପାପୋଛା, ତୁଳସୀ ଚଉଁରା ମୂଳେ ସଞ୍ଜବତୀ ଦେବା - କାହିଁରେ ତା' ମନ ନାହିଁ। ସବୁବେଳେ ମଉଜ, ବାବୁଙ୍କ ସହ ମସ୍ତି। ସୁରାପାନ ବି। ଶେଷରେ ବାଉନବାଟୀ ଚାଷ ଜମି, ମଈଁଷି, ଗାଈ, ସବୁ ସଫା। ବାବୁଙ୍କ ନିର୍ଦ୍ଦେଶରେ ଅଧିକ ଟଙ୍କା ଅମଲା ଆଦାୟ କଲେ, ପ୍ରଜାଏ ଏଡ଼ିଲେ। ବିବାହ ପାଇଁ ବାବୁ ଉଧାର କରିଥିଲେ ଦଶହଜାର, କଲିକତି ମହାଜନ ହେଣ୍ଡନୋଟ୍ ଲେଖେଇ ନେଇଥିଲା। ଡିଗ୍ରୀକରି ନିଲାମ ଉଠାଇଲା, କୁଲା ଛାଞ୍ଚୁଣି ଠାରୁ ଆରମ୍ଭ କରି ସ୍ଥାବର, ଅସ୍ଥାବର ନିଲାମ କରିଦେଲା। ଏବେ ସଭ୍ୟ ଜମିଦାର ବାବୁ ରାଜୀବ ଲୋଚନ ଆସାମ ଚା' ବଗିଚାର କୁଲି। ଏଇଠି ଗପଟି ଶେଷ। ଆଧୁନିକତା ଗୋଟେ ପରିବର୍ତ୍ତନ, ନୂଆ ଢାଞ୍ଚା, ନୂଆ ଚଳଣି। ଏହାକୁ ଆଳକରି ଆପଣାର ସଂସ୍କୃତିର ମହନୀୟତାକୁ ବିସ୍ମୃତ ହେଲେ ଅନେକ ଓଡ଼ିଆ ନବ୍ୟ-ସଭ୍ୟ-ଶିକ୍ଷିତ ଯୁବକ। ହିନ୍ଦୁ ସମାଜରେ ଆଗରୁ ଥିଲା କୁସଂସ୍କାର, ଅନ୍ଧବିଶ୍ୱାସ। ଏଗୁଡ଼ିକୁ ବାଦ୍ ଦେଲେ ଅନେକ ପ୍ରଥା ପରମ୍ପରାରେ ସ୍ୱର୍ଗୀୟ ଚିନ୍ତନ, ପବିତ୍ରତା ଭରପୂର ରହିଛି। ବିଦେଶୀ ପାଠୁଆମାନେ ଏକଥାକୁ ସମ୍ପୂର୍ଣ୍ଣ ଭୁଲିଲେ, ସୃଷ୍ଟିହେଲା ସାଂସ୍କୃତିକ ଅବକ୍ଷୟ। ସମାଜ ସଂସ୍କାରକ ଫକୀରମୋହନ ତାଙ୍କ ରେବତୀକୁ ପାଠ ପଢ଼ାଇଛନ୍ତି, ଅନ୍ୟଗଳ୍ପରେ ବି ଇଂରାଜୀ ଶିକ୍ଷା ସପକ୍ଷରେ ସୁଚିନ୍ତିତ ମତ ଦେଇଛନ୍ତି। ଓଡ଼ିଶା ପରମ୍ପରାର ସବୁ କଥାଟାକୁ କୁସଂସ୍କାର, ଅସଭ୍ୟତା, ମୂର୍ଖତା କହି ଉଡ଼ାଇ ଦେବାକୁ ସେ ନାପସନ୍ଦ କରିଛନ୍ତି। ଅନେକ ଇଂରାଜୀ ପାଠ ବିଶାରଦ ବିଦେଶିନୀ। ଓଡ଼ିଆ ଜନଜୀବନର ପବିତ୍ରତାକୁ ଆପଣେଇ ନେଲେଣି, ଶ୍ରଦ୍ଧା ବି କଲେଣି। ଏ ପରିପ୍ରେକ୍ଷୀରେ ଆମ ଶିକ୍ଷିତ ବାବୁମାନେ ଯଦି ବାଟ ହୁଡ଼ିବେ, ଏ କଥା କାହାକୁ କହିବା ? କଲିକତାରେ ଟଙ୍କା ଦେଲେ ଅନେକ କଥା ମିଳେ, ଓଡ଼ିଶାରେ ବିନା ପଇସାରେ ଯେଉଁ ସୁଖ-ଶାନ୍ତି-ଆନନ୍ଦ ଟିକେ ମିଳେ ତାହା କ'ଣ ଯଥେଷ୍ଟ ନୁହେଁ ?

---

# ପ୍ରହଲ୍ଲାଦ ମଲ୍ଲିକ : ତୁମେ ଯୋଗଜନ୍ମା

ରାମଚନ୍ଦ୍ର ସାହୁ
କମାରଖଣ୍ଡି, ଇଚ୍ଛାପୁର,
କେନ୍ଦ୍ରାପଡ଼ା

ହେ ଅମର ଆତ୍ମା। ପହିଲି ବାବୁ। ତୁମେ ସମୟ ସମୟରେ କଥା ଛଳରେ ଚାରଣ କବି କବୀରଙ୍କ ଗାଥାରୁ ଉଦାହରଣ ଦେଇ କହଥିଲ ନା-

" ବେଟା। ତୁମ୍ ଜବ୍ ୟହାଁ ଆୟା, ରୋୟା ଔର ଦୁନିଆ ହଁସା ଐସା କାମ କରୋ ବେଟା,
ତୁମ୍ ହଁସ ହଁସ କର ଚଲେ ଯାଓଗେ ଔର ଦୁନିଆ ରୋଏଗା।"

ଉପରୋକ୍ତ ବାଣୀକୁ ସତ୍ୟ ପ୍ରମାଣିତ କରି ତୁମେ ଜନ୍ମ ନେଇଥିଲ ଯୋଗଜନ୍ମା- ମାର୍ଶାଘାଇର ଶିଳିପୁର ଗ୍ରାମର ଏକ ଦରିଦ୍ର ହରିଜନ ପରିବାରରେ। ତୁମର ପିତାମାତାଙ୍କର

ବର୍ଷ ବର୍ଷର ତପସ୍ୟା ଓ ପ୍ରତୀକ୍ଷା ପରେ ଯେ ତୁମର ଜନ୍ମ । ଏଣୁ କେବଳ ତୁମ ପରିବାରରେ ନୁହେଁ ସମଗ୍ର ହରିଜନ ବସ୍ତିଟିରେ ଖେଳିଯାଇଥିଲା ଆନନ୍ଦର ଉଲ୍ଲାସ। ତୁମେ ଇତିହାସ ଅନର୍ସରେ ରେଭେନ୍ସା ମହାବିଦ୍ୟାଳୟରୁ ବି.ଏ. ପାଶ କରି ସାରିବା ପରେ ମାର୍ଶାଘାଇ ହାଇସ୍କୁଲରେ ଶିକ୍ଷକତା କରୁଥିଲ। ସେହି ସମୟରେ ସ୍କୁଲର ବାର୍ଷିକ ଉତ୍ସବର ଆନନ୍ଦମୟ ମୁହୂର୍ତ୍ତରେ ସ୍ୱର୍ଗତଃ ନାଟସୂର୍ଯ୍ୟ କୃପାସିନ୍ଧୁ ମହାନ୍ତିଙ୍କ ମାଧ୍ୟମରେ ତୁମ ସହିତ ମୋର ପ୍ରଥମ ସାକ୍ଷାତ । ତୁମର ଅମାୟିକ ଆଚରଣ ଥିରି ଥିରି ମଧୁର ଭାଷା ସବୁଦିନ ପାଇଁ ଆମକୁ ଆପଣାର କରିନେଲା। ସମସ୍ତେ ତୁମର ବନ୍ଧୁ-ତୁମର କେହି ଶତ୍ରୁ ନାହାନ୍ତି ବୋଲି ଜନ ସାଧାରଣ ଅବଗତ । କେବଳ ରାଜନୈତିକ ପତ୍ରିଦ୍ୱନ୍ଦ୍ୱୀଙ୍କୁ ଶତ୍ରୁ କୁହା ଯାଇନପାରେ। ମୋ ମତରେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ଏକ ଖେଳ କହିଲେ ଚଳେ। ତୁମେ ଥିଲ ବହୁ ପ୍ରତିଭାର ପ୍ରତିମା-ରେଭେନ୍‌ସାରେ ପଢ଼ିବା ସମୟରୁ ତୁମର ଥିଲା ସାମ୍ୟବାଦୀ ରାଜନୈତିକ ଚିନ୍ତାଧାରା। କେନ୍ଦ୍ରାପଡ଼ାର ପୂର୍ବଭାଗରେ ତତ୍‌କାଳୀନ ସାମ୍ୟବାଦୀ ରାଜନୈତିକ ସଂଗଠକ ଶ୍ରୀଯୁକ୍ତ ପଦ୍ମଚରଣ ନାୟକଙ୍କ ସହିତ ମିଶି କାର୍ଯ୍ୟ କରୁଥିଲା ସେତେବେଳେ କେନ୍ଦ୍ରାପଡ଼ାରେ ଜାତୀୟ କଂଗ୍ରେସର ବହୁ ବରେଣ୍ୟ ନେତାଙ୍କର ଅଭାବ ନଥିଲେ ମଧ୍ୟ, ହରିଜନମାନଙ୍କ ମଧ୍ୟରେ କଂଗ୍ରେସରେ ନେତୃତ୍ୱ ନେବା ବ୍ୟକ୍ତି କେହି ଜଣେ ହେଲେ ନଥିଲେ। ଅନେକ ଦିନ ଧରି କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳି ଭିନ୍ନ ଭିନ୍ନ ନିର୍ବାଚନ କ୍ଷେତ୍ର ସହିତ ଯୁଗ୍ମ ନିର୍ବାଚନ ମଣ୍ଡଳି ଘୋଷିତ ହୋଇ ନିର୍ବାଚନ ସମାପନ

କରାଯାଉଥିଲା। ଏହି ଯୁଗ୍ମ ନିର୍ବାଚନ ମଣ୍ଡଳୀରେ ଯେଉଁ ପ୍ରାର୍ଥୀଙ୍କୁ ଛିଡ଼ା କରାଯାଉଥିଲା ସେମାନେ ସମସ୍ତେ ଥିଲେ ଯାଜପୁର ଅଞ୍ଚଳର।

୧୯୫୫ ମସିହାରେ ଓଡ଼ିଶାରେ ଦେଖା ଦେଇଥିଲା ପ୍ରଳୟଙ୍କର ବନ୍ୟା। ଏହା ଆଗକୁ ୧୯୫୭ ମସିହାରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ଓଡ଼ିଶା କଂଗ୍ରେସର ପ୍ରସ୍ତୁତି ଆରମ୍ଭ ହୋଇ ଯାଇଥାଏ। କେନ୍ଦ୍ରାପଡ଼ାର ନେତୃବର୍ଗ ସ୍ୱର୍ଗତଃ ଦୀନବନ୍ଧୁ ବାବୁ ସ୍ୱର୍ଗତଃ ଲୋକନାଥ ବାବୁ କେନ୍ଦ୍ରାପଡ଼ା-ପଟ୍ଟାମୁଣ୍ଡାଇ ଯୁଗ୍ମ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଜଣେ ହରିଜନ ପ୍ରାର୍ଥୀ ବାଛିବାର ସିଦ୍ଧାନ୍ତ ନେଲେ। ତାଙ୍କର କେନ୍ଦ୍ରାପଡ଼ା ସହକର୍ମୀମାନଙ୍କ ସହିତ ଆଲୋଚନା ହୋଇ ପହଲି ବାବୁଙ୍କ ନାମ ସ୍ଥିର କରାଗଲା। ଉତ୍କଳ କଂଗ୍ରେସର ତତ୍‌କାଳୀନ ସଭାପତି ବିରେନ୍ ମିତ୍ରଙ୍କର ବିହାରୀବାଗ୍ ବାସଭବନରେ ଜିଲ୍ଲା ଓ ପ୍ରଦେଶ କଂଗ୍ରେସ ସଭ୍ୟମାନଙ୍କର ଏକ ନିରାଡ଼ମ୍ବର ଉତ୍ସବରେ ପହଲି ବାବୁଙ୍କୁ କଂଗ୍ରେସରେ ସାମିଲ କରାଗଲା।

୧୯୫୭ ମସିହାର ନିର୍ବାଚନରେ କେନ୍ଦ୍ରାପଡ଼ାରୁ ଶ୍ରୀ ଦୀନବନ୍ଧୁ ସାହୁ ଓ ପଟ୍ଟାମୁଣ୍ଡାଇରୁ ଶ୍ରୀ ପ୍ରହ୍ଲାଦ ମଲିକଙ୍କୁ କଂଗ୍ରେସ ପ୍ରାର୍ଥୀ କରାଗଲା ଏବଂ ପହଲିବାବୁ ଜଣେ ଉପଯୁକ୍ତ ପ୍ରାର୍ଥୀ ଭାବରେ ଜିତି ବିଧାନ ସଭାକୁ ନିର୍ବାଚିତ ହେଲେ। ତା'ପରେ ଆରମ୍ଭ ହେଲା ତାଙ୍କର ରାଜନୈତିକ କର୍ମ।

୧୯୫୭ ମସିହାରେ ପୂଜ୍ୟ ହରେକୃଷ୍ଣ ମହତାବଙ୍କ ମନ୍ତ୍ରୀମଣ୍ଡଳ ଗଢ଼ାଗଲା ଓ ବିଧାନ ସଭାକୁ ଅଳ୍ପ ସଂଖ୍ୟକ କଂଗ୍ରେସ ସଭ୍ୟ ନିର୍ବାଚିତ ହୋଇଥିବାରୁ ଏକ ସଙ୍କଟ ଜନକ ପରିସ୍ଥିତିରେ ୧୯୬୦ ମସିହା ପର୍ଯ୍ୟନ୍ତ ଚାଲି ମନ୍ତ୍ରୀମଣ୍ଡଳ ଭାଙ୍ଗିଗଲା। ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଜାରିହେଲା।

୧୯୬୧ ମସିହାରେ ବରେଣ୍ୟ ନେତା ଶ୍ରୀଯୁକ୍ତ ବିଜୁପଟ୍ଟନାୟକଙ୍କ ନେତୃତ୍ୱରେ ଉପ-ନିର୍ବାଚନ ହୋଇ କଂଗ୍ରେସ ସଂଖ୍ୟା ଗରିଷ୍ଠତା ହାସଲ କଲା ଓ ତାଙ୍କରି ନେତୃତ୍ୱରେ ଏକ ଦୃଢ଼ ସରକାର ଗଢ଼ା ଯାଇଥିଲା। ତୁମେ ପହଲି ବାବୁ ପଟ୍ଟାମୁଣ୍ଡାଇ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରତିନିଧି ଭାବରେ ନିର୍ବାଚିତ ହୋଇ ବରେଣ୍ୟ ନେତା ବିଜୁବାବୁଙ୍କ ମନ୍ତ୍ରୀମଣ୍ଡଳରେ ପ୍ରଥମେ ଉପମନ୍ତ୍ରୀ ଓ ପରେ କ୍ୟାବିନେଟ ମନ୍ତ୍ରୀ ଭାବରେ ଯୋଗ ଦେଇ ସେଚ ଶକ୍ତି ବିଭାଗର ଦାୟିତ୍ୱ



ବହନ କରିଥିଲ।

ତୁମ ସରକାର ଥିବା ସମୟରେ ଓଡ଼ିଶାରେ ବିଶେଷ କରି ରାଉରକେଲା ଷ୍ଟିଲପ୍ଲାଣ୍ଟରେ ବି.ଏସ.ସି ପାଶ କରିଥିବା ବହୁତ ପ୍ରାର୍ଥୀଙ୍କର ଆବଶ୍ୟକତା ଥିଲା। ସେହି ପଦବୀଗୁଡ଼ିକ ପୂରଣ କରିବା ପାଇଁ ଓଡ଼ିଶା କଂଗ୍ରେସ ନେତୃବର୍ଗ ଏକ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କଲେ ଏବଂ ତୁମ ନେତୃତ୍ୱରେ ସ୍ୱର୍ଗତ ବିଧାୟକ ଗଦାଧର ଦତ୍ତ ଶ୍ରୀଯୁକ୍ତ ଭବାନୀ ପଟ୍ଟନାୟକ ଓଡ଼ିଶାର ସମସ୍ତ ଜିଲ୍ଲା ପରିକ୍ରମା କରି ଜିଲା ପ୍ରଶାସନମାନଙ୍କ ସାହାଯ୍ୟ ନେଇ ବି.ଏସ. ସି ପାସ୍ କରିଥିବା ବେକାର ଯୁବକମାନଙ୍କର ତାଲିକା ପ୍ରସ୍ତୁତ କରି ସରକାରଙ୍କୁ ଦେଲେ। ଏହାଦ୍ୱାରା ଉପରୋକ୍ତ ପଦବୀଗୁଡ଼ିକ ଖୁବ୍ ଶୀଘ୍ର ପୂରଣ କରାଯାଇ ପାରିଲା। ଏହି କାର୍ଯ୍ୟଟି ଏକ ନିର୍ଦ୍ଦିଷ୍ଟ ଉପାୟରେ ଖୁବ ଅଳ୍ପ ସମୟରେ ସମାପନ କରି ତୁମେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲ।

ତୁମେ ପହଲିବାବୁ, କେତେକ ଶ୍ରମିକ ସଂଗଠନ ସହିତ ମଧ୍ୟ ସାମିଲ ହୋଇଥିଲ, ଯଥା-ଜଗତପୁର ମଟର ଶ୍ରମିକ ସଂଘ, କେନ୍ଦ୍ରାପଡ଼ାର ଲେବର ସୋସାଇଟି ଇତ୍ୟାଦି ତୁମର ଶାନ୍ତ ସ୍ୱଭାବ ଓ ଚରିତ୍ର ଓ ବଳିଷ୍ଠ ନେତୃତ୍ୱରେ ଶ୍ରମିକ ମାଲିକ ସଂପର୍କକୁ ଏପରି ଏକ ପର୍ଯ୍ୟାୟକୁ ଆଣିପାରିଥିଲା ଯେ, ଯାହା ଅନ୍ୟତ୍ର ବିରଳ, ମାଲିକ ହୁଅନ୍ତୁ ବା ଶ୍ରମିକ ହୁଅନ୍ତୁ, ଯେଉଁମାନେ ବଞ୍ଚିଥିବେ, ତାଙ୍କର ମନେଥିବ ନିଶ୍ଚୟ । ବିଂଶ ଶତାବ୍ଦୀର ମଧ୍ୟଭାଗରେ କେନ୍ଦ୍ରାପଡ଼ାର ଶିକ୍ଷାର ଉନ୍ନତି କ୍ଷେତ୍ରରେ ଯେଉଁମାନଙ୍କର ସ୍ମରଣୀୟ ଅବଦାନ ରହିଛି, ସେମାନଙ୍କ ମଧ୍ୟରେ ତୁମର ସ୍ଥାନ ପ୍ରଥମ। ତୁମେ ଗଢ଼ିଥିବା କଲେଜମାନଙ୍କ ମଧ୍ୟରୁ କେନ୍ଦ୍ରାପଡ଼ାର କଲେଜ, ମାର୍ଶାଘାଇ କଲେଜ, ପାଟକୁରା କଲେଜ, ଦୀନବନ୍ଧୁ ସାହୁ ଲ' କଲେଜ (କେନ୍ଦ୍ରାପଡ଼ା), ବଳଦେବଜୀଉ ବି.ଇଡ଼ି କଲେଜ ଆଦି ଅନ୍ୟତମ। ଏହାଛଡ଼ା କେତେକ ହାଇସ୍କୁଲ ଓ ପ୍ରାଇମେରୀ ସ୍କୁଲ ଗଠନରେ ତୁମର ଅବଦାନ ସ୍ମରଣୀୟ । ତୁମରି ପ୍ରିୟନେତା ସ୍ୱର୍ଗୀୟ ଦୀନବନ୍ଧୁବାବୁ, ଡାକ ବିଭାଗର ଉ.ଏ.ପଦରୁ ଅବସର ଗ୍ରହଣ କରିଥିବା ସ୍ୱର୍ଗୀୟ ନିମାଇଁବାବୁ ଉପରୋକ୍ତ କ୍ଷେତ୍ରରେ କୌଣସି କାର୍ଯ୍ୟ ତୁମର ବିନା ପରାମର୍ଶରେ କରୁନଥିଲେ। ଏ କ୍ଷେତ୍ରରେ ଯାହାକୁ ତୁମେ ସହଯୋଗ କରିବାକୁ ଡାକିଛି, ସମସ୍ତେ ସ୍ୱଇଚ୍ଛାରେ ଧନ ଜୀବନ ଦେଇ ତୁମ କାର୍ଯ୍ୟକୁ ଆଗେଇ ନେଇଛନ୍ତି ।

କୃଷକମାନଙ୍କ ପାଇଁ ତୁମର ଅବଦାନ କିଛି କମ ନୁହେଁ ବନ୍ଧୁ। କେନ୍ଦ୍ରାପଡ଼ା ସବ୍‌ଡିଭିଜନର ପ୍ରାୟ ଏକଲକ୍ଷ ଏକର ପାଟ ଜମି ଜଳ ନିଷ୍କାସନ ହୋଇନପାରି ପଡ଼ିଆ ପଡୁଥିଲା। କୃଷକମାନଙ୍କର ହିତ ପାଇଁ ତମେ ତତ୍‌କାଳୀନ ସରକାରଙ୍କ ସହିତ କେତେ ଯେ ଲଢ଼ିଛ, ତାହା କେନ୍ଦ୍ରାପଡ଼ାର କୃଷକମାନେ ଏବେଯାଏ ମନେ ପକାଉଛନ୍ତି ।

୧୯୭୭ ନିର୍ବାଚନ ପରେ ତୁମେ ଶ୍ରୀଯୁକ୍ତ ନୀଳମଣି ରାଉତରାୟଙ୍କ ମନ୍ତ୍ରୀମଣ୍ଡଳରେ ସେଚ କୃଷି ସମବାୟ ଏବଂ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ମନ୍ତ୍ରୀ ଭାବରେ ସ୍ଥାନ ପାଇଲ, କେନ୍ଦ୍ରରେ ପୂଜ୍ୟ ମୋରାରଜୀ ଭାଇଙ୍କ ମନ୍ତ୍ରୀମଣ୍ଡଳ ଗଠନ କରାଗଲା। ବରେଣ୍ୟ ନେତା ବିଜୁବାବୁ ସେହି କେନ୍ଦ୍ରମନ୍ତ୍ରୀମଣ୍ଡଳରେ ଏକ ବଳିଷ୍ଠ ମନ୍ତ୍ରୀ ଭାବରେ ଯୋଗଦେଲେ। ଏହି ସମୟରେ ତୁମର ପାଟନଳୀ ସଫା କାର୍ଯ୍ୟଟି ସଫଳ ହୋଇଥିଲା। କେନ୍ଦ୍ର କୃଷିମନ୍ତ୍ରୀ ବର୍ଣ୍ଣାଲା ସାହେବଙ୍କୁ କେନ୍ଦ୍ରାପଡ଼ା ଅଣାଇ, ପାଟଜମି ସବୁର ଜଳ ନିଷ୍କାସନ ବ୍ୟବସ୍ଥା କରାଇଥିଲା। ତୁମର ଏ ସାହାଯ୍ୟ ସହଯୋଗ ଓ ସେବା କୃଷକ ସମାଜର ଜନମାନସରୁ ଭୁଲି ହେବାର ନୁହେଁ ।

ରୋଗଗ୍ରସ୍ତ ଶରୀର ନେଇ ତୁମର ଅନ୍ତିମ ଯାତ୍ରା ଦେଖିପାରିଲି ନାହିଁ। ୧୯୮୯ର ନିର୍ବାଚନରେ ପ୍ରାର୍ଥୀ ପତ୍ର କେନ୍ଦ୍ରାପଡ଼ାରେ ଦାଖଲ କରିସାରି ସହକର୍ମୀମାନଙ୍କ ଗହଣରେ, ଶ୍ରୀ ବଳଦେବଜୀଉଙ୍କର ଦର୍ଶନ ପାଇଁ ତୁମେ ଆସିଥିଲ। ବନ୍ଧୁମାନଙ୍କ ଠାରୁ ଖବର ପାଇ ସାକ୍ଷାତ ପାଇଁ ଯାଇଥିଲି। ସାକ୍ଷାତରେ କହିଥିଲ ନା, 'ରାମଭାଇ'। ପଟ୍ଟାମୁଣ୍ଡାଇରୁ ମୁଁ ପ୍ରାର୍ଥୀପତ୍ର ଦାଖଲ କଲି।' କହିଥିଲ, 'କଂଗ୍ରେସର ଏ ଅସମୟରେ ଦାୟିତ୍ୱ କିଏ ନିଅନ୍ତା ?' ହସିଦେଲ। ତୁମର ସହଧର୍ମିଣୀ ସୋହାଗିନୀ ରାଣୀ ଜେମାଦେଈଙ୍କ ମୁଣ୍ଡରୁ ସିନ୍ଦୁର ଓ ହାତରୁ କାଚ ଝଡ଼ାଇ ତୁମେ ମହାପ୍ରୟାଣର ଯାତ୍ରୀ ହେଲା ପଛରେ ରହିଲେ ତୁମର ଅତି ଆଦରର ଫୁକୁ, ତପୁ, ବାବୁ, ଲିପୁ, ଇତି ଇତ୍ୟାଦି, ଅସରନ୍ତି ଲୁହ ଆଉ ମନର କୋହରେ ନୀଳ ଆକାଶକୁ ଚାହିଁ। ମୋ ଦୃଷ୍ଟିରେ ନୀତିବାଦିତା, ନିଷ୍କପଟତା, ବନ୍ଧୁ ବତ୍ସଳତା ଓ ନିର୍ଭୀକତାର ତୁମେ ଥିଲ ପ୍ରେରଣାମୟ ପ୍ରତିରୂପ । ତୁମର ବହୁ ପ୍ରତିଭା, ତୁମର ଶତ ଶତ ଗୁଣଗ୍ରାହୀଙ୍କ ଅନ୍ତରରେ ଚରିଦିନ ସ୍ମରଣୀୟ ହୋଇ ରହିବ।

ମୁଁ ତୁଳସୀ କ୍ଷେତ୍ରର ଦେବତା ଶ୍ରୀସିଦ୍ଧ ବଳଦେବଜୀଉଙ୍କଠାରେ ସକରୁଣ ପ୍ରାର୍ଥନା କରୁଛି, ଏ ଦୁଃଖ ସହିବାକୁ ଈଶ୍ୱର ତୁମର ସମସ୍ତ ପରିବାରକୁ ଶକ୍ତି ଓ ସାହସ ଦିଅନ୍ତୁ । ହେ ଯୋଗଜନ୍ମା ପହଲିବାବୁ ତୁମର ଆତ୍ମା ଭାଗବତ ପ୍ରାପ୍ତ ହେଉ ଏହାହିଁ ତୁମ ପ୍ରତି ମୋର ଶ୍ରଦ୍ଧାଞ୍ଜଳି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳନ ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନର କାର୍ଯ୍ୟସୂଚୀ ଚୂଡ଼ାନ୍ତ

**କେନ୍ଦୁଝର, ନ୍ୟୁଜ୍**

ଆସନ୍ତା ଜାନୁଆରୀ ୨୬ ତାରିଖରେ ପାଳିତ ହେବାକୁ ଥିବା ୭୭ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଆଗାମୀ ଜାନୁଆରୀ ୨୬ ଉତ୍ସବକୁ ସୁଚାରୁରୂପେ ପାଳନ କରିବା ପାଇଁ ରୂପରେଖ ପ୍ରସ୍ତୁତ କରିଛନ୍ତି। କାର୍ଯ୍ୟସୂଚୀ ଅନୁଯାୟୀ ଉକ୍ତ ଦିନ ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ରାମ୍‌ଧୁନ୍ ଗାନ କରାଯାଇ ସହର ପରିକ୍ରମା କରାଯିବ। ବିଭିନ୍ନ ଅନୁଷ୍ଠାନରେ ସକାଳ ୭ଟା ୩୦ରେ ଅନୁଷ୍ଠାନ ମୁଖ୍ୟଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ପରେ ସକାଳ ୮ଟା ୩୦ମିନିଟ୍ ସମୟରେ କେନ୍ଦୁଝର ଷ୍ଟାଡିୟମ୍ ଠାରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡ ଅଭିବାଦନ ଗ୍ରହଣ କରିବେ। ଏଥିରେ ପୋଲିସ, ଏନ୍‌ସିସି ଓ ସ୍କାଉଟ୍ ଏବଂ ଗାଇଡ୍ ଦଳ ପକ୍ଷରୁ ମିଳିତ ପ୍ୟାରେଡ ପ୍ରଦର୍ଶନ କରାଯାଇ ଅଭିବାଦନ ଗ୍ରହଣ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶପ୍ରେମମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ସେମାନଙ୍କର ସଫଳତା ଓ ଜନକଲ୍ୟାଣକାରୀ ଯୋଜନାକୁ ନେଇ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷ ଓ କୃତି ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯିବ। ଆସନ୍ତା ଜାନୁଆରୀ ୨୧, ୨୨ଓ ୨୪ ତାରିଖରେ କେନ୍ଦୁଝର ଷ୍ଟାଡିୟମ୍ ଠାରେ ପ୍ୟାରେଡ୍ ଅଭ୍ୟାସ ଅନୁଷ୍ଠିତ ହେବ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଆଇଏସ୍ ପ୍ରୋବେସନର୍ ପଓ୍ୱନ କୁମାର ଏବଂ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ସୁକାନ୍ତ ମାଝୀ, ବୁଦ୍ଧିଜୀବୀମାନେ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଶିକ୍ଷାନୁଷ୍ଠାନର ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ନିଜ ନିଜର ମତାମତ ପ୍ରଦାନ କରିଥିଲେ।

## କଟକ ଜିଲ୍ଲାର ପ୍ରଥମ ସମ୍ପୂର୍ଣ୍ଣ ସୌରଶକ୍ତି ସମ୍ପନ୍ନ ଗାଁ ଓଲବ ଓ ଦେବଭୂମି

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲା ନରସିଂହପୁର ବ୍ଲକ ଅନ୍ତର୍ଗତ ଓଲବ ଓ ଦେବଭୂମି ଗ୍ରାମ ପ୍ରଥମ ସୌରଶକ୍ତି ସମ୍ପନ୍ନ ଗ୍ରାମ ଭାବେ ପରିଚୟ ଲାଭ କରିଛି । ବିଧାୟକ ବିଜୟ କୁମାର ଦଲବେହେରା ଓ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ଦୁଇଟି ଗାଁର ସମ୍ପୂର୍ଣ୍ଣ ସୌରଶକ୍ତିକରଣ ପ୍ରକଳ୍ପକୁ ଉନ୍ମୋଚନ କରିବା ସହ ଗ୍ରାମବାସୀମାନଙ୍କ ସହ ଆଲୋଚନା କରିଛନ୍ତି । ପିଏମ୍ ସୂର୍ଯ୍ୟ ଘର ଯୋଜନା ଦ୍ୱାରା ସମ୍ପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହି ସୌର ଶକ୍ତି ବା ସୋଲାର ପ୍ୟାନେଲ୍ ଲଗାଯିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା ବିଧାୟକ ଶ୍ରୀ ଦଲବେହେରା ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷିରେ ଜିଲ୍ଲାପାଳ ଶ୍ରୀ ଶିନ୍ଦେ କହିଛନ୍ତି ଯେ ଉଭୟ ଗାଁ ଲୋକେ ଏବେ ସୌରଶକ୍ତି ଦ୍ୱାରା ବିଜୁଳି ପାଇବା ସହ ବିଦ୍ୟୁତ ଦେୟ ମଧ୍ୟ ହ୍ରାସ ପାଇବ । ପ୍ରାରମ୍ଭିକ ପର୍ଯ୍ୟାୟରେ ଓଲବ



ଗାଁରେ ୫୧ଟି ଘର ଓ ଦେବଭୂମିର ୨୯ଟି ଘରେ ସୋଲାର ପ୍ୟାନେଲ ଲଗାଯାଇଛି । ଏହାଦ୍ୱାରା କମ୍ ଭୋଲଟେଜ୍ ଓ ବାରମ୍ବାର ବିଦ୍ୟୁତ୍ କାଟରୁ ମଧ୍ୟ ଗ୍ରାମବାସୀ ରକ୍ଷା ପାଇପାରିବେ । ପିଏମ୍ ସୂର୍ଯ୍ୟଘର ଯୋଜନାରେ ଟିପିସିଓଡିଏଲ୍ ପକ୍ଷରୁ ଏହି ସୋଲାର ପ୍ୟାନେଲ୍ ସ୍ଥାପନ କରାଯାଇ ଗାଁଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତିକରଣ କରାଯାଇଛି । ଏହାଦ୍ୱାରା ବିନା ପାରମ୍ପରିକ ବିଦ୍ୟୁତ ସଂଯୋଗରେ ଗାଁଲୋକେ ସମସ୍ତ ବିଦ୍ୟୁତ୍‌ଚାଳିତ ସୁବିଧା ଉପଭୋଗ କରିପାରିବେ । ପ୍ରାୟ ୨୫ ଦିନ ମଧ୍ୟରେ ଏହି ସୋଲାର ପ୍ୟାନେଲ୍ ସ୍ଥାପନ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ ହୋଇଛି । ପ୍ରତି ସୋଲାର ପ୍ୟାନେଲ ପାଇଁ କେନ୍ଦ୍ର ସରକାର ୩୦ ହଜାର ଟଙ୍କା ଏବଂ ରାଜ୍ୟ ସରକାର ୨୫ ହଜାର ଟଙ୍କାର ଅନୁଦାନ ଯୋଗାଇ ଦେଉଥିବା ବେଳେ ଉପଭୋକ୍ତାଙ୍କ ଅଂଶର ଅର୍ଥ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଖଣିଜ ପାଣ୍ଠିରୁ ବହନ କରାଯାଇଛି । ଏହି ପଦକ୍ଷେପ ବିଶେଷ ଭାବରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ପାଇଁ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଉପଲବ୍ଧତା ସୁନିଶ୍ଚିତ କରିବା ନିମନ୍ତେ କାର୍ଯ୍ୟକାରୀ କରାଯାଇଛି । ନିରବଚ୍ଛିନ୍ନ ସୌରଶକ୍ତିର ଉପଲବ୍ଧତା ଆଲୋକୀକରଣ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଜୀବିକା ଆଦିକୁ ସହଜ କରିବା ସହ ଜୀବନଧାରଣର ମାନକୁ ଉନ୍ନତ କରିବ । ଏହା ଶକ୍ତି ଆତ୍ମନିର୍ଭରଶୀଳତା ଏବଂ ପରିବେଶଗତ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ସହିତ ହିତାଧିକାରୀ ପରିବାର ପାଇଁ ବିଦ୍ୟୁତ୍ ଖର୍ଚ୍ଚକୁ ମଧ୍ୟ ଯଥେଷ୍ଟ ହ୍ରାସ କରିବ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଆଠଗଡ଼ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ସମେତ ଟାଟା ପାୱାରର ଉପଖଣ୍ଡ ପରିଚାଳକ ଜିତେନ୍ଦ୍ର ପାତ୍ର, ପ୍ରକଳ୍ପ ମୁଖ୍ୟ ବସନ୍ତ ତରିଆ, ଅମିତ ସେନଗୁପ୍ତା ଉପସ୍ଥିତ ଥିବାବେଳେ ଅନ୍ୟାନ୍ୟ ସଂପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ନାଳି ଇଟା, ଚୋରା ମଦ, ଚୋରା ବାଲି ବନ୍ଦ କରିବା ଉପରେ ଗୁରୁତ୍ୱ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏକ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଜିଲ୍ଲା ଖଣି ଅଧିକାରୀ, ଅବକାରୀ ଅଧକ୍ଷ ପ୍ରମୁଖ ଯୋଗଦେଇ ଜିଲ୍ଲାରେ ବେଆଇନ ଭାବେ ନାଳି ଇଟା ନିର୍ମାଣ, ଜିଲ୍ଲାର ବିଭିନ୍ନ ସ୍ଥାନରେ ଚୋରା ମଦ ବିକ୍ରି, ଚୋରା ବାଲି ଇତ୍ୟାଦିକୁ ବନ୍ଦ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଏଥିସହିତ ଜବରଦଖଲ ଉଚ୍ଛେଦ, ବେଆଇନ୍ ବାଲି ଖାଦାନ ଉପରେ ଚଢ଼ଉ କରି ହାଇୱାରେ ବାଲି ଆଣୁଥିବା ମାଲିକଙ୍କୁ ଖାଦାନ ମାଲିକମାନେ ଟିପି ଦେଉନଥିବାରୁ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆଲୋଚନା କରାଯାଇଛି । ଏଥିସହିତ ବେଆଇନ ଖଣି କାରବାର ପ୍ରତିହତ କରିବା, ଜିଲ୍ଲାରେ ଚୋରାରେ ବିକ୍ରି ହେଉଥିବା ଗଞ୍ଜେଇ, ମଦ, ବ୍ରାଉନ୍ ସୁଗାର ଆଦିକୁ ଜବତ କରି ବିକ୍ରି କରୁଥିବା ଲୋକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଆଳି, ରାଜନଗର, ରାଜକନିକା ଓ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଜଙ୍ଗଲ ବିଭାଗ ଦ୍ୱାରା କୁମ୍ଭୀର ଆକ୍ରମଣକୁ ରୋକିବା ପାଇଁ ତାର ବାଡ ଦ୍ୱାରା ଘାଗଧାରା ଗୁଡ଼ ନିର୍ମାଣ କରିବା ପାଇଁ ଉପଜିଲ୍ଲାପାଳ ଜିଲ୍ଲା ବନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ଆଲୋଚନା ହୋଇଥିବା ସମସ୍ତ ବିଷୟଗୁଡ଼ିକୁ ତହସିଲଦାର ମାନେ କାର୍ଯ୍ୟକାରୀ କରିବା ପାଇଁ ଉପ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।





## ପାଣିକୋଇଲିରେ ଜିଲ୍ଲାସ୍ତରୀୟ ଧାନ ମଣ୍ଡି ଉଦ୍‌ଘାଟିତ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପାଣିକୋଇଲି ପ୍ରାଥମିକ କୃଷି ସମବାୟ ସମିତି ଧାନ ମଣ୍ଡିରେ ଧାନ କ୍ରୟର ଶୁଭ ଉଦ୍‌ଘାଟନ ହୋଇଛି। ଏହି ଜିଲ୍ଲାସ୍ତରୀୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ଜିଲ୍ଲାପାଳ ଅମ୍ବର କୁମାର କର, ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ଡିଆର୍‌ସିଏସ୍ ଅମୂଲ୍ୟ କୁମାର ସେଠି ଯୋଗ ଦେଇଥିଲେ। ସାଂସଦ ଶ୍ରୀ ବେହେରା ଜିଲ୍ଲାରେ ସମସ୍ତ ଧାନ ମଣ୍ଡିରେ ଶାନ୍ତି ଶୃଙ୍ଖଳାର ସହ ବିନା କଟନୀ ଛଟନୀରେ ସୁରୁଖୁରୁରେ ଚାଷୀ ମାନଙ୍କ ଠାରୁ ଧାନ କ୍ରୟ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଧାୟକ ଆକାଶ ଦାସ ନାୟକ ଯାଜପୁରରେ ସୁବ୍ୟବସ୍ଥିତ ଢଙ୍ଗରେ ଧାନ ମଣ୍ଡିରେ କ୍ରୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଚଳିତ ବର୍ଷ ଯାଜପୁର ଜିଲ୍ଲାରେ ମୋଟ୍ ୫୯,୯୬୧ ଜଣ ଚାଷୀ ଧାନ ମଣ୍ଡି ପାଇଁ ପଞ୍ଜିକରଣ କରିଛନ୍ତି ଏବଂ ବର୍ତ୍ତମାନ ସୁଦ୍ଧା ୪୨,୭୨୦ ଟୋକେନ୍ ବଣ୍ଟନ କରାଯାଇଛି। ଧାନର ସର୍ବନିମ୍ନ ସହାୟତା ରାଶି ଇନ୍‌ପୁଟ୍ ସବ୍‌ସିଡ୍ ସହିତ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଚାଷୀଙ୍କୁ ଦିଆଯିବ। ଏଥର ଝୋଟ ବ୍ୟାଗ୍‌ରେ ହିଁ ଧାନ କ୍ରୟ କରିବା ପାଇଁ ପ୍ରାଧାନ୍ୟ ଦିଆଯାଉଛି। ପଞ୍ଜୀକୃତ ହୋଇଥିବା ମୋଟ୍ ୧୪୦ଟି ପ୍ରାଥମିକ କୃଷି ସମବାୟ ସମିତି ଏବଂ ୪୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ଧାନ କ୍ରୟ କରାଯାଉଛି। ଏହି କାର୍ଯ୍ୟକ୍ରମରେ ପାଣ୍ଡ ସଭାପତି ସନ୍ତୋଷ କୁମାର ବେହେରା ଓ ସମ୍ପାଦକ ଉପସ୍ଥିତ ଥିଲେ।

## 'ଜଳ ଉତ୍ସର ସଠିକ୍ ପରିଚାଳନା ଚାଷୀମାନଙ୍କୁ ଆତ୍ମନିର୍ଭରଶୀଳ କରିବ'

**କେନ୍ଦୁଝର, ନ୍ୟୁଜ୍**

ବ୍ଲକ ସ୍ତରୀୟ ୱାଟରସେଡ ମହୋତ୍ସବ ବାଂଶପାଳ ବ୍ଲକ ତଳକଇଁସାରୀ ପଞ୍ଚାୟତ ଆମଡହରା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ ପକ୍ଷରୁ ଅନୁଷ୍ଠିତ ୱାଟରସେଡ ମହୋତ୍ସବରେ ସଦର ବ୍ଲକର ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ଏବଂ ସ୍ଥାନୀୟ ଲୋକ ଯୋଗ ଦେଇଥିଲେ । ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଯୋଗଦେଇ ମୃତ୍ତିକା ସଂରକ୍ଷଣ, ବର୍ଷାଜଳ ସଂଗ୍ରହ, ଜଳ ଉତ୍ସର ସଠିକ୍ ପରିଚାଳନା କରି ଚାଷୀ କିପରି ଆତ୍ମନିର୍ଭରଶୀଳ ହେବେ ସେ ସମ୍ପର୍କରେ କହିଥିଲେ । ସମ୍ମାନୀତ ଅତିଥିଭାବେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନୁରୂପ ସାହୁ, ବାଂଶପାଳ ବ୍ଲକ ଅଧ୍ୟକ୍ଷ ମାନସ ଦେହୁରୀ, ତଳକଇଁସାରୀ ସରପଞ୍ଚ ଶକୁନ୍ତଳା ଦେହୁରୀ, ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ବାରିକ, ଶାନ୍ତିଲତା ରଣା, ତେଲକୋଇ ବିଧାୟକଙ୍କ ପ୍ରତିନିଧି ଉମାଶଙ୍କର ବାରିକ, ସମିତି ସଭ୍ୟ ବାସନ୍ତୀ ବେହେରା, ବାଂଶପାଳ ବ୍ଲକ କୃଷି ଅଧିକାରୀ ପ୍ରିୟଙ୍କା ମିଶ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୋନାଲି ପତି ପ୍ରମୁଖ ଯୋଗଦେଇ କୃଷିର ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନାର ସୁବିଧା ନେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ସୁକାନ୍ତ କୁମାର ସାହୁ ଯୋଗଦେଇ କୃଷି ବିଜ୍ଞାନ ପରିସରରେ ଥିବା ଆଗ୍ରୋ ପଲିଟେକ୍‌ନିକ୍ ସେଣ୍ଟରରେ ଗ୍ରାମୀଣ ଯୁବକ/ଯୁବତୀମାନଙ୍କ ପାଇଁ ଏକ ୬ ମାସିଆ ବୈଷୟିକ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହେଉଛି । ମାଟ୍ରିକ୍ ପାସ୍ କରିଥିବା ୧୫ ରୁ ୪୫ ବର୍ଷର ଯୁବକ/ ଯୁବତୀମାନେ ଏହାର ସୁବିଧା ନେଇ ନିଜକୁ ରୋଜଗାରକ୍ଷମ କରିପାରିବେ ଏବଂ ଏହାର ସୁବିଧା ନେବାକୁ ସେ କହିଥିଲେ । ବ୍ଲକସ୍ତରୀୟ ୱାଟରସେଡ୍ ମହୋତ୍ସବ ଅବସରରେ ପୋଖରୀ ଖନନ, ବୃକ୍ଷରୋପଣ ଆଦି ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍ ଓ ଚିତ୍ରାଙ୍କନ ଅନୁଷ୍ଠିତ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଆମଡହରା ଗ୍ରାମରେ ବୃକ୍ଷରୋପଣ ଏବଂ ଜଳ ଅମଳ ପ୍ରକଳ୍ପ ବା କ୍ଷେତ ପୋଖରୀ ଖନନ ଭୂମିପୂଜନ କରାଯାଇଥିଲା । ଏହି ମହୋତ୍ସବକୁ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗର ସହକାରୀ ନିର୍ଦ୍ଦେଶକ ପ୍ରଦୀପ କୁମାର ରାଉତ ପରିଚାଳନା କରିଥିବା ବେଳେ ସହକାରୀ ନିର୍ଦ୍ଦେଶକ ବନମାଳି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟ ନିର୍ବାଚନ କମିଶନଙ୍କ କେନ୍ଦ୍ରାପଡ଼ା ଗସ୍ତ ଓ ପଞ୍ଚାୟତ ନିର୍ବାଚନ ସମୀକ୍ଷା



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ନିର୍ବାଚନ କମିଶନର ମଧୁସୁଦନ ପାଢ଼ୀ କେନ୍ଦ୍ରାପଡ଼ା ଗସ୍ତରେ ଆସି ଜିଲ୍ଲାପାଳ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ପଞ୍ଚାୟତ ନିର୍ବାଚନ ୨୦୨୭ ଏବଂ ପୌର ପରିଷଦର ଆଗାମୀ ନିର୍ବାଚନ ଉପରେ ମଧ୍ୟ ସମୀକ୍ଷା କରିଛନ୍ତି। ୱାଲାଟ ବକ୍ସ ମହଜୁଦ ଏବଂ ତାହାର ସ୍ଥିତି, ଜିଲ୍ଲାର ଜନସଂଖ୍ୟା ପରିସଂଖ୍ୟାନ, ଅସ୍ଥାୟୀ ବୁଥ୍, ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ବୁଥ୍, ଘରକୁ ସର୍ଭେ, ପ୍ରାର୍ଥୀ ସଂରକ୍ଷିତ ତାଲିକା, ଭୋଟ ଗଣତି ମତାମତ ସମେତ ଭୋଟର ତାଲିକା, ଭୋଟର ତାଲିକାରେ ନାମ ଯୋଡିବା, କାଟିବା ଇତ୍ୟାଦି ବ୍ୟତୀତ ନିର୍ବାଚନ ସଂକ୍ରାନ୍ତୀୟ ବିଭିନ୍ନ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ପୂର୍ବାହ୍ନରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ରଘୁରାମ ଆର୍ ଆୟର୍, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ରମେଶ ପଣ୍ଡା, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାସ ସମେତ ଜିଲ୍ଲାର ସମସ୍ତ ବିଡ଼ିଓ ଉପସ୍ଥିତ ଥିଲେ।

## ଶିବଶମ୍ଭୁ ମନ୍ଦିର ଓ ପଥର ଗୁମ୍ଫାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ନୂଆ ବର୍ଷ ଆରମ୍ଭ ସହିତ ଲୋକଙ୍କ ମନରେ ପିକ୍‌ନିକ୍ ଓ ଭ୍ରମଣର ଉତ୍ସାହ ବଢ଼ିଛି । ଏହି ସମୟରେ କାଲିମେଳା ବ୍ଲକ ଅଧିନସ୍ଥ ମାନ୍ୟମକୋଣ୍ଡା ପଞ୍ଚାୟତର ଟାଗୋରକୋଟା ପାହାଡ଼ ଶିଖରରେ ନିର୍ମାଣାଧିନ ଶିବଶମ୍ଭୁ ମନ୍ଦିର ଓ ମାନ୍ୟମକୋଣ୍ଡା ନିକଟରେ ଥିବା ପୁରାତନ ପଥର ଗୁମ୍ଫା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ପାଇଁ ଆକର୍ଷଣର ନୂଆ କେନ୍ଦ୍ର ଭାବେ ଉଭୟ ହୋଇଉଠିଛି । ମାଲକାନଗିରିର ପ୍ରସିଦ୍ଧ ବଡ଼ଯାତ୍ରାରେ ପୂଜିତ କାନାମରାଜୁ, ବାଲାରାଜ୍ ଓ ପୋତରାଜ ଏହି ତିନି ଠାକୁରଙ୍କ ଆବିର୍ଭାବ ସ୍ଥଳ ଭାବେ ପରିଚିତ ପାଲକୋଣ୍ଡା ପର୍ବତର ବିରାଟ ପଥର ଗୁମ୍ଫା ମାନ୍ୟମକୋଣ୍ଡା ନିକଟରେ ଅବସ୍ଥିତ । ପୌରାଣିକ ଓ ଆଧ୍ୟାତ୍ମିକ ମହତ୍ୱରେ ପୂର୍ଣ୍ଣ ଏହି ସ୍ଥାନ ଦେଖିବା ପାଇଁ ଜିଲ୍ଲା ସହିତ ଜିଲ୍ଲା ବାହାରରୁ ମଧ୍ୟ ଲୋକେ ଆସୁଥିବା ଦେଖାଯାଉଛି । ସୁଉଚ୍ଚ ପାହାଡ଼ ଶିଖରରେ ଧ୍ୟାନମଗ୍ନ ଅବସ୍ଥାରେ ଅବସ୍ଥିତ ଶିବ ଶମ୍ଭୁଙ୍କ ବିଶାଳ ମୂର୍ତ୍ତି ପର୍ଯ୍ୟଟକଙ୍କୁ ବେଶି ଆକର୍ଷିତ କରୁଛି । ଏଠାରେ ଫଟୋ ଓ ଭିଡିଓ ଉଠାଇବା ପାଇଁ ଦିନକୁ ଦିନ ଭିଡ଼ ବଢୁଛି । କାଲିମେଳାର ପୂର୍ବତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାଶଙ୍କର ଦଲେଇଙ୍କ ଭିଜନ୍‌ରେ ଆରମ୍ଭ ହୋଇଥିବା ଏହି ମନ୍ଦିର ନିର୍ମାଣ କାର୍ଯ୍ୟ। ବର୍ତ୍ତମାନ ଜିଲ୍ଲା ପ୍ରଶାସନର ପର୍ଯ୍ୟଟନ ବିକାଶ ଯୋଜନା ଅନୁଯାୟୀ ଶେଷ ପର୍ଯ୍ୟାୟରେ ରହିଛି । ବର୍ତ୍ତମାନ ଏହି ସ୍ଥାନ ପ୍ରେଇଡ୍ଡିଂ ଫଟୋସୁଟ ଓ ସୋସିଆଲ ମିଡ଼ିଆ ରିଲ୍ସ ପାଇଁ ମଧ୍ୟ ଖୁବ୍ ଲୋକପ୍ରିୟ ହୋଇଉଠିଛି । ଆନ୍ଧ୍ର ପ୍ରଦେଶରୁ ମଧ୍ୟ ପର୍ଯ୍ୟଟକମାନେ ଏଠାକୁ ଆସୁଥିବା ନଜିର ରହିଛି । ସେହିପରି ମାନ୍ୟମକୋଣ୍ଡା ଗୁମ୍ଫା ଓ ଟାଗୋରକୋଟା ଶିବ ମନ୍ଦିର ପାଖାପାଖି ଥିବାରୁ ପର୍ଯ୍ୟଟକମାନେ ଉଭୟ ସ୍ଥାନ ବୁଲିସାରି ପଲୁର ନିକଟରେ ଥିବା ଜଳପ୍ରପାତରେ ପିକ୍‌ନିକ୍ କରୁଥିବା ଦେଖାଯାଉଛି । ସ୍ଥାନୀୟ ଲୋକଙ୍କ ମତନୁସାରେ, ଯଦି ପାନୀୟ ଜଳ, ଛୋଟ ବଜାର ବ୍ୟବସ୍ଥା ଓ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରାଯାଏ ତେବେ ଏହା ଆହୁରି ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ର ଭାବେ ଉଭୟ ହେବ।

## ପାଣି ପଞ୍ଚାୟତ ପକ୍ଷ ପାଇଁ ବୁଲିଲା ସଚେତନତା ରଥ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ମଙ୍ଗଳବାର ଦିନ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରାଯାଇଥିବା ଏହି ରଥକୁ ତେଲକୋଇ ବିଧାୟକ ଡାକ୍ତର ଫକିର ମୋହନ ନାଏକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା ପାଣି ପଞ୍ଚାୟତ କ୍ଷେତ୍ରୀୟ ଅଧିକାରୀ, କେନ୍ଦୁଝର ଆନୁକୂଲ୍ୟରେ ଆୟୋଜିତ ଏହି ସଚେତନତା ରଥ ଜିଲ୍ଲାରେ କାର୍ଯ୍ୟ କରୁଥିବା ସମସ୍ତ ପାଣି ପଞ୍ଚାୟତ ଗ୍ରାମଗୁଡ଼ିକୁ ଅତିକ୍ରମ କରିବ ବୋଲି ଜଣାପଡିଛି। ପାଣି ପଞ୍ଚାୟତ ପକ୍ଷ ଜାନୁଆରୀ ୬ ରୁ ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ଗାଁ ଗାଁ ବୁଲି ଜଳସେଚନ ସୁବିଧା ଓ ସୁପରିଚାଳନା ନିମନ୍ତେ ଚାଷୀମାନଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବ। ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ କ୍ଷୁଦ୍ର ଜଳସେଚନ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ଇଂ ରଶ୍ମୀରେଖା ଚାତାର, କାନ୍ଝାରୀ ଏସ୍‌ଡିଓ ଇଂ ଚତୁର୍ଭୁଜ ନାୟକ, କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ (୧) ଇଂ ସୁକେସ୍ମିତା ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ (୨) ଇଂ ମଙ୍ଗୁଳି ଚରଣ ସିଂ, ତେଲକୋଇ ଏସଡିଓ ପିଠ ସୋରେନ, ସହକାରୀ ଯନ୍ତ୍ରୀ ଇଂ ଚିତ୍ତରଞ୍ଜନ ଜେନା, ଇଂ ଆନନ୍ଦ କୁମାର ମଣ୍ଡଳ, ଇଂ ଯୁଧିଷ୍ଠିର ସାହା, ଇଂ ଦିବ୍ୟ ସିଂ ପ୍ରଧାନ, ବିଭାଗୀୟ ଅଧିକାରୀ ସୁଶିଲ କୁମାର ସେଠୀ, ଉଠା ଜଳସେଚନ ବିଭାଗ କେନ୍ଦୁଝର ସଦର ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ବୁଧୁରାୟ ସାଙ୍ଗେ ସାମାଦଙ୍କ ସମେତ କ୍ଷୁଦ୍ର ଜଳସେଚନ ବିଭାଗ ଅନ୍ତର୍ଗତ ପାଣି ପଞ୍ଚାୟତ କର୍ମକର୍ତ୍ତା, କନିଷ୍ଠ ଯନ୍ତ୍ରୀ ଏବଂ ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ଗୃହପାଳିତ ପଶୁପକ୍ଷୀଙ୍କୁ ମିଳିବ ଉନ୍ନତମାନର ଚିକିତ୍ସା ସୁବିଧା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାରେ ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା ନିମନ୍ତେ ଆବଶ୍ୟକୀୟ ଚିକିତ୍ସା ଭିତ୍ତିଭୂମିର ଅଭାବ ଥିବାବେଳେ ଏଥିପାଇଁ ଅନେକଙ୍କର ଅକାଳରେ ଜୀବନହାନୀ ଘଟୁଥିବା ଅଭିଯୋଗ ହେଉଛି । ଚିକିତ୍ସା ପୂର୍ବରୁ ଆବଶ୍ୟକୀୟ ନିଦାନ ହୋଇପାରୁନଥିବାରୁ ରୋଗ ଚିହ୍ନଟ ଓ ସଠିକ୍ ଉପଚାର କରିବା ପ୍ରାଣୀ ଚିକିତ୍ସକଙ୍କ ପାଇଁ କଷ୍ଟସାଧ ହେଉଛି । ଏଭଳି କ୍ଷେତ୍ରରେ ଜିଲ୍ଲାରେ ଗୃହପାଳିତ ପଶୁପକ୍ଷୀଙ୍କ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାର ମୋଟ୍ ୧୧ଟି ପ୍ରାଣୀ ଚିକିତ୍ସାଳୟକୁ ପ୍ରଥମ ପର୍ଯ୍ୟାୟରେ ୧୧ଟି ଅତ୍ୟାଧୁନିକ ହେମାଟୋଲୋଜି ଆନାଲାଇଜର ଯୋଗାଇ ଦିଆଯିବ । ଏସବୁ ଖୁବ୍‌ଶୀଘ୍ର ଜିଲ୍ଲାର ବିଭିନ୍ନ ପ୍ରାଣୀ ଚିକିତ୍ସାଳୟରେ ପହଞ୍ଚିବ ବୋଲି ଜିଲ୍ଲା ପ୍ରାଣୀସମ୍ପଦ ମୁଖ୍ୟ ଡ଼ା. ଅଞ୍ଜନ ଦାସ କହିଛନ୍ତି । ରାଜ୍ୟର ପ୍ରଥମ ଜିଲ୍ଲା ଭାବେ ଗଞ୍ଜାମକୁ ପ୍ରଥମ ଥର ପାଇଁ ହେମାଟଲୋଜି ଆନାଲାଇଜର ଯୋଗାଇ ଦିଆଯାଉଥିବା ଜଣାପଡ଼ିଛି । ଜିଲ୍ଲାର ଛତ୍ରପୁର, ରଙ୍ଗେଇଲୁଣ୍ଡା, ଚିକିଟି, ଖଲ୍ଲିକୋଟ, ପୋଲସରା, ପୁରୁଷୋତ୍ତମପୁର, ଆସିକା, ଭଞ୍ଜନଗର, ବୁଗୁଡ଼ା, ଜଗନ୍ନାଥପ୍ରସାଦ ଓ ସୋରଡ଼ା ଆଦି ବ୍ଲକ୍‌ରେ ଥିବା ପଶୁ ଚିକିତ୍ସାଳୟରେ ଏହି ଆନାଲାଇଜର ସ୍ଥାପନ କରାଯିବ । ଏହାଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ପଶୁପକ୍ଷୀଙ୍କ ରକ୍ତ ପରୀକ୍ଷା କରି ରୋଗ ନିରୂପଣ କରିବା ସହଜ ହେବ । ଏହି ଅତ୍ୟାଧୁନିକ ଯନ୍ତ୍ର ଜରିଆରେ ପ୍ରାଣୀମାନଙ୍କ ରକ୍ତ ସଂଗ୍ରହ କରି ଆର୍‌ଡ଼ିସି, ଏଚ୍‌ସିଟି, ଏଚ୍‌ଜିବି, ଏମ୍‌ସିଭି, ଏମ୍‌ସିଏଚ୍, ଏମ୍‌ସିଏଚ୍‌ସି, ଅରଡ଼ିଡ଼ବ୍ଲ୍ୟୁ, ରେଟିକ୍ୟୁଲୋସାଇଟିସ୍, ଡ଼ିସି, ପିଏଲ୍‌ଟି, ପ୍ଲେଟ୍‌ଲେଟ୍ ଭେଲ୍ୟୁ, ପିଡ଼ିଡ଼ବ୍ଲ୍ୟୁ ଏବଂ ପିସିଟି ଭଳି ମୋଟ୍ ୧୪ ପ୍ରକାରର ପରୀକ୍ଷା କରାଯିବ । ଏଥିସହିତ ଅସୁସ୍ଥ ପଶୁପକ୍ଷୀମାନେ ଭୂତାଣୁ କିମ୍ବା ଜୀବାଣୁ ଜନିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି ତାହା ମଧ୍ୟ ସହଜରେ ସ୍ପଷ୍ଟ ହୋଇପାରିବ । ପ୍ରତି ଅସୁସ୍ଥ ଗୃହପାଳିତ ପଶୁପକ୍ଷୀଙ୍କ ପିଛା ମାତ୍ର ୫୦ ଟଙ୍କା ଦେୟରେ ଉପରୋକ୍ତ ସମସ୍ତ ପ୍ରକାରର ରକ୍ତ ପରୀକ୍ଷା ସହ ଉନ୍ନତମାନର ଚିକିତ୍ସା ସମ୍ଭବପର ହୋଇପାରିବ । ବର୍ତ୍ତମାନ ସ୍ଥାନୀୟ ସିଏଲ୍‌ଏଫ୍ ଲ୍ୟାବ୍‌ରେ ହେମାଟଲୋଜି ଆନାଲାଇଜର ରହିଛି । ସଠିକ୍ ଚିକିତ୍ସା ଓ ପରୀକ୍ଷା ଅଭାବରୁ ଗ୍ରାମାଞ୍ଚଳରେ ବହୁ ପ୍ରାଣୀଙ୍କ ଜୀବନହାନୀ ଘଟୁଛି । ଜିଲ୍ଲାର ବିଭିନ୍ନ ପ୍ରାଣୀ ଚିକିତ୍ସାଳୟକୁ ଅତ୍ୟାଧୁନିକ ହେମାଟଲୋଜି ଆନାଲାଇଜର ଯୋଗାଣ ଫଳରେ ଗୃହପାଳିତ ଉପଯୁକ୍ତ ଚିକିତ୍ସା ହୋଇପାରିବ ବୋଲି ଆଶା କରାଯାଇଛି ।

## ଡିଜିଟାଲ୍ ସେବାକେନ୍ଦ୍ର ଓ ମାଣ୍ଡିଆ ଛତୁଆ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ

**କେନ୍ଦୁଝର, ନ୍ୟୁଜ୍**

ଜିଲ୍ଲା ଖଣିଜ ଅନୁଷ୍ଠାନ (ଡିଏମ୍‌ଏଫ୍)ର ଅର୍ଥ ସହାୟତାରେ ଚାଲିଥିବା ଡିଏମ୍‌ଏଫ୍- ଉଦ୍ୟମୀ ପ୍ରକଳ୍ପ କାର୍ଯ୍ୟକ୍ରମ ଅନ୍ତର୍ଗତ ଝୁମ୍ପୁରା ବ୍ଲକର କେନ୍ଦୁଆ ଗ୍ରାମରେ ତାରଣୀସେନ୍ ମୁଣ୍ଡାଙ୍କ ଏକ ଡିଜିଟାଲ୍ ସେବା କେନ୍ଦ୍ର ଓ ଆନ୍ଧାରୀଖମାଣ ଗ୍ରାମରେ ଶ୍ରୀରାମ ଛତୁଆ କେନ୍ଦ୍ରର ଶୁଭଉଦ୍ଘାଟନ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବରିଆର ସରପଞ୍ଚ ଆଲେଖ କୁମାର ନାଏକ, ଅର୍ସଳାର ସରପଞ୍ଚ ହେମଲତା ନାଏକ ଏବଂ ନଳିନୀ ମହାନ୍ତ (ଜିପି ନେତା), ପାର୍ବତୀ ମୁଣ୍ଡା (ପୂର୍ବତନ ସରପଞ୍ଚ) ରହି ଉଦ୍ୟମୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ଏବଂ କାର୍ଯ୍ୟକ୍ରମର ଶୁଭଦ୍ଘାଟନ କରିଥିଲେ। ଅତିଥିମାନେ ତାଙ୍କ ଭାଷଣରେ କହିଥିଲେ ଯେ ଡିଏମ୍‌ଏଫ୍ ଉଦ୍ୟମୀ ପ୍ରକଳ୍ପ ମାଧ୍ୟମରେ ସ୍ଥାନୀୟ ଯୁବକ-ଯୁବତୀଙ୍କୁ ସ୍ୱୟଂରୋଜଗାର ସୁଯୋଗ ମିଳୁଛି ଏବଂ ଗ୍ରାମୀଣ ଅର୍ଥନୀତି ସୁଦୃଢ଼ ହେଉଛି। ଏପରି ମାଇକ୍ରୋ ଉଦ୍ୟମଗୁଡ଼ିକ ଆଗାମୀ ଦିନରେ ରୋଜଗାର ସୃଷ୍ଟି ସହ ସ୍ଥାନୀୟ ଉତ୍ପାଦନକୁ ପ୍ରୋତ୍ସାହନ ହେବ ବୋଲି ମତ ପ୍ରକାଶ କରିଥିଲେ ଓ ଭାରତୀୟ ଉଦ୍ୟମତା ବିକାଶ ସଂସ୍ଥା (ଇ.ଡି.ଆଇ.ଆଇ )ଦ୍ୱାରା ରୂପାୟଣ ହେଉଥିବା ଡିଏମ୍‌ଏଫ୍ ଉଦ୍ୟମୀ କାର୍ଯ୍ୟକ୍ରମ ମାଧ୍ୟମରେ ଆଗାମୀ ୫ ବର୍ଷ ମଧ୍ୟରେ ୩୫୦୦ଟି ନୂତନ ବ୍ୟବସାୟ/ଉଦ୍ୟମ ସୃଷ୍ଟି କରିବାକୁ ଲକ୍ଷ୍ୟ ଧରାଯାଇଛି। ଏହି ଲକ୍ଷ୍ୟ ପାଇଁ ଇ.ଡି.ଆଇ.ଆଇ ଦ୍ୱାରା ସ୍ଥାନୀୟ ଯୁବକ-ଯୁବତୀ ଓ ମହିଳାମାନଙ୍କୁ ବ୍ୟବସାୟିକ ତାଲିମ୍, ବ୍ୟାଙ୍କ ସହ ଆର୍ଥିକ ସଂଯୋଗ, ନିଃଶୁଳ୍କ ଜିଲ୍ଲା ସ୍ତରୀୟ ଉଦ୍ୟୋଗ



ପ୍ରତିଷ୍ଠା କେନ୍ଦ୍ରର ସହାୟତା, ମୂଲ୍ୟ ସଂଯୋଜନା, ବିକ୍ରିବଟା ସହାୟତା ଓ ଡିଜିଟାଲ୍ ପ୍ରଚାର ପ୍ରସାର ସହାୟତା ଓ ବ୍ରାଣ୍ଡିଙ୍ଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହା ମାଧ୍ୟମରେ ଗ୍ରାମୀଣ ଓ ଖଣି ପ୍ରଭାବିତ ଅଞ୍ଚଳରେ ସ୍ୱୟଂରୋଜଗାର ସୁଯୋଗ ବଢ଼ିବା ସହ ସ୍ଥାନୀୟ ଅର୍ଥନୀତିକୁ ଦୃଢ଼ କରିବା ଉଦ୍ଦେଶ୍ୟ ରହିଛି। କାର୍ଯ୍ୟକ୍ରମ ଶେଷରେ ଉଦ୍ୟମୀମାନଙ୍କ ସଫଳତା କାମନା କରାଯାଇ ସମସ୍ତଙ୍କ ସହଯୋଗରେ ଏପରି ଉଦ୍ୟମକୁ ଆଗକୁ ନେବା ପାଇଁ ଆହ୍ୱାନ୍ ଜଣାଇଦିଆଗଲା। ଏହି କାର୍ଯ୍ୟକ୍ରମକୁ ଇ.ଡି.ଆଇ.ଆଇର ଜିଲ୍ଲା କାର୍ଯ୍ୟକ୍ରମ ମ୍ୟାନେଜର ସଞ୍ଜୟ କୁମାର ସାହୁ ପରିଚାଳନା କରିଥିଲା ବେଳେ ପ୍ରୋଗ୍ରାମ ଅଫିସର ଆଦିତ୍ୟ ମହାନ୍ତି ଏବଂ ଅରବିନ୍ଦ ବେହେରା ସହଯୋଗ କରିଥିଲେ।

## ଇପିଏଫ୍ ପେନ୍‌ସନ୍ ଆସୋସିଏସନ୍ ତରଫରୁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଇପିଏଫ୍ ପେନ୍‌ସନ୍ ଆସୋସିଏସନ୍ ତରଫରୁ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କେନ୍ଦ୍ରାପଡା ଶାଖା ଇପିଏଫ୍ ସଂଘ ତରଫରୁ ସଂଘ ସଭାପତି ବସନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏକ ସଭାରେ ଆଲୋଚନା କରାଯାଇ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ କେନ୍ଦ୍ର ସରକାରଙ୍କ ଇପିଏଫ୍ ପେନ୍‌ସନ୍ ଭୋଗୀମାନଙ୍କ ପ୍ରତିଚରମ ଅବହେଳା ପ୍ରଦର୍ଶନ କରୁଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ସର୍ବନିମ୍ନ ପେନ୍‌ସନ୍ ୯



ହଜାର ଟଙ୍କାକୁ ବର୍ଦ୍ଧିତ କରିବା ସହିତ ମହଙ୍ଗା ଭତ୍ତା ଲାଗୁ କରିବା ଏବଂ ଆୟୁଷ୍ମାନ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଦୃଢ଼ ଦାବି ହୋଇଥିଲା। ସଭାସ୍ଥଳରୁ ଏକ ପ୍ରତିନିଧି ମଣ୍ଡଳ ଜିଲ୍ଲା ପ୍ରଶାସନକୁ ଭେଟି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ଯୁଗ୍ମସମ୍ପାଦକ ପିତାମ୍ବର ମହାନ୍ତି, ବିପିନ୍ ବିହାରୀ ମହାନ୍ତି, ଭାଗବତ ଖୁଣ୍ଟିଆ, ପୁରୋସ୍ତମ ମହାନ୍ତି, ତ୍ରିଲୋଚନ ପଣ୍ଡା, ଅମୂଲ୍ୟ ବେହେରା, ଶୁକଦେବ ସାମଲ, ପ୍ରଫୁଲ୍ଲ ମହାନ୍ତି, ପୁରସ୍ତମ ତରାଇ, ଗୋଲକ ସିଂ, ରମାକାନ୍ତ ଜେନା, ଈଶ୍ୱର ଥାଟୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ଦ୍ଧାରିତ ସମୟରେ ଦାୟିତ୍ୱ ସମ୍ପନ୍ନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ସୁବର୍ଣ୍ଣପୁର ଜିଲ୍ଲାର ଆଗାମୀ ଜିଲ୍ଲା ସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ, ଡ଼ ନୃପରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ) ଅଞ୍ଜଳିନା ପ୍ରଧାନ ଏହି ପ୍ରସ୍ତୁତି ବୈଠକରେ ଆଲୋଚ୍ୟ ବିଷୟ ବସ୍ତୁ ଅନୁଯାୟୀ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ ଓ ଆଲୋଚନା ଅନୁଯାୟୀ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ କରାଯାଇଥିଲା । ଆଲୋଚନା ସମୟରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଯେଉଁ ଅଧିକାରୀମାନଙ୍କୁ ଆବଶ୍ୟକୀୟ ଆୟୋଜନ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି, ସେମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନଙ୍କ ଦାୟିତ୍ୱ ସମ୍ପନ୍ନ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି ପ୍ରସ୍ତୁତି ବୈଠକରେ ଆରକ୍ଷୀ ଅଧିକ୍ଷକ, ନାରାୟଣ ନାଏକ,



ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ), ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଅଞ୍ଜଳିନା ପ୍ରଧାନ, ଉପଜିଲ୍ଲାପାଳ, ସୋନପୁର, ଡ. ସୌମ୍ୟାରୁପା ରଥଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ, ବେଣୁଧର ଦାଶ, ସମାଜସେବୀ, ବୀରମହାରାଜପୁର, ସୋନପୁର ସହରର ବୁଦ୍ଧିଜୀବୀ ବୃନ୍ଦ, ବରିଷ୍ଠ ନାଗରିକ ବୃନ୍ଦ, ସୋନପୁର ସହରର ବିଭିନ୍ନ ଅନୁଷ୍ଠାନ ମାନଙ୍କର ପ୍ରତିନିଧି ବୃନ୍ଦ, ବିଭିନ୍ନ ମହାବିଦ୍ୟାଳୟ ଅଧକ୍ଷ/ ଅଧକ୍ଷା ଓ ବିଦ୍ୟାଳୟ ଗୁଡିକର ପ୍ରଧାନ ଶିକ୍ଷକ/ ଶିକ୍ଷୟତ୍ରୀ ବୃନ୍ଦ, ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସମ୍ବାଦ ପତ୍ର ଗୁଡିକର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରି ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀ ଏହି ପ୍ରସ୍ତୁତି ବୈଠକରେ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ବୈଠକ ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଏମ୍‌କେସିଜିର ଭିତ୍ତିଭୂମି ବିକାଶପ୍ରକଳ୍ପ ଅଟକଳ ୧୭ଶହ କୋଟିକୁ ବୃଦ୍ଧି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଦକ୍ଷିଣ ଓଡ଼ିଶାର ଏକମାତ୍ର ସରକାରୀ ରେଫେରାଲ୍ ହସ୍‌ପିଟାଲ୍ ବ୍ରହ୍ମପୁରର ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍ । ଏଠାରେ ରୋଗୀଙ୍କୁ ଉନ୍ନତ ତଥା ଅତ୍ୟାଧୁନିକ ଚିକିତ୍ସା ସେବା ଯୋଗାଇବା ପାଇଁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୂର୍ବ ସରକାର ଅମଳରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ବହୁ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ସହିତ ଭିତ୍ତିଭୂମିର ବିକାଶ ପାଇଁ ପ୍ରାୟ ୧ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଥିଲା । ଇତି ମଧ୍ୟରେ ସରକାର ବଦଳିବା ସହିତ ବିଳମ୍ବ ଯୋଗୁ ପ୍ରକଳ୍ପର ବ୍ୟୟ ଅଟକଳ ବୃଦ୍ଧି ପାଇଥିବା ଜଣାପଡ଼ିଛି । ଇତି ମଧ୍ୟରେ ରାଜ୍ୟର ବିଭିନ୍ନ ମେଡ଼ିକାଲ୍ କ୍ୟାମ୍ପସ୍‌ରେ ହେଲି ଫିଲ୍ଡ ପ୍ରତିଷ୍ଠା କରି ଗୁରୁତର ରୋଗୀଙ୍କୁ ଏୟାର ଲିଫ୍ଟ କରି ଏମ୍ସ ଭୁବନେଶ୍ୱରକୁ ସ୍ଥାନାନ୍ତର ଯୋଜନା ଯେଭଳି ନାଲି ଫିତାତଳେ ଚାପି ହୋଇଯାଇଛି । ୧ ହଜାର କୋଟିର ବ୍ୟୟ ଅଟକଳ ବର୍ତ୍ତମାନ ୧୭ ଶହ କୋଟିକୁ ବୃଦ୍ଧି କରାଯାଇ କିଛି ନୂତନ ଯୋଜନା କରାଯାଇଥିବା ଜଣାପଡ଼ିଛି । ଏଥିପାଇଁ ନୂଆଦିଲ୍ଲୀର ଏକ ଘରୋଇ ସଂସ୍ଥା ପ୍ଲାନ୍ ପ୍ରସ୍ତୁତ କରୁଥିବା ସୂଚନା ମିଳିଛି । ପୂର୍ବ ଯୋଜନା ମୁତାବକ ପ୍ଲାନ୍‌କୁ କାର୍ଯ୍ୟକାରୀ କରିବାରେ ପୁରୁଣା ଇନ୍‌ଡ୍ରୋର୍ କୋଠାର ଉଚ୍ଛେଦ ବାଧକ ସାଜିଥିଲା । ବର୍ତମାନ ଉକ୍ତ ସମସ୍ୟାର ସମାଧାନ ହେବାପରେ ପ୍ଲାନ୍‌ରେ ପରିବର୍ତନ କରାଯାଇଥିବା ଜଣାପଡ଼ିଛି । ପୁରୁଣା ଇନ୍‌ଡ୍ରୋର୍ କୋଠା ଜମି ଯାହା ପ୍ରାୟ ୮୦ ହଜାର ବର୍ଗଫୁଟ ଅଞ୍ଚଳରେ ରହିଛି ସେଠାରେ ୯ ମହଲା ବିଶିଷ୍ଟ କୋଠା ନିର୍ମାଣ ହେବ ଯେଉଁଠି ଓପିଡ଼ି, ବର୍ହି ଚିକିତ୍ସା ବିଭାଗ, ଆଶୁ ଚିକିତ୍ସା ବା କାଜୁଆଲ୍‌ଟି, ଆଞ୍ଚଳିକ ନିଦାନ କେନ୍ଦ୍ର ବା ଆର୍‌ଡ଼ିସି, ୪ ଶହ ଶଯ୍ୟା ବିଶିଷ୍ଟ ଭେଷଜ ବିଭାଗ, ଶହେ ଶଯ୍ୟା ବିଶିଷ୍ଟ ଚକ୍ଷୁ ବିଭାଗ, ୫୦ ଶଯ୍ୟା ବିଶିଷ୍ଟ ଯକ୍ଷ୍ମାରୋଗ ବିଭାଗ, ଅଧିକ୍ଷକଙ୍କ କାର୍ଯ୍ୟାଳୟ, ରୋଗୀଙ୍କ ଖାଦ୍ୟ ପ୍ରସ୍ତୁତି, ଘରୋଇ ସୁରକ୍ଷା, ଗୋଦାମ ଓ ବର୍ଣ୍ଡ ୟୁନିଟ୍ ଆଦିକୁ ଗୋଟିଏ ସ୍ଥାନରେ ସ୍ଥାନିତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିସହିତ ମେଡ଼ିକାଲ୍ କ୍ୟାମ୍ପସ୍‌ରେ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ଦୁଇଟି ହଷ୍ଟେଲ୍, ଇନ୍‌ଡ୍ରୋର୍ ଷ୍ଟାଡ଼ିୟମ୍, ଷ୍ଟାଫ୍ କ୍ୱାଟର୍ସ ଭଳି ବିଭିନ୍ନ ଯୋଜନା ରହିଥିବା ଜଣାପଡ଼ିଛି । ଏସବୁ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ତଥା ପରିବର୍ତ୍ତିତ ପ୍ଲାନ୍ ଦିଲ୍ଲୀର ଏକ ଘରୋଇ ସଂସ୍ଥାକୁ ଦିଆଯାଇଥିବା ବେଳେ ଓବିସିସି ଲିମିଟେଡ୍ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକାରୀ କରିବ ବୋଲି ଜଣାପଡ଼ିଛି । ତେବେ ପୂର୍ବ ସରକାର ଅମଳରେ ରାଜ୍ୟର ୩ଟି ପ୍ରମୁଖ ସରକାରୀ ହସ୍‌ପିଟାଲ୍ ସହିତ ଭୁବନେଶ୍ୱର ଏମ୍ସ ସହିତ ଆକାଶ ମାର୍ଗରେ ସଂଯୋଗ କରି ଗୁରୁତର ରୋଗୀଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଥିଲା । ତେବେ ଏହି ଯୋଜନା ବର୍ତମାନ ସ୍ଥିତିରେ ସ୍ଥାଣୁ ପାଲଟି ଯାଇଥିବା ଦେଖିବାକୁ ମିଳିଛି । ବିଭିନ୍ନ ସରକାରୀ ହସ୍‌ପିଟାଲ୍‌ରେ ଏୟାର ଫିଲ୍ଡ ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇଥିଲେ ହେଁ ସେଥିପାଇଁ ସ୍ୱତନ୍ତ୍ର ବଜେଟ୍ କିମ୍ବା ଆନୁସଙ୍ଗିକ ପ୍ରସ୍ତାବ ନଥିବା ଭଳି ମନେ ହେଉଛି।

# ସଚିନଙ୍କ ରେକର୍ଡ ଭାଙ୍ଗିଲେ କୋହଲି



**ଭଦୋଦରା**

କିଙ୍ଗ୍ କୋହଲି ରବିବାର ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ଆଉ ଏକ ରେକର୍ଡ ଭାଙ୍ଗିଛନ୍ତି। ସଚିନଙ୍କୁ ଟପି ୨୮,୦୦୦ ଅନ୍ତର୍ଜାତୀୟ ରନ୍ କରିବାରେ ବିଶ୍ୱର ଦ୍ରୁତତମ ବ୍ୟାଟର ହୋଇଛନ୍ତି। ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଦିନିକିଆ ଅବସରରେ ଏହି ମାଇଲ୍‌ଖୁଣ୍ଟ ଛୁଇଁଛନ୍ତି ୩୭ ବର୍ଷୀୟ କୋହଲି। ସଚିନ ୬୪୪ ପାଳି ଖେଳି ୨୮,୦୦୦ ରନ୍‌ର ପାହାଡ଼ ଅତିକ୍ରମ କରିଥିଲା ବେଳେ କୋହଲି ମାତ୍ର ୬୨୪ ପାଳିରେ ଏହାକୁ ଛୁଇଁବାର ଗୌରବ ଅର୍ଜନ କରିଛନ୍ତି। ସେ ମଧ୍ୟ ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ କୁମାର ସାଙ୍ଗାକାରାଙ୍କୁ ଟପି ବିଶ୍ୱର ସର୍ବାଧିକ ରନ୍ ସଂଗ୍ରହକାରୀ ତାଲିକାରେ କେବଳ ସଚିନଙ୍କ ପଛକୁ ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି। ସାଙ୍ଗାକାରାଙ୍କ ୨୮,୦୧୬ କ୍ୟାରିୟର ରନ୍‌ଠାରୁ ମାତ୍ର ୪୨ ରନ୍ ପଛୁଆ ରହି କୋହଲି ରବିବାର ତାଙ୍କ ବ୍ୟାଟିଂ ଆରମ୍ଭ କରିଥିଲେ। ଭାରତୀୟ ପଶ୍ଚାତଧାବନର ୧୯ତମ ଓଭରରେ ହିଁ ସେ ସାଙ୍ଗାକାରାଙ୍କୁ ସଫଳତାର ସହ ଟପି ଯାଇଥିଲେ। ଏହି କ୍ଷେତ୍ରରେ ମୋଟ ୩୪, ୩୫୭ ରନ୍ ସଚିନ ସମସ୍ତଙ୍କଠାରୁ ବହୁ ଆଗରେ ରହିଛନ୍ତି। କେବଳ ଏତିକି ନୁହେଁ ଚଳିତ ନ୍ୟୁଜିଲାଣ୍ଡ ବିପକ୍ଷ ଶୃଙ୍ଖଳାରେ କୋହଲିଙ୍କ ପାଖରେ ୧୫,୦୦୦ ଏକଦିବସୀୟ ରନ୍ ଛୁଇଁବାର ସୁଯୋଗ ବି ରହିଛି।

# ପ୍ରଥମ ଦିନିକିଆରେ ନ୍ୟୁଜିଲାଣ୍ଡକୁ ୪ ୱିକେଟରେ ପରାସ୍ତ କଲା ଭାରତ

**ଭଦୋଦରା**

ଭଦୋଦରାରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଭାରତ ନ୍ୟୁଜିଲାଣ୍ଡକୁ ଚାରି ୱିକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୩୦୦ ରନ୍ କରିଥିଲା। ଜବାବରେ ଭାରତ ୪୯ତମ ଓଭରରେ ଆଉ ଚାରି ୱିକେଟ୍ ବାକି ଥାଇ ବିଜୟ ହାସଲ କରିଥିଲା। ଭାରତ ପକ୍ଷରୁ ବିରାଟ କୋହଲି ସର୍ବାଧିକ ୯୩ ରନ୍ କରିଥିବା ବେଳେ ଶୁଭମନ ଗିଲ୍ ମଧ୍ୟ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏହା ୨୦୨୬ ମସିହାରେ ଭାରତର ପ୍ରଥମ ବିଜୟ।

୩୦୧ ରନର ଟାର୍ଗେଟ ପିଛା କରିଥିବା ଟିମ୍ ଇଣ୍ଡିଆର ଆରମ୍ଭ ଭଲ ନଥିଲା। ଭାରତ ଯେତେବେଳେ ୩୯ ରନ କରିଥିଲା, ସେତେବେଳେ ରୋହିତ ଶର୍ମା ୨୬ ରନ କରି ଆଉଟ ହୋଇଥିଲେ। ଏହା ପରେ ଶୁଭମନ ଗିଲ ଏକ ସ୍ଥିର ଏବଂ ଧୀର ଅର୍ଦ୍ଧଶତକ ହାସଲ କରି ୫୬ ରନର ଅବଦାନ ରଖିଥିଲେ। ଗୋଟିଏ ସମୟରେ, ଭାରତୀୟ ଦଳ ୨ ୱିକେଟ୍ ହରାଇ ୨୩୪ ରନ୍ କରିଥିଲା। ଏହି ସମୟରେ, ଭାରତୀୟ ଦଳକୁ ୬୬ ବଲ୍‌ରୁ ୬୭ ରନ୍ ଆବଶ୍ୟକ ଥିଲା ଏବଂ ବିରାଟ କୋହଲିଙ୍କ ନେତୃତ୍ୱ ଯୋଗୁଁ ବିଜୟ ସମ୍ଭବପର ମନେ ହେଉଥିଲା। ରୋହିତ ଶର୍ମା ଯଦିଓ ଭଲ ଫର୍ମରେ ଅଛନ୍ତି, କିନ୍ତୁ ତାଙ୍କର ୨୦୨୬ର ଆରମ୍ଭ ସ୍ମରଣୀୟ ନଥିଲା। ସେ ନ୍ୟୁଜିଲାଣ୍ଡ ବିପକ୍ଷରେ ୨୯ ବଲରେ ୨୬ ରନ କରି ଆଉଟ୍ ହୋଇଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦିନିକିଆ ସିରିଜ ହାରି ଫେରିଥିବା ଅଧିନାୟକ ଶୁଭମନ ଗିଲ୍ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ଗିଲ ୭୧ ବଲରେ ୫୬ ରନର ଏକ ସଂଗଠିତ ଇନିଂସ ଖେଳିଥିଲେ, ଯେଉଁଥିରେ ତିନୋଟି ଚୌକା ଏବଂ ଦୁଇଟି ଛକା ଅନ୍ତର୍ଭୁକ୍ତ ଥିଲା।



# ୧୨ ବର୍ଷ ବ୍ୟବଧାନ ପରେ ଭାରତକୁ ଫେରିଛି ଫିଫା ବିଶ୍ୱକପ୍ ଟ୍ରଫି



**ନୂଆଦିଲ୍ଲୀ**

ଜୁନ ୧୧ ତାରିଖରୁ ଫିଫା ବିଶ୍ୱକପ୍ ଆରମ୍ଭ ହେବାକୁ ଥିବା ବେଳେ ବିଶ୍ୱ ଟୁରର ଅଂଶବିଶେଷ ଭାବେ ଟ୍ରଫି ଭାରତରେ ପହଞ୍ଚିଛି। ୩ ଦିନିଆ ଭାରତ ଟୁର୍‌ରେ ପ୍ରଥମ ଦୁଇ ଦିନ ଟ୍ରଫି ଦିଲ୍ଲୀରେ ପ୍ରଦର୍ଶିତ କରାଯିବ। ଅନ୍ତିମ ଦିନ ଗୁଆହାଟୀରେ ପ୍ରଦର୍ଶନୀ ପାଇଁ ରଖାଯିବ। ଟ୍ରଫି ଉନ୍ମୋଚନ ଅବସରରେ ବ୍ରାଜିଲର ବିଶ୍ୱକପ୍ ବିଜେତା ଗିଲବେର୍ଟୋ ଡି ସିଲଭା ଓ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଉପସ୍ଥିତ ଥିଲେ। ବିଶ୍ୱକପ୍ ଟ୍ରଫି ପ୍ରାୟ ୧୨ ବର୍ଷର ବ୍ୟବଧାନ ପରେ ଭାରତକୁ ଫେରିଛି। ଏହି ଟ୍ରଫି ଟୁରକୁ ବିଶ୍ୱର ଅଗ୍ରଣୀ ମୃଦୁପାନୀୟ କମ୍ପାନୀ କୋକା-କୋଲା ଦ୍ୱାରା କରାଯାଉଛି, ଯାହାକି ଫିଫା ବିଶ୍ୱକପ୍‌ର ଆନୁଷ୍ଠାନିକ ପାର୍ଟନର। ୧୮ କ୍ୟାରେଟ ସୁନାରେ ପ୍ରସ୍ତୁତ ଏହି ଟ୍ରଫିର ଓଜନ ୬.୧୭୫ କେଜି। ଏହାକୁ ୧୯୭୪ରେ ଡିଜାଇନ କରାଯାଇଥିଲା।

# ଟି-୨୦ ବିଶ୍ୱକପରେ ଭାରତ ପାଇଁ ଗେମ୍ ଚେଞ୍ଜର ସାବ୍ୟସ୍ତ ହେବେ ସୂର୍ଯ୍ୟକୁମାର : ସୋଏବ ଅଖତର



**ନୂଆଦିଲ୍ଲୀ**

ଆସନ୍ତା ମାସରେ ଭାରତ ଏବଂ ଶ୍ରୀଲଙ୍କା ମିଳିତ ଭାବରେ ଆୟୋଜିତ କରିବାକୁ ଯାଉଛନ୍ତି ଟି୨୦ ବିଶ୍ୱକପ। ଟିମ୍ ଇଣ୍ଡିଆ ଡିଫେଣ୍ଡିଂ ଚାମ୍ପିଅନ ଭାବରେ ପଡ଼ିଆରେ ପ୍ରବେଶ କରିବ। ସମସ୍ତଙ୍କ ନଜର ଏହି ଦଳ ଉପରେ ରହିବ କାରଣ ଭାରତରେ କେତେଜଣ ସବୁଠାରୁ ପ୍ରତିଭାଶାଳୀ ଟି୨୦ ଖେଳାଳି ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଅଭିଷେକ ଶର୍ମା, ଯିଏ ତାଙ୍କ ବିସ୍ଫୋରକ ବ୍ୟାଟିଂ ପାଇଁ ବୋଲରମାନଙ୍କ ପାଇଁ ଏକ ଦୁଃସ୍ୱପ୍ନ ପାଲଟିଛନ୍ତି। ତଥାପି, ପୂର୍ବତନ ପାକିସ୍ତାନୀ ଦ୍ରୁତ ବୋଲର ସୋଏବ ଅଖତରଙ୍କ ଅନୁଯାୟୀ, ଭାରତ ପାଇଁ ଖେଳ ପରିବର୍ତ୍ତନକାରୀ ଅଭିଷେକ ଶର୍ମା ନୁହେଁ, ଅନ୍ୟ କେହି ହୋଇପାରନ୍ତି। ଟିମ୍ ଇଣ୍ଡିଆରେ ଯୋଗଦେବା ପରଠାରୁ ଅଭିଷେକ ଟି୨୦ ଦଳର ଜଣେ ପ୍ରମୁଖ ବ୍ୟାଟ୍‌ସମ୍ୟାନ ହୋଇଛନ୍ତି। ତାଙ୍କର ବିସ୍ଫୋରକ ବ୍ୟାଟିଂ ଭାରତକୁ ଅନେକ ପ୍ରଭାବଶାଳୀ ବିଜୟ ଦେଇଛି। ତାଙ୍କ ଶୈଳୀ ବୋଲରମାନଙ୍କ ପାଇଁ ଏକ ଦୁଃସ୍ୱପ୍ନ ପାଲଟିଛି। ତେଣୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ ସମଗ୍ର ବିଶ୍ୱ ତାଙ୍କୁ ସାମ୍ନା କରିବାକୁ ପ୍ରସ୍ତୁତ ହେବ। ତଥାପି, ଅଖତରଙ୍କ ଅନୁଯାୟୀ, ଦଳର ଅଧିନାୟକ ସୂର୍ଯ୍ୟକୁମାର ଭାରତ ପାଇଁ ଖେଳ ପରିବର୍ତ୍ତନକାରୀ ପ୍ରମାଣିତ ହୋଇପାରନ୍ତି।

ଅଖତର କହିଛନ୍ତି ଯେ ସୂର୍ଯ୍ୟକୁମାର ଜଣେ ବହୁତ ବିପଜ୍ଜନକ ବ୍ୟାଟସମ୍ୟାନ, ଯଦି ସେ ଆଗକୁ ବଢ଼ିବେ, ତେବେ ଟିମ୍ ଇଣ୍ଡିଆ ଭଲ ସ୍ଥିତିରେ ରହିବ। ସୂର୍ଯ୍ୟକୁମାର ବର୍ତ୍ତମାନ ଭଲ ଫର୍ମରେ ନାହାନ୍ତି। ତାଙ୍କ ଫର୍ମକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ପିଟିଭି ସ୍ପୋର୍ଟସ ସହିତ କଥାବାର୍ତ୍ତାରେ ଅଖତର କହିଛନ୍ତି, 'ଭାରତରେ ପ୍ରତିଭାର ଅଭାବ ନାହିଁ, ଏବଂ ସେଥିପାଇଁ ମୁଁ ବିଶ୍ୱାସ କରେ ଯେ ଏହି ଦଳ ଟାଇଟଲ ପାଇଁ ଏକ ଦୃଢ଼ ଦାବିଦାର। କିନ୍ତୁ ଯଦି ଟିମ୍ ଇଣ୍ଡିଆକୁ ଜିତିବାକୁ ହୁଏ, ତେବେ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ରନ କରିବାକୁ ପଡ଼ିବ। ସେ ଭାରତ ପାଇଁ ଜଣେ ପ୍ରମୁଖ ଖେଳାଳି ଏବଂ ଖେଳ ପରିବର୍ତ୍ତନକାରୀ ପ୍ରମାଣିତ ହୋଇପାରିବେ। ଯଦି ଟିମ୍ ଇଣ୍ଡିଆକୁ ଟାଇଟଲ ରକ୍ଷା କରିବାକୁ ହୁଏ, ତେବେ ଅଧିନାୟକଙ୍କୁ ରନ କରିବାକୁ ପଡ଼ିବ। ଯେତେବେଳେ ଟି-୨୦ରେ ଶୀଘ୍ର ରନ କରିବା କଥା ଆସେ, ସୂର୍ଯ୍ୟକୁମାର ଯାଦବଙ୍କ ବ୍ୟାଟ୍ ପ୍ରଦର୍ଶନ କରିବା ଆବଶ୍ୟକ।

# ଏକାଦଶ ବାର୍ଷିକୀ ରୟାଲସ ପ୍ରିମିୟର ଲିଗ୍ : ପରି ଚାଲେଞ୍ଜର ଚାମ୍ପିଅନ




**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

କ୍ଷେତ୍ରସନ ଆଥେଲେଟିକ୍ ଆସୋସିଏସନ୍, କ୍ଷେତ୍ରସନ ବଜାର, ବାରିପଦା ଆନୁକୂଲ୍ୟରେ ଆୟୋଜିତ ଏକାଦଶ ବାର୍ଷିକ ରୟାଲ୍ସ ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚ୍‌ରେ ପରି ଚାଲେଞ୍ଜର ୩୬ ରନରେ ଭି. ରୋରକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟସଭା ସାଂସଦ ମମତା ମହାନ୍ତ ରବିବାରର ଖେଳକୁ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ବ୍ୟାଟିଂ କରି ପରି ଚାଲେଞ୍ଜର ୧୨ ଓଭରରେ ୭ ଉଇକେଟ ହରାଇ ୧୫୪ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଶୁଭେନ୍ଦୁ ଦାଶ ୪୨, ଜେ.କେ. ସଂଜୀବ ୩୨ ଓ ଶଙ୍କର ସାହୁ ୨୫ ରନ କରିଥିବା ବେଳେ ବିପକ୍ଷ ଦଳର ଆଦିତ୍ୟ ବସା, ଶିବନାରାୟଣ ନାଏକ ଓ ଅଭିଷେକ ପରିଡ଼ା ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ ଭି ରୋର ଦଳ ୧୨ ଓଭରରେ ୯ ଉଇକେଟ ହରାଇ ୧୧୮ ରନ କରିପାରିଥିଲେ। ଦଳ ପକ୍ଷରୁ ଅଭିଷେକ ପରିଡ଼ା ୩୩ ଓ ମୃଣ୍ମୟ କୁମାର ଜେନା ୨୯ ରନ କରିଥିବା ବେଳେ ବିପକ୍ଷ ଦଳର ମାନସ ସିଂ ୩ଟି, ଭିକି ମାହାନା ଓ ଅଭିଜିତ ବାରିକ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଲକ୍ଷ୍ମୀଧର ସିଂ, ପ୍ରସନ୍ନଜିତ ମହାନ୍ତି, ଖେଳ ପରିଚାଳନା କରିଥିବା ବେଳେ ସ୍କୋରିଂରେ ବିଭୁ ଓ ମ୍ୟାଚ୍ ରେଫ୍‌ରୀ ଭାବେ ରାଜେଶ ସାହୁ ସହଯୋଗ କରିଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ଲିଗ୍‌ର ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଓ ଅଧ୍ୟକ୍ଷ ସଂଜୀବ ରାଉତ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଗ୍‌ର ସଭାପତି ସଂଜୀବ ଦ୍ୱିବେଦୀ, ସମ୍ପାଦକ ଦେବାଶିଷ ପାତ୍ର, କ୍ଷେତ୍ରସନ ଆଥ୍‌ଲେଟିକ୍ ଆସୋସିଏସନର ଉପସଭାପତି ଆଦିତ୍ୟ ଦଣ୍ଡପାଟ, କ୍ରିକେଟ ସମ୍ପାଦକ ରାମେଶ୍ୱର ମାଝୀ, ବରିଷ୍ଠ ସଦସ୍ୟ ପଓ୍ୱନ କୁମାର ଅଗ୍ରୱାଲ, ବିଜୟ କୁମାର ଅଗ୍ରୱାଲ ଏବଂ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍‌ର ମ୍ୟାନ ଅଫ ଦି ମ୍ୟାଚ୍ ଶୁଭେନ୍ଦୁ ଦାଶ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଶ୍ରେଷ୍ଠ ଖେଳାଳି ଭାବେ ଆଦିତ୍ୟ ବସା, ଶ୍ରେଷ୍ଠ ବୋଲର ଭାବେ ଶିବନାରାୟଣ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ଚାମ୍ପିଅନ ଦଳକୁ ୧ ଲକ୍ଷ ୨୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୯୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ୩ୟ ସ୍ଥାନ ଅଧିକାର କରିଥିବା ମା' ତାରିଣୀ ୱରିୟାର୍ସ ଓ ୪ର୍ଥ ସ୍ଥାନ ଅଧିକାର କରିଥିବା ଆଞ୍ଜେଲ ରଣା ଦଳକୁ ୨୫ ହଜାର ଟଙ୍କା ଲେଖାଏଁ ଓ ଟ୍ରଫି ପ୍ରଦାନ କରାଯାଇଥିଲା।

# ମହିଳା ହକି ଇଣ୍ଡିଆ ଲିଗ୍ : ଏସ୍‌ଜି ପାଇପର୍ସ ବିଜେତା, ଶ୍ରାଚୀ ବେଙ୍ଗଲ ଟାଇଗର୍ସ ସୁଟ୍‌ଆଉଟ୍




**ରାଞ୍ଚି**

ମହିଳା ହକି ଇଣ୍ଡିଆ ଲିଗ୍‌ର ଦ୍ୱିତୀୟ ସଂସ୍କରଣରେ ଏସ୍‌ଜି ପାଇପର୍ସ ବିଜେତା ହୋଇଛି। କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ରେ ଏହି ଦଳ ୩-୨ (୨-୧) ସୁଟ୍‌ଆଉଟ୍‌ରେ ଶ୍ରାଚୀ ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରିଥିଲା। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହୋଇଥିଲା। ହେଲେ ଦ୍ୱିତୀୟ କ୍ୱାର୍ଟରର ପ୍ରଥମ ମିନିଟ୍‌ରେ ସୁଶୀଳା ଚାନୁଙ୍କ ଏକ ଚମତ୍କାର ପାସ୍‌କୁ ଲାଲ୍‌ରେମ୍‌ସିଆମି (୧୬ ମିନିଟ୍) ଗୋଲ୍‌ରେ ପରିଣତ କରି ଟାଇଗର୍ସକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ତୃତୀୟ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହେବା ପରେ ଚତୁର୍ଥ କ୍ୱାର୍ଟରରେ ପ୍ରୀତି ଦୁବେ (୫୩ ମିନିଟ୍) ଗୋଲ୍‌ଟି ଶୁଝି ସ୍ଥିତି ବରାବର କରିଥିଲେ। ଶେଷ ପର୍ଯ୍ୟନ୍ତ ଆଉ ଗୋଲ୍ ନ ହେବାରୁ ମ୍ୟାଚ୍ ୧-୧ରେ ଶେଷ ହେବାରୁ ଫଳାଫଳ ସୁଟ୍‌ଆଉଟ୍‌କୁ ଯାଇଥିଲା।

ଏଥିରେ ପାଇପର୍ସ ଅଧିନାୟିକା ନବନୀତ କୌର, ଜୁଆନା କାଷ୍ଟେଲାରୋ ଓ ଲୌରା ରିଏରା ଏବଂ ଟାଇଗର୍ସର ସୁଖବୀର କୌର ଓ ଲାଲରେମସିଆମି ସଫଳତା ସହ ଗୋଲ୍ ଦେଇଥିଲେ। ହେଲେ ପାଇପର୍ସ ଗୋଲି ବଂଶାରୀ ସୋଲାଙ୍କି ୩ଟି ଗୋଲ୍ ଅଟକାଇ ଦଳକୁ ବିଜେତା କରିବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ପାଇପର୍ସ ବଂଶାରୀ ପ୍ରତିଯୋଗିତାର ଶ୍ରେଷ୍ଠ ଗୋଲି, ଓଡ଼ିଆ ଝିଅ ସୁନେଲିତା ଟୋପ୍ପୋ ଉଦୀୟମାନ ଖେଳାଳି ପୁରସ୍କାର ବାବଦରେ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପାଇଥିଲେ।

ଟାଇଗର୍ସର ଅଗଷ୍ଟିନା ଗୋର୍ଜେଲାନି (୫ ଲକ୍ଷ) ସର୍ବୋଚ୍ଚ ଗୋଲ୍ ସ୍କୋରର, ପାଇପର୍ସର ଅଧିନାୟିକା ନବନୀତ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ପୁରସ୍କାର ବାବଦରେ ୨୦ ଲକ୍ଷ ଟଙ୍କା ହାତେଇଥିଲେ। ସେହିପରି ବିଜେତା ଓ ଉପବିଜେତା ଦଳକୁ ହକି ଇଣ୍ଡିଆ ଯଥାକ୍ରମେ ଦେଢ଼ କୋଟି ଓ ୧ କୋଟି ଟଙ୍କାର ରାଶି ପ୍ରଦାନ କରିଥିଲା। ତୃତୀୟସ୍ଥାନରେ ଥିବା ରାଞ୍ଚି ରୟାଲ୍ସକୁ ମିଳିଥିଲା ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିଥିଲା।

# ସବ୍ୟସାଚୀ ଦୀନେଶ ମେମୋରିଆଲ ଗିନି କପ୍ କ୍ରିକେଟ : ସୋଲାର କ୍ଲବ, କଟକ ଚାମ୍ପିଅନ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ସବ୍ୟସାଚୀ-ଦିନେଶ ମେମୋରିଆଲ ଗିନିକପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ସୋଲାର କ୍ଲବ କଟକ ୨୪ ରନରେ ଜେସିଏ ଭୁବନେଶ୍ୱରକୁ ପରାସ୍ତ କରି ଚାମ୍ପିଅନ ହୋଇଛି।

ସୋଲାର କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୮.୩ ଓଭରରେ ସମସ୍ତ ୧୦ ଉଇକେଟ ହରାଇ ୧୫୩ ରନର ଟାର୍ଗେଟ ଦେଇଥିଲା। ସୋଲାର କ୍ରିକେଟ କ୍ଲବର ଗିରିଜା ରାଉତ ୩୫ ବଲରେ ସର୍ବାଧିକ ୪୩ ରନ ଏବଂ ସାଓ୍ୱନ୍ ପାହାଡ଼ିଆ ୨୮ ରନ କରିଥିଲେ। ଜେସିଏ ଭୁବନେଶ୍ୱର ପକ୍ଷରୁ ଏସ.କେ. ସଲମାନ ୩ ଟି ୱିକେଟ୍ ଅକ୍ତିଆର କରିଥିଲେ।




ପ୍ରତିଉତ୍ତରେ ଜେସିଏ ଦଳ ୧୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ କରିପାରିଥିଲେ। ଜେସିଏ ଦଳ ପକ୍ଷରୁ ସତ୍ୟଜିତ ସାବତ ସର୍ବାଧିକ ୩୮ ରନ ଓ ସୁମନ ରାଉତ ୨୪ ରନ କରିଥିଲେ। ସୋଲାର କ୍ଲବ ତରଫରୁ ମଳୟ ଜେନା ଏବଂ ଶେଷଦୀପ ପାତ୍ର ୩ଟି ଲେଖାଁଏ ୱିକେଟ ଅକ୍ତିଆର କରିଥିଲେ।

ଚାମ୍ପିଅନ ଟିମ୍‌କୁ ଗିନିକପ୍ ଟ୍ରଫି ସହ ୫୦ ହାଜର ପ୍ରାଇଜ୍ ମନି ପ୍ରଦାନ କରାଯାଇଥିଲା। ରନର୍ସଅପ୍ ଟିମ୍‌କୁ ଗିନିକପ୍ ସହ ୩୦ ହଜାର ପ୍ରାଇଜ୍ ମନି ପ୍ରଦାନ କରାଯାଇଛ।

ସୋଲାର କ୍ରିକେଟ ଟିମ୍‌ର ଶେଷଦୀପ ପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇ ଅମ୍ରିତା ବିଦ୍ୟାଳୟମ୍ ତରଫରୁ ୫ ହଜାର ପ୍ରାଇଜ ମନି ସହ ଏଚ୍‌ଏଚ୍ ଟାଇମ୍ସ ପ୍ରଦତ୍ତ ସ୍ମାର୍ଟ ୱାଚ୍ ପ୍ରଦାନ କରାଯାଇ ଥିଲା। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଜେସିଏ ଭୁବନେଶ୍ୱର ଦଳର ଏସ.କେ. ସଲମାନଙ୍କୁ ହୋଟେଲ ସର୍ବଣା ପ୍ରଦତ୍ତ ୧୦ ହଜାର ପ୍ରାଇଜ ମନି ଓ ଏଚ.ଏଚ. ଟାଇମ୍ ପ୍ରଦତ୍ତ ସ୍ମାର୍ଟ ୱାଚ୍ ପ୍ରଦାନ କରାଯାଇଥିଲା। ଗିନିକପ ପ୍ରତିଷ୍ଠାତା ମହେଶ ଅଗ୍ରୱାଲଙ୍କ ଉପସ୍ଥିତିରେ ଆସୋସିଏସନ ସମ୍ପାଦକ ଭବାନି ଶଙ୍କର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ ଓ ପୂର୍ବତନ ବିଧାୟକ ଜିତୁ ମିତ୍ର ବିଜୟୀ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ପୂର୍ବତନ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ବାସନ୍ତି ମହାପାତ୍ର, କ୍ରୀଡ଼ା ଶିକ୍ଷାବିତ୍ ଚିତ୍ତରଞ୍ଜନ ବେଉରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସଅପ୍ ଟିମ୍‌କୁ ଟ୍ରଫି ଓ ଚେକ୍ ପ୍ରଦାନ କରିଥିଲେ। ଆସୋସିଏସନର ବରିଷ୍ଠ ସଭ୍ୟ ଓ ପୂର୍ବତନ ଖୋର୍ଦ୍ଧା ବିଧାୟକ ଜିତୁ ମିତ୍ର ଏବଂ ଆସୋସିଏସନ୍‌ର ବରିଷ୍ଠ ସଭ୍ୟ ମହେଶ୍ ଅଗ୍ରୱାଲାଙ୍କୁ କ୍ରୀଡ଼ା ପ୍ରତି ବିଶେଷ ଅବଦାନ ପାଇଁ ସଂଗଠନ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଗଲା।

ଭାଷ୍ୟକାର ବିଭାବସୁ ମହାନ୍ତି ଓ ସୁଶାନ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ। ରବିବାର ମ୍ୟାଚ୍‌ରେ ଆମ୍ପାୟାର ଭାବେ ରାକେଶ ମିଶ୍ର ଏବଂ ଲୁଲୁ ମହାପାତ୍ର ପରିଚାଳନା କରିଥିବା ବେଳେ ଜନ୍ମେଜୟ ଓ ରବିନାରାୟଣ ପରିଡ଼ା ସ୍କୋରର ଭାବେ କାର୍ଯ୍ୟ କରିଥିଲେ। ଶେଷରେ ଆସୋସିଏସନର କୋଷାଧ୍ୟକ୍ଷ ତନ୍ମୟ ବୋଷ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆସୋସିଏସନର ସଭ୍ୟ ମନୋଜ ପ୍ରଧାନ, ତାପସ ବୋଷ୍, ସୌର ରଞ୍ଜନ ମହାନ୍ତି, ଦେବୀ ଶଙ୍କର ପଣ୍ଡା, ବିଜୟ ଗୋଛି, ବିଜ୍ଞାନ ସୁନ୍ଦରାଏ, ସୌମେନ୍ଦ୍ର ଦାସ, ଶୁରେସ ଭୂଷଣ ପଟ୍ଟନାୟକ, ସାରଳା ପଟ୍ଟନାୟକ, ଶଶିକାନ୍ତ ଦାସ ପ୍ରମୁଖ ଟୁର୍ଣ୍ଣାମେଣ୍ଟର ସୁପରିଚାଳନା କରିଥିଲେ।

# ଡବ୍ଲୁପିଏଲ୍ ୨୦୨୬ : ୟୁପିକୁ ୧୦ ରନ୍‌ରେ ହରାଇଲା ଗୁଜରାଟ ଜାଏଣ୍ଟ୍‌ସ

**ନୂଆଦିଲ୍ଲୀ**

ଚଳିତ ଡବ୍ଲୁପିଏଲ-୪ରେ ଏକ ସଂଘର୍ଷପୂର୍ଣ୍ଣ ବିଜୟ ସହ ଗୁଜରାଟ ଜାଏଣ୍ଟ୍‌ସ ଅଭିଯାନ ଆରମ୍ଭ କରିଛି। ଡିୱାଇ ପାଟିଲ ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟ୍‌ସ ୧୦ ରନ୍‌ରେ ୟୁପି ୱାରିୟର୍ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଜାଏଣ୍ଟ୍‌ସ ଦଳ ୪ ୱିକେଟ୍ ହରାଇ ୨୦୭ ରନ ସଂଗ୍ରହ କରିଥିଲା। ଜବାବରେ ୟୁପି ୱାରିୟର୍ସ ଲଢୁଆ ବ୍ୟାଟିଂ କରିଥିଲେ ହେଁ ଶେଷରେ ୮ ୱିକେଟ୍ ହରାଇ ୧୯୭ ରନ କରିବାକୁ ସକ୍ଷମ ହୋଇଥିଲା। ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଦଳକୁ ବିଜୟୀ କରାଇଥିବା ଜର୍ଜିୟା ୱାରେହାମ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେବା ୟୁପି ୱାରିୟର୍ସ ପାଇଁ ମହଙ୍ଗା ପଡ଼ିଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ଜାଏଣ୍ଟସ ଦଳର ଦୁଇ ଓପନର ବେଥ ମୁନି ଓ ଶୋଫି ଡିଭାଇନ୍ ୪୧ ରନ ସଂଗ୍ରହ କରିଥିଲେ। ମୁନି ୧୩ ରନ କରି ପ୍ରଥମେ ଆଉଟ୍ ହୋଇଥିଲେ।



ଡିଭାଇନ ଆକ୍ରମଣ ଜାରି ରଖି ୨୦ଟି ବଲରୁ ୫ ଚୌକା ଓ ୨ ଛକା ବଳରେ ୩୮ ରନ୍ ସଂଗ୍ରହ କରିଥିଲେ। ୫୫ ରନରେ ଉଭୟ ଓପନରଙ୍କ ୱିକେଟର ପତନ ପରେ ଘରୋଇ ଖେଳାଳି ଅନୁଷ୍କା ଶର୍ମା ଓ ଅଧିନାୟିକା ଆସଲି ଗାର୍ଡନର ବିସ୍ଫୋରକ ବ୍ୟାଟିଂ କରି ୟୁପି ବୋଲରଙ୍କ ଲୟ ବିଗାଡ଼ି ଦେଇଥିଲେ। ଉଭୟ ତୃତୀୟ ୱିକେଟ୍‌ରେ ୧୦୩ ରନ ଯୋଗ କରିଥିଲେ। ୧୬ ଓଭର ଶେଷ ସୁଦ୍ଧା ଦଳୀୟ ସ୍କୋର ୧୫୮ରେ ପହଞ୍ଚି ସାରିଥିଲା। ୧୭ତମ ଓଭରର ପ୍ରଥମ ବଲରେ ଯୋଡ଼ି ଭାଙ୍ଗିଥିଲେ ଡିଆଣ୍ଡ୍ରା ଡଟିନ। ଅନୁଷ୍କା ୪୪ (୭ଚୌକା) ରନ କରି ଆଉଟ୍ ହୋଇଥିଲେ। ସେହିପରି ଗାର୍ଡନର ୪୧ଟି ବଲ୍‌ରେ ୬ଚୌକା ଓ ୩ ଛକା ବଳରେ ୬୫ ରନ କରିଥିଲେ। ଅନ୍ତିମ ଭାଗରେ ଜର୍ଜିୟା ୱାରେହାମ ୧୦ଟି ବଲ ଅପରାଜିତ ୨୭ ରନକରି ଦଳୀୟ ସ୍କୋରକୁ ୨୦୭ରେ ପହଞ୍ଚାଇଥିଲେ।

ଜବାବରେ ୟୁପି ୱାରିୟର୍ସ ୩ ରନ୍‌ରେ ଓପନର କିରଣ ନଭଗିରେ (୧)ଙ୍କୁ ହରାଇଥିଲେ ହେଁ ସହଜ ସ୍ଥିତି ସୁଧାରି ନେଇଥିଲା। ମେଗ ଲ୍ୟାନିଂଙ୍କ ସହ ଫୋଏବ ଲିଚଫିଲ୍ଡ ମିଶି ୭୦ ରନ୍‌ର ଭାଗିଦାରୀ ଗଢ଼ିଥିଲେ। ଲ୍ୟାନିଂ ୩୦ ରନ କରି ଆଉଟ୍ ହେବା ପରେ ପରେ ହର୍ଲିନ ଦେଓଲ (୦) ଓ ଦୀପ୍ତି ଶର୍ମା (୧) ସହଜ ପାଭିଲିୟନ ଫେରିଥିଲେ। ଲିଚଫିଲ୍ଡ ଗୋଟିଏ ପଟେ ଆକ୍ରମଣ ଜାରି ରଖି ବିଜୟ ଆଶା ଉଜ୍ଜ୍ୱଳ ରଖିଥିଲେ। ଶ୍ୱେତା ଶେରାୱତଙ୍କ ସହ ମିଶି ଲିଚଫିଲ୍ଡ ଆଉ ୬୯ ରନ ଯୋଗ କରିଥିଲେ। ଦଳୀୟ ସ୍କୋର ୧୪୩ ବେଳେ ଶେରାୱତ ୨୫ ରନ କରି ଆଉଟ୍ ହେବା ପରେ ବାଜି ପଲଟିଥିଲା। ଗୁଜରାଟ ଜାଏଣ୍ଟ୍‌ସ ମ୍ୟାଚ୍‌କୁ ଫେରିଥିଲା। ଲିଚଫିଲ୍ଡ ୪୦ଟି ବଲ୍‌ରେ ୭୮ (୮ଚୌକା, ୫ଛକା) ରନ କରି ଆଉଟ୍ ହୋଇଥିଲେ। ପରେ ପରେ ଡଟିନ ୧୨ ଓ ଶୋଫି ଏକ୍ଲେଷ୍ଟୋନ ୧୧ ରନ କରି ପାଭିଲିୟନ ଫେରିବା ସହ ଦଳ ୧୮୨ ରନ୍‌ରେ ୮ଟି ୱିକେଟ ହରାଇଥିଲା। ଆଶା ଶୋଭନା ଅନ୍ତିମ ଭାଗରେ ୧୦ଟି ବଲ୍‌ରେ ୨୭ (୩ ଚୌକା, ୨ ଛକା) ରନ କରିଥିଲେ ହେଁ ବିଜୟ ପାଇଁ ଏହା ଯଥେଷ୍ଟ ସାବ୍ୟସ୍ତ ହୋଇପାରି ନଥିଲା। ଗୁଜରାଟ ଜାଏଣ୍ଟସ ପକ୍ଷରୁ ରେଣୁକା ସିଂହ, ଶୋଫି ଓ ୱାରେହାମ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।

# ଦିଲ୍ଲୀକୁ ୫୦ରନ୍‌ରେ ହରାଇ ଖାତା ଖୋଲିଲା ମୁମ୍ବାଇ

**ନୂଆଦିଲ୍ଲୀ**

ଡିଫେଣ୍ଡିଂ ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସ ବିଜୟ ଖାତା ଖୋଲିଛି। ପ୍ରଥମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଠାରୁ ପରାଜିତ ହୋଇଥିବା ମୁମ୍ବାଇ ଇଣ୍ଡିଆନ୍ସ ଦ୍ୱିତୀୟ ମ୍ୟାଚରେ ୫୦ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ଓଭରରେ ୪ ୱିକେଟ୍ ହରାଇ ୧୯୫ ରନ ସଂଗ୍ରହ କରିଥିଲା। କ୍ୟାପ୍ଟେନ୍ ହର୍ମନପ୍ରୀତ କୌର ଅଧିନାୟକତ୍ୱ ପାଳି ଖେଳିଥିଲେ। ୪୨ ବଲରେ ୭୪ରନ୍ କରି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୯ ଓଭରରେ ୧୪୫ ରନ କରି ଅଲ୍ ଆଉଟ୍ ହୋଇ ଯାଇଥିଲା।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ମ୍ୟାଚ୍ ଭଳି ମଧ୍ୟ ପ୍ରାରମ୍ଭରୁ ଓପନର ଆମେଲିଆ କେର (୦)ଙ୍କ ୱିକେଟ୍ ହରାଇଥିଲା। ଅନ୍ୟ ଓପନର ଜି. କାମାଲିନୀ (୧୬) ମଧ୍ୟ ନିରାଶ କରିଥିଲେ। ମାତ୍ର ଏହାପରେ ନାତାଲି ସ୍କିଭରବ୍ରଣ୍ଟ ଓ ହର୍ମନପ୍ରୀତ କୌର ଧୂଆଁଧାର ବ୍ୟାଟିଂ କରି ସବୁ ବୋଲରଙ୍କ ଲୟ ବିଗାଡ଼ି ଦେଇଥିଲେ। ଉଭୟ ଅର୍ଦ୍ଧଶତକ ଅର୍ଜନ କରିବା ସହ ତୃତୀୟ ୱିକେଟ୍‌ରେ ୬୬ ରନ ଯୋଗ କରିଥିଲେ। ଦଳୀୟ ସ୍କୋର ୧୧୭ ବେଳେ ସ୍କିଭର-ବ୍ରଣ୍ଟ ବ୍ୟକ୍ତିଗତ ୭୦ ରନ କରି ଆଉଟ୍ ହୋଇଥିଲେ। ସେ ଏହି ଇନିଂସରେ ୪୬ଟି ବଲ୍‌ର ସାମ୍ନା କରି ୧୩ଟି ଚୌକା ମାରିଥିଲେ। ହର୍ମନପ୍ରୀତ ଶେଷ ବଲ୍ ପର୍ଯ୍ୟନ୍ତ ଅପରାଜିତ ରହି ଦଳୀୟ ସ୍କୋରକୁ ୧୯୫ରେ ପହଞ୍ଚାଇଥିଲେ। ସେ ୪୨ଟି ବଲ୍‌ରୁ ୮ଚୌକା ଓ ୩ଛକା ବଳରେ ୭୪ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିକୋଲା କ୍ୟାରୀ ୧୨ଟି ବଲ୍‌ରୁ ୨୧ରନ କରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ନନ୍ଦନୀ ଶର୍ମା ୨ଟି ୱିକେଟ୍ ନେଇଥିଲେ।



୧୯୬ର ବିଶାଳ ବିଜୟ ଲକ୍ଷ୍ୟର ବୋଝରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳ ପ୍ରାରମ୍ଭରୁ ମନୋବଳ ହରାଇ ବସିଥିଲା। ଓପନର ଲିଜେଲି ଲି' ୧୦ ରନ କରି ପ୍ରଥମେ ଆଉଟ୍ ହେବା ପରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଶେଫାଳି ବର୍ମା ୮, ଲୌରା ଉଲଭାର୍ଟ ୯, ଜେମିମା ରୋଡ୍ରିଗ୍ସ ୧, ମରିଜାନ କାପ ୧୦ ଓ ନିକି ପ୍ରସାଦ ୧୨ ରନ କରି ଆଉଟ୍ ହେବା ସହ ଦିଲ୍ଲୀ କ୍ୟାପିଟାଲ୍ସ ୧୨ ଓଭର ଶେଷ ସୁଦ୍ଧା ୬ ୱିକେଟ୍ ହରାଇ ୮୮ ରନ ସଂଗ୍ରହ କରିଥିଲା। ଶେଷ ୮ ଓଭରରେ ଦଳକୁ ବିଜୟ ପାଇଁ ୧୦୮ ରନ ଆବଶ୍ୟକ ହେଉଥିଲା। ଚିନେଲି ହେନରୀ ଗୋଟିଏ ପଟେ ଆକ୍ରମଣ ଜାରି ରଖି ବିଜୟ ପାଇଁ ଲଢ଼େଇ କରୁଥିଲେ। ହେଲେ ଅନ୍ୟ ପଟରେ ତାଙ୍କୁ ଉପଯୁକ୍ତ ସହାୟତା ମିଳି ନଥିଲା। ସେ ୩୩ଟି ବଲ୍‌ରୁ ୫ଚୌକା ଓ ୩ ଛକା ବଳରେ ୫୫ ରନ କରି ଆଉଟ୍ ହେବା ପରେ କ୍ୟାପିଟାଲ୍ସ ଦଳର ବିଜୟ ଆଶା ମଉଳି ଯାଇଥିଲା। ଦଳ ଶେଷରେ ୧୪୫ ରନ କରି ଅଲ୍ ଆଉଟ୍ ହୋଇ ଯାଇଥିଲା। ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ନିକୋଲା କ୍ୟାରୀ ଓ ଆମେଲିଆ କେର ୩ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିବାବେଳେ ସ୍କିଭର-ବ୍ରଣ୍ଟ ୨ଟି ୱିକେଟ୍ ନେଇଥିଲେ।






**ଭୁବନେଶ୍ୱର : ବିଦ୍ୟାଳୟ ପରିସରରେ ୟୁନିଟ୍-୬ ଆଲୁମନି ଟ୍ରଷ୍ଟର ବାର୍ଷିକ ବନ୍ଧୁମିଳନ ଉତ୍ସବ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ। (ଫଟୋ : ସମ୍ବାଦ କଳିକା)**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦୁର୍ଘଟଣାଗ୍ରସ୍ତ...

ଏକ ଅଂଶ। ଏହି ସମସ୍ତ ନୂଆ ସ୍ୱାସ୍ଥ୍ୟ ଭିତ୍ତିଭୂମି ଦ୍ୱାରା ସମ୍ବଲପୁର ଜିଲ୍ଲାବାସୀଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁଣାତ୍ମକ ଓ ଆଧୁନିକ ସେବା ମିଳିପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ପ୍ରମୁଖ ଉପସ୍ଥିତ ଥିଲେ।

ସମ୍ବଲପୁର ସହରବାସୀଙ୍କ ଦୀର୍ଘଦିନର ପିଇବା ପାଣି ସମସ୍ୟାକୁ ଦୃଷ୍ଟିରେ ରଖି ସମ୍ବଲପୁର ସହରବାସୀଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ଉଦ୍ଦେଶ୍ୟରେ ୪୫୧ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟରେ ଏକ ବୃହତ ୱାଟର ସପ୍ଲାଏ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ସୋମନାଥ ମନ୍ଦିରକୁ...

ଏକ ଅବିସ୍ମରଣୀୟ ଏବଂ ଅମୂଲ୍ୟ ମୁହୂର୍ତ୍ତ। ସେ କହିଛନ୍ତି ଏଠାକାର ପରିବେଶ, ଉତ୍ସବର ମହିମା ଏବଂ ଦିବ୍ୟତା ହୃଦୟକୁ ଗଭୀର ଭାବରେ ସ୍ପର୍ଶ କରିଥାଏ। ଏହି ପରିବେଶ, ଏହି ଉତ୍ସବ ଆଶ୍ଚର୍ଯ୍ୟଜନକ। ଏହା ଏକ ଦିବ୍ୟ ଏବଂ ମହାନ ଅବସର। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ସୋମନାଥ ସ୍ୱାଭିମାନ ପର୍ବରେ ଉପସ୍ଥିତ ରହିବା ଏକ ସୌଭାଗ୍ୟର କଥା। ସୋମନାଥ କେବଳ ଏକ ତୀର୍ଥସ୍ଥଳ ନୁହେଁ, ବରଂ ଭାରତର ସାଂସ୍କୃତିକ ଆତ୍ମା, ଏହାର ଅଖଣ୍ଡତା ଏବଂ ଏହାର ଆତ୍ମବିଶ୍ୱାସର ପ୍ରତୀକ, ଯାହା ପ୍ରତ୍ୟେକ ଆହ୍ୱାନ ସତ୍ତ୍ୱେ ନିଜର ଅସ୍ତିତ୍ୱ ଏବଂ ଗର୍ବକୁ ବଜାୟ ରଖିଛି।

ସୋମନାଥର ଇତିହାସ ବିନାଶ ଏବଂ ପରାଜୟର ନୁହେଁ, ଏହା ବିଜୟ ଏବଂ ପୁନଃନିର୍ମାଣର। ଏହା ଆମର ପୂର୍ବପୁରୁଷଙ୍କ ବୀରତ୍ୱ, ସେମାନଙ୍କ ତ୍ୟାଗ ଏବଂ ସମର୍ପଣ ବିଷୟରେ। ଆକ୍ରମଣକାରୀମାନେ ଆସିବା ଜାରି ରଖିଥିଲେ, କିନ୍ତୁ ପ୍ରତ୍ୟେକ ଯୁଗରେ ସୋମନାଥ ପୁନଃପ୍ରତିଷ୍ଠିତ ହୋଇଥିଲା। ଏତେ ଶତାବ୍ଦୀର ସଂଘର୍ଷ, ଏତେ ମହାନ ଧୈର୍ଯ୍ୟ, ସୃଷ୍ଟି ଏବଂ ପୁନଃନିର୍ମାଣର ଏହି ଆତ୍ମା, ବିଶ୍ୱ ଇତିହାସରେ ଏପରି ଉଦାହରଣ ମିଳିବା କଷ୍ଟକର।

## ରାଉରକେଲା...

ପ୍ରମୁଖ ସଚିବ ସାମଗ୍ରିକ ସମନ୍ୱୟ ଏବଂ ତଦାରଖ ଦାୟିତ୍ୱରେ ରହିବେ।

ଓଡ଼ିଶା ସରକାର ସୁରକ୍ଷାର ସର୍ବୋଚ୍ଚ ମାନଦଣ୍ଡ, ପ୍ରଭାବିତ ବ୍ୟକ୍ତିମାନଙ୍କୁ ତୁରନ୍ତ ଚିକିତ୍ସା ସେବା ଏବଂ ଏଏଆଇବି ଦ୍ୱାରା ତଦନ୍ତ ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକୀୟ ସହାୟତା ପ୍ରଦାନ କରୁଛନ୍ତି।

## ଆଜି ଜର୍ମାନ...

ଭେନେଜୁଏଲାରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ଭଳି ସାମ୍ପ୍ରତିକ ଉତ୍ତେଜନା ପରେ ଏହି ଗସ୍ତ ରହିଛି। ଏହି ପରିପ୍ରେକ୍ଷୀରେ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ଏବଂ ସମାନ ରଣନୈତିକ ସ୍ୱାର୍ଥକୁ ମଧ୍ୟ ନେଇ ମର୍ଜ ଓ ମୋଦୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବ ବୋଲି ଆଶା କରାଯାଉଛି।

## ୭୮ ମାମଲାରେ...

ଓ ମହିଳା ଥାନାରେ ଗୋଟିଏ ଲେଖାଏଁ, ଏୟାରଫିଲ୍ଡ, ଇନ୍‌ଫୋସିଟି ଓ ଖଣ୍ଡଗିରି ଥାନାରେ ୨ଟି ଲେଖାଏଁ , ବଡ଼ଗଡ଼ ଥାନାରେ ୩ଟି , ଲିଙ୍ଗରାଜ ଥାନାରେ ୪ଟି , ମଞ୍ଚେଶ୍ୱର ଥାନାରେ ୫ଟି, ସହିଦନଗର ଓ ତମାଣ୍ଡୋ ଥାନାରେ ୭ଟି ଲେଖାଏଁ, ଚନ୍ଦ୍ରଶେଖରପୁର ଓ ଧଉଳି ଥାନାରେ ୧୦ଟି ଲେଖାଏଁ ଏବଂ ଖଣ୍ଡଗିରି ଓ ଲକ୍ଷ୍ମୀସାଗର ଥାନାରେ ୧୧ଟି ଲେଖାଏଁ ମାମଲା ରହିଛି ବୋଲି ସୂଚନା ମିଳିଛି।

## ଆଉ ୩ ଦିନ...

ଜାନୁଆରୀ ୯ରେ ୮.୬ ଡିଗ୍ରୀ ତାପମାତ୍ରା ରହିଥିଲା, ଯାହା ଗତ ୪୦ ବର୍ଷର ରେକର୍ଡ ଭାଙ୍ଗିଥିଲା।

ରବିବାର ସକାଳ ସୁଦ୍ଧା ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ ଥିବା ବେଳେ ଫୁଲବାଣୀରେ ୭ ଡିଗ୍ରୀ ଏବଂ ରାଉରକେଲାରେ ୮ଡିଗ୍ରୀ ରେକର୍ଡ କରାଯାଇଛି। ଆଗାମୀ ସପ୍ତାହ ପାଇଁ କୌଣସି ସତର୍କ ସୂଚନା ଜାରି କରାଯାଇ ନଥିଲେ ହେଁ, ଶୀତର ପ୍ରକୋପ ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

## ସିରିଆରେ ଆଇଏସ...

୧୯ ଡିସେମ୍ବର ୨୦୨୫ରେ ଅପରେସନ୍ ହକ୍ ଆଇ ଷ୍ଟ୍ରାଇକ୍ ଆରମ୍ଭ ସମ୍ପର୍କରେ ଘୋଷଣା କରାଯାଇଥିଲା। ସେଣ୍ଟକମ୍ ଅନୁଯାୟୀ, ଏହି ଆକ୍ରମଣ ଜଣେ ଆଇଏସଆଇଏସ ଆତଙ୍କବାଦୀ ଦ୍ୱାରା କରାଯାଇଥିଲା। ଏଥିରେ ଦୁଇ ଜଣ ଆମେରିକୀୟ ସୈନିକ ଏବଂ ଜଣେ ଆମେରିକୀୟ ବେସାମରିକ ଅନୁବାଦକଙ୍କ ମୃତ୍ୟୁ ହୋଇଥିଲା।

# ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାତିଛି ଦନ୍ତା : ରାତିକରେ ନେଲା ୬ ଜୀବନ

**ରାଉରକେଲା, ନ୍ୟୁଜ ବ୍ୟୁରୋ**

ଦନ୍ତା ଆତଙ୍କରେ ଥରହର ହେଉଛି ଓଡ଼ିଶା-ଝାଡ଼ଖଣ୍ଡ ସୀମା । ରାତିକରେ ହାତୀ ନେଇଛି ୬ ଜୀବନ । ମୃତକ ହେଲେ ୫୨ ବର୍ଷୀୟ ସନାତନ ମେରାଲ ଓ ତାଙ୍କ ୫୦ ବର୍ଷୀୟ ପତ୍ନୀ ଜୋଲେକା । ଏମିତିକି ୮ ବର୍ଷର ଝିଅ ଓ ୫ ବର୍ଷର ପୁଅର ମୃତ୍ୟୁ ହୋଇଛି। ଅନ୍ୟ ଦୁଇଜଣ ହେଲେ ୪୮ ବର୍ଷୀୟ ଗୁରୁଚରଣ ଲାଗୁରୀ, ୨୨ ବର୍ଷୀୟ ମଙ୍ଗଲ ବୋବାଙ୍ଗ । ସେହିଭଳି ଦନ୍ତା ଆକ୍ରମଣରେ ଅନ୍ୟ ୬ଜଣ ଲହୁଲୁହାଣ ହୋଇଛନ୍ତି। ସପ୍ତାହକ ମଧ୍ୟରେ ଉକ୍ତ ଗୋଠଛଡ଼ା ଦନ୍ତା ଆକ୍ରମଣରେ ୧୫ଜଣଙ୍କ ମୃତ୍ୟୁ ଘଟିଲାଣି । ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଜିଲ୍ଲା ବବାଡ଼ିଆ ଗ୍ରାମର ମୁଣ୍ଡାସାହିଟୋଲାରେ ରୁହନ୍ତି ସନାତନଙ୍କ ପରିବାର । ରାତିରେ ପରିବାର ସଦସ୍ୟ ଘର ଅଗଣାରେ ଶୋଇଥିବାବେଳେ ଦନ୍ତା ପଶି ଆକ୍ରମଣ କରିଥିଲା । ସନାତନ, ଜୋଲେକା, ଦମୟନ୍ତୀ ଏବଂ ମୁଗତ ଜୀବନ ବଞ୍ଚାଇବାକୁ ସୁଯୋଗ ପାଇନଥିଲେ। ପୁଅ ଜୟପାଲ ଓ ସୁଶୀଲା ହାତୀ ଆକ୍ରମଣରୁ ବର୍ତ୍ତି ଯାଇଛନ୍ତି। ଜୀବନ ବଞ୍ଚାଇ ଦୌଡ଼ି ପଳାଉଥିବା ବେଳେ ପଡ଼ି ଯାଇ ସୁଶୀଲା ଆହତ ହୋଇଛନ୍ତି। ଏହାପରେ ହାତୀ ଉଲିସାହିଟୋଲରେ ପଶିଥିଲା। ଘରେ ଶୋଇଥିବା ଗୁରୁଚରଣଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ହାତୀ ଆକ୍ରମଣରେ ଅଞ୍ଚଳର ଗୋମିଆ ଲାଗୁରୀ ଓ ହିନ୍ଦୁ ଲାଗୁରୀ ଗୁରୁତର ହୋଇଛନ୍ତି । ମୁଣ୍ଡାସାହିଟୋଲା ଏବଂ ଉଲିସାହିଟୋଲାରେ ଉପଦ୍ରବ ସୃଷ୍ଟି କରିବା ପରେ ବଡ଼ାପାସିଆ ଗ୍ରାମର ଡୁଡୁଡବାସାଟୋଲାରେ ପଶିଥିଲା ଦନ୍ତା। ମଙ୍ଗଲ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।



ଏହାପରେ ଜଗନ୍ନାଥପୁର ରେଞ୍ଜର କାଲାଇସାହିରେ ହାତୀ ପହଞ୍ଚିଥିଲା। ସେଠାରେ ଦୁଇଟି ଘର ଭାଙ୍ଗି ଦେଇଥିଲା। ଗ୍ରାମବାସୀ ନିଆଁହୁଳା ଦେଖାଇବା ସହ ପାଟି କରିବାରୁ ଦନ୍ତା ସିଆଲଯୋଡ଼ା ଗାଁକୁ ଯାଇ ଟିପରିଆ ହେମ୍ବ୍ରମ ଓ ସମ୍ପର୍କୀୟ ଖୁରପା ହେମ୍ବ୍ରମଙ୍କୁ ଆକ୍ରମଣ କରିଥିଲା। ସେମାନେ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ଲାଗି ନୂଆମୁଣ୍ଡା ସ୍ଥିତ ଟିସ୍କୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ବନ ବିଭାଗ ଏବଂ ପଶ୍ଚିମବଙ୍ଗରୁ ଆସିଥିବା ସ୍ୱତନ୍ତ୍ର ଟିମ୍ ଦନ୍ତାକୁ ଟ୍ରାଙ୍କୁଲାଇଜ କରିବାରେ ଫେଲ୍ ମାରିଛି। ହାତୀ ଦିନ ତମାମ ଘଞ୍ଚ ଜଙ୍ଗଲରେ ଲୁଚି ରହୁଛି। ରାତି ୧୦ଟା ପରେ ଜଙ୍ଗଲରୁ ବାହାରି ବିଭିନ୍ନ ଗାଁରେ ପଶି ଉତ୍ପାତ କରୁଛି। ଏହାକୁ ନେଇ ସୀମାବର୍ତ୍ତୀ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି ।

# ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଉପମୁଖ୍ୟମନ୍ତ୍ରୀଙ୍କ ଆଲୋକପାତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୨୦୨୬-୨୭ କେନ୍ଦ୍ରୀୟ ବଜେଟ ପାଇଁ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଅଧ୍ୟକ୍ଷତା କରିଥିଲେ। ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେଇ ଓଡିଶାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ମୁଖ୍ୟତଃ ୯ ଟି ଦାବି ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ। "ପୂର୍ବୋଦୟ" ଭିଜନ ଅଧୀନରେ 'ବିକଶିତ ଓଡ଼ିଶା ପାଇଁ ବିକଶିତ ଭାରତ' ଲକ୍ଷ୍ୟ ପୂରଣ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶ ନିମନ୍ତେ କେନ୍ଦ୍ର ସରକାରଙ୍କ ସମର୍ଥନ ଉପରେ ଉପମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ। ସେହିପରି ଆର୍ଥିକ ଶୃଙ୍ଖଳା ପାଳନ କରୁଥିବା ରାଜ୍ୟମାନଙ୍କୁ ପ୍ରୋତ୍ସାହନ ଏବଂ ରାଜ୍ୟମାନଙ୍କ ପାଇଁ ପୁଞ୍ଜି ନିବେଶ ସ୍ୱତନ୍ତ୍ର ସହାୟତା ଯୋଜନା ୨୦୨୬-୨୭ ଅଧୀନରେ ଅଧିକ ଅନୁଦାନ ଦେବାକୁ କହିଥିଲେ। ପୂରକ ପୋଷଣ କାର୍ଯ୍ୟକ୍ରମ ଓ କିଶୋରୀ ଯୋଜନା ଅଧୀନରେ ରେସନ୍ ମୂଲ୍ୟ ମାନଦଣ୍ଡର ସଂଶୋଧନ, ଯାହା ମାଧ୍ୟମରେ



ହିତାଧିକାରୀମାନଙ୍କୁ ପୋଷକ ଓ ଉତ୍ତମ ଗୁଣମାନର ଖାଦ୍ୟ ନିରନ୍ତର ଯୋଗାଣ ସୁନିଶ୍ଚିତ ହୋଇପାରିବ। ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ କେନ୍ଦ୍ରୀୟ ଅଂଶ ବୃଦ୍ଧି ଏବଂ ସାମାଜିକ ପେନସନ ଯୋଜନାରେ ଅଧିକ ଲାଭାନ୍ୱିତଙ୍କୁ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହା ରାଜ୍ୟର ଆର୍ଥିକ ଚାପ ମଧ୍ୟ ହ୍ରାସ କରିବ ବୋଲି କହିଥିଲେ। ଧାନ କ୍ରୟ କାର୍ଯ୍ୟକ୍ରମ ପାଇଁ ସମର୍ଥନ ଏବଂ ଧାନ ଉତ୍ପାଦନ ବୃଦ୍ଧି ପ୍ରସଙ୍ଗରେ ସଞ୍ଚୟ ଢାଞ୍ଚାର ବିସ୍ତାର ଉପରେ ଆଲୋଚନା କରିଥିଲେ। ଜଳ ଜୀବନ ମିଶନ୍ ଅଧୀନରେ ଚାଲୁଥିବା ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ କରିବା ପାଇଁ ପର୍ଯ୍ୟାପ୍ତ ଅନୁଦାନ ଦେବାକୁ କହିଥିଲେ। ଓଡ଼ିଶାରେ ୪୧,୫୮୦ କୋଟି ଟଙ୍କା ମୂଲ୍ୟର ସଡ଼କ ଓ ଜାତୀୟ ରାଜପଥ ପ୍ରକଳ୍ପ ଉନ୍ନୟନ ପାଇଁ କେନ୍ଦ୍ର ସରକାରଙ୍କ ସମର୍ଥନ ଏବଂ ଓଡ଼ିଶାର ନଗରୀକରଣ ପାଇଁ ଆବଶ୍ୟକ ଭାରି ପୁଞ୍ଜି ନିବେଶ ପ୍ରତି କେନ୍ଦ୍ର ସରକାରଙ୍କ ସହଯୋଗ ଉପରେ ପ୍ରସ୍ତାବ ଦେଇଥିଲେ। ସେହିପରି ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର ରାଜ୍ୟର ଅର୍ଥନୀତିର ଏକ ମୁଖ୍ୟ ସ୍ତମ୍ଭ, ଯାହା ବହୁ ପରିମାଣରେ ରୋଜଗାର ସୃଷ୍ଟି କରେ ଓ ସମାବେଶୀ ବିକାଶକୁ ପ୍ରୋତ୍ସାହନ ଦିଏ। ପୁରୀ, ବିଶ୍ୱପ୍ରସିଦ୍ଧ ଜନଜାତିୟ ପରମ୍ପରା, ନିର୍ମଳ ସମୁଦ୍ରତଟ ଏବଂ ବିବିଧ ପରିବେଶ ପର୍ଯ୍ୟଟନ କେନ୍ଦ୍ର ସହିତ ଓଡ଼ିଶା ଏକ ସମୃଦ୍ଧ ସାଂସ୍କୃତିକ ଓ ଧାର୍ମିକ ଐତିହ୍ୟରେ ପରିପୂର୍ଣ୍ଣ। କେନ୍ଦ୍ର ସରକାରଙ୍କ ସହଯୋଗ, ଯୋଜନାବଦ୍ଧ ଉନ୍ନୟନ ଓ ପୂର୍ବାଧାର ବିକାଶ ମାଧ୍ୟମରେ ଏହି ସ୍ଥାନଗୁଡ଼ିକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ମୁଖ୍ୟ ପର୍ଯ୍ୟଟନ କେନ୍ଦ୍ର ଭାବେ ଉନ୍ନତ କରାଯାଇପାରିବ।ଏହା ଦ୍ୱାରା ଓଡ଼ିଶାକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏକ ପ୍ରମୁଖ ପର୍ଯ୍ୟଟନ ଗନ୍ତବ୍ୟ ଭାବେ ପରିଚିତ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଓଡ଼ିଶା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ସମ୍ମିଳିତ ଏକ ସ୍ମାରକପତ୍ର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ପ୍ରଦାନ କରିଥିଲେ। କେନ୍ଦ୍ର ଅର୍ଥମନ୍ତ୍ରୀ ସୀତାରାମନ ଆଲୋଚନା ହୋଇଥିବା ବିଷୟବସ୍ତୁ ଉପରେ ବିଚାର କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ଏହି ବୈଠକରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ମଧ୍ୟ ଉପସ୍ଥିତ ଥିଲେ ।

# ଆଜି ଶକ୍ତି ପଦର୍ଶନ କରିବେ ମହମ୍ମଦ ମୋକିମ : ଆୟୋଜିତ ହେବ ଯୁବ ସମାବେଶ

**କଟକ, ନ୍ୟୁଜ ବ୍ୟୁରୋ**

ସୋମବାର ଶକ୍ତି ପଦର୍ଶନ କରିବେ ମହମ୍ମଦ ମୋକିମ। ଏଥିପାଇଁ ଭୁବନେଶ୍ୱରରେ ଆୟୋଜିତ ହେବ ଯୁବ ସମାବେଶ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବିଶେଷ କରି ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କରୁ ୧୨୦୦ରୁ ଉର୍ଦ୍ଧ୍ୱ ଯୁବ ନେତା ଓ ଯୁବକ କାର୍ଯ୍ୟକ୍ରମରେ ଯୋଗ ଦେବେ। ୨୦୩୬ ମସିହାରେ ଓଡିଶାକୁ ଶହେ ବର୍ଷ ପୂର୍ତ୍ତ ହେବ। ସେନେଇ ଯୁବକ ମାନେ ଓଡିଶାକୁ କିପରି ଦେଖୁଛନ୍ତି ସେ ନେଇ ହେବ ଆଲୋଚନା। 'ଫୁଣି ଫେରିବ ଗୌରବ ଦରକାର ଆଉ ଏକ ବିପ୍ଳବ' ଏହି ପ୍ରସଙ୍ଗରେ ଆଲୋଚନା



ହେବ। ମାର୍ଚ୍ଚ ମାସ ଶେଷ ସୁଦ୍ଧା ନୂଆ ଦଳ ଘୋଷଣା କରାଯିବ ବୋଲି କହିଛନ୍ତି ମହମ୍ମଦ ମୋକିମ। ଉଲ୍ଲେଖନୀୟ କଂଗ୍ରେସରେ ବିଦା ହେବା ପରେ ମହମ୍ମଦ ମୋକିମ ରାଜ୍ୟରେ ନୂଆ ଆଞ୍ଚଳିକ ଦଳ ଗଠନ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ବିଗତ ଦିନରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଏହା ସହ ଅନେକ ଅସନ୍ତୁଷ୍ଟ ବିଜେଡି ନେତାଙ୍କ ସହ ଆଲୋଚନା ବି କରିଥିଲେ। ତେବେ ଏବେ ନିଜେ ପାର୍ଟି ଗଠନ ପାଇଁ ପୂରା ଦମରେ ଲାଗି ପଡ଼ିଛନ୍ତି ମୋକିମ୍। ଏହା ସହିତ ମାର୍ଚ୍ଚ ଶେଷ ସୁଦ୍ଧା ନୂଆ ପାର୍ଟି ଗଠନ ନେଇ ସମୟସୀମା ସ୍ଥିର କରିଛନ୍ତି। ସୂଚନାଯୋଗ୍ୟ, ପିସିସି ସଭାପତି ଭକ୍ତଚରଣ ଦାସଙ୍କ ପ୍ରତି ବିଷୋଦଗାର କରିଥିଲେ ମୋକିମ। ଏପରିକି ସେ ରାଜ୍ୟ କଂଗ୍ରେସର ସ୍ଥିତିକୁ ନେଇ ଏଆଇସିସିର ହାଇକମାଣ୍ଡଙ୍କ ନିକଟକୁ ଚିଠି ଲେଖିଥିଲେ। ସେ ସିଧାସଳଖ ଭକ୍ତ ଦାସଙ୍କୁ ଟାର୍ଗେଟ୍ କରିଥିଲେ। ଦଳୀୟ ଆଚରଣ ଉଲ୍ଲଂଘନ ଅଭିଯୋଗରେ ମୋକିମଙ୍କୁ କଂଗ୍ରେସରୁ ବହିଷ୍କାର କରାଯାଇଥିଲା। ଏହା ପରେ ସେ କଂଗ୍ରେସର ସ୍ଥିତି ପାଇଁ ଦଳର ଶୀର୍ଷ ନେତୃତ୍ୱକୁ ଦାୟୀ କରିଥିଲେ। ଆଉ ଏବେ ରାଜ୍ୟରେ ନୂଆ ଏକ ଆଞ୍ଚଳିକ ଦଳ ଗଠନ ପାଇଁ ଅଣ୍ଟା ଭିଡିଛନ୍ତି ମୋକିମ।

# ଚତୁର୍ଥ ଦିନରେ ପହଞ୍ଚିଛି ଆଞ୍ଚଳିକ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା

**ଗଜପତି, ନ୍ୟୁଜ ବ୍ୟୁରୋ**

ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ୍ ଠାରେ ଆଞ୍ଚଳିକ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୫- ୨୬ ଚତୁର୍ଥ ଦିନରେ ଆୟୋଜିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜୀ ତିରୁପତି ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ପୃଥ୍ୱୀରାଜ ମଣ୍ଡଳ, ଜିଲ୍ଲା ପରିଷଦ ସଭ୍ୟ ବାଲରାଜୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏମ୍ ପ୍ରକାଶ ରାଓ ପ୍ରମୁଖ ମଞ୍ଚାସିନ ଥିଲେ। ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏମ୍ ପ୍ରକାଶ ରାଓ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କୃଷି ମେଳାରେ କାଶୀ ନଗର ବ୍ଲକର ଚାଷୀ ଉପସ୍ଥିତ ଥିଲେ। ଏହି ମେଳାରେ ଜିଲ୍ଲାର ଚାଷୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବିଭିନ୍ନ ଯନ୍ତ୍ରପାତି ରିହାତି ମୂଲ୍ୟରେ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏହି ଯନ୍ତ୍ରପାତି ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜିଲ୍ଲାର ଚାଷୀଙ୍କ ଉତ୍ପାଦନ କିପରି କମ୍ ସମୟରେ ଅଧିକ ଫସଲ ଉତ୍ପାଦନ କରିପାରିବେ ଓ ରାଜ୍ୟ ସରକାର ଚାଷୀଙ୍କ ଉନ୍ନତିର ବିକାଶ ନିମନ୍ତେ କରିଥିବା



ଯୋଜନାଗୁଡିକ ସଫଳ ରୂପାୟନ ହୋଇପାରିବ। ଚାଷି ସେହି ଯୋଜନା ଗୁଡିକ ପାଇ ନିଜର ଅର୍ଥନୈତିକ ଅଭିବୃଦ୍ଧି କରିପାରିବେ। ତତ ସଙ୍ଗେ ସଙ୍ଗେ ଯନ୍ତ୍ରପାତି ଗୁଡିକ ରିହାତି ଓ ବିକ୍ରୟ ବ୍ୟବସ୍ଥା, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ବ୍ୟବସ୍ଥା, କୃଷି ଓ ଅଣ ସଂଗଠିତ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକର ପ୍ରଚାର ପ୍ରସାର ଏବଂ ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରୀମ ଉତ୍ପାଦନ ବୃଦ୍ଧିର ବ୍ୟବସ୍ଥା ରହିଛି। ଶେଷରେ ଜିଲ୍ଲା କୃଷି ଅଧିକାରୀ ରବୀନ୍ଦ୍ର କୁମାର ଆଡେକ ଧନ୍ୟବାଦ ଅର୍ପଣ କରିଥିଲେ।

# ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ମହେନ୍ଦ୍ରଗିରିରେ ସଫେଇ ଅଭିଯାନ

**ପାରଳାଖେମୁଣ୍ଡି, ନ୍ୟୁଜ ବ୍ୟୁରୋ**

ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ୟୁନିଟ୍‌ର ପକ୍ଷରୁ ମହେନ୍ଦ୍ରଗିରି ପର୍ବତ ଅଞ୍ଚଳରେ ଏକ ସଫେଇ ଅଭିଯାନ ଆୟୋଜିତ ହୋଇଛି। ବୁରଖତ ଗ୍ରାମ, ମହେନ୍ଦ୍ରଗିରି ଇକୋ ରିସୋର୍ଟ ଏବଂ କୁନ୍ତୀ ମନ୍ଦିର ସମୀପସ୍ଥ ହିଲ୍ ଷ୍ଟେସନ୍ ଅଞ୍ଚଳରେ ଏହି ସଫେଇ କାର୍ଯ୍ୟକ୍ରମ ପରିଚାଳିତ ହୋଇ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ସଚେତନତାର ସନ୍ଦେଶ ପ୍ରସାରିତ କରାଯାଇଛି।




ଏହି ଅଭିଯାନରେ ବନପାଳ ସିବରାମ ସାବତ, ବନରକ୍ଷୀ କବିତା ରାଣୀ ଦେବୀ ଓ ବନବିଭାଗର ଅନ୍ୟାନ୍ୟ କର୍ମଚାରୀ ସତ୍ୟ ସ୍ୱରାଜ ମହାନ୍ତି, ରଙ୍କମଣି ବରିଆ ଓ କୈଳାଶ ନାୟକ ଉପସ୍ଥିତ ଥିଲେ। ଏହା ସହ ଇକୋ ଡେଭଲପମେଣ୍ଟ କମିଟିର ଅଧ୍ୟକ୍ଷ ସନ୍ୟାସୀ ଭୂୟାଁ, କୋଷାଧ୍ୟକ୍ଷ ଭାସ୍କର ମଣ୍ଡଳ, ପୂର୍ବ ଗ୍ରାମର ସରପଞ୍ଚ ଅମ୍ବିକା ନାୟକ, ଏଙ୍ଗର୍ସିଂ ଗ୍ରାମର ସରପଞ୍ଚ କୁମାରୀ କର୍ଜୀ ଏବଂ ବୁରଖତ ଗ୍ରାମର ଗ୍ରାମବାସୀ ବୃନ୍ଦ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି ସଫେଇ ଅଭିଯାନକୁ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ବିଷ୍ଣୁ ପ୍ରସାଦ ଦାଶ ସୁଚାରୁ ଭାବେ ପରିଚାଳନା କରିଥିବା ବେଳେ, ତାଙ୍କର ତତ୍ତ୍ୱାବଧାନରେ ୨୨ ଜଣ ଛାତ୍ରଛାତ୍ରୀ ସକ୍ରିୟ ଭାବରେ ସଫେଇ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ। ମହେନ୍ଦ୍ରଗିରି ପର୍ବତ ଏକ ଗୁରୁତ୍ୱପୂର୍ଣ୍ଣ ଜୈବ-ବିବିଧତା ଓ ଇକୋ-ପର୍ଯ୍ୟଟନ କ୍ଷେତ୍ର ହେବାରୁ ଏଠାରେ ସ୍ୱଚ୍ଛତା ରକ୍ଷା କରିବା ଅତ୍ୟନ୍ତ ଆବଶ୍ୟକ। ପର୍ଯ୍ୟଟକମାନଙ୍କ ଦ୍ୱାରା ସୃଷ୍ଟ ପ୍ଲାଷ୍ଟିକ ଓ ଅବର୍ଜନା ପ୍ରଦୂଷଣ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପରିବେଶ ସନ୍ତୁଳନକୁ ଭାରି ମାତ୍ରାରେ କ୍ଷତି ପହଞ୍ଚାଏ। ଏହିପରି ସଫେଇ ଅଭିଯାନ ଇକୋ-ଟୁରିଜମ୍‌କୁ ସୁସ୍ଥାୟୀ କରିବା ସହ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପରିବେଶ ଦାୟିତ୍ୱବୋଧ ସୃଷ୍ଟି କରେ। ଏହି ଅବସରରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ବୃନ୍ଦ ବନବିଭାଗ ଅଧିକାରୀମାନଙ୍କ ସହ ମିଳିତ ଭାବେ ସ୍ଲୋଗାନ ଦେଇ ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ଏକ ସଚେତନତା ରାଲି କରିଥିଲେ, ଯାହା ମହେନ୍ଦ୍ରଗିରି ଅଞ୍ଚଳକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବାର ସନ୍ଦେଶ ଦେଇଛି।

# ଲୋକ ଭବନ ଉଦ୍ୟାନରେ ମନ ଜିଣୁଛି ଅଟଳ ବନର ସୌନ୍ଦର୍ଯ୍ୟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସର୍ବସାଧାରଣଙ୍କ ପାଇଁ ଖୋଲିଛି ଲୋକଭବନ ଉଦ୍ୟାନ ବା ରାଜ ଭବନ ଉଦ୍ୟାନ । ମନ ମୋହୁଛି ଭଳିକି ଭଳି ଫୁଲ। ଫୁଲର ମହକ ଆଉ ଉଦ୍ୟାନ ସୌନ୍ଦର୍ଯ୍ୟରେ ବିଭୋର ରାଜଧାନୀବାସୀ । ବର୍ଷକ ପରେ ପର୍ଯ୍ୟଟକଙ୍କୁ ପାଖରେ ପାଇ ଯେମିତି ଆନନ୍ଦରେ ଆତ୍ମହରା ହୋଇପଡୁଛି ଏଇ ରାଜ ଭବନ ଉଦ୍ୟାନ। ସର୍ବସାଧାରଣଙ୍କ ପାଇଁ ଖୋଲିଛି ଲୋକଭବନ ଉଦ୍ୟାନ ବା ରାଜ ଭବନ ଉଦ୍ୟାନ। ଏଥର ୧୦ରୁ ୨୦ ତାରିଖ ଯାଏ ଖୋଲା ରହିବ। ଏବେ ସାଧାରଣ ଲୋକ ବି ରାଜଭବନ ଉଦ୍ୟାନକୁ ଯାଇ ପାରିବେ ଏବଂ ଏଠାରେ ଥିବା ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ। ବର୍ଷକୁ ଗୋଟିଏ ଥର ହିଁ ସର୍ବସାଧାରଣଙ୍କ ପାଇଁ ଖୋଲା ରୁହେ ରାଜ ଭବନ ଉଦ୍ୟାନ । କେବଳ ରାଜଧାନୀବାସୀ ନୁହେଁ, ରାଜ୍ୟର କୋଣ ଅନୁକୋଣରୁ ଲୋକମାନେ ଆସି ଉଦ୍ୟାନରେ ଥିବା ଭଳିକି ଭଳି ଫୁଲର ସମ୍ଭାର ଦେଖିଥାନ୍ତି । ଏଠିକୁ କିଏ ପରିବାର ସହ ଆସୁଛନ୍ତି ତ କିଏ ପିଲାମାନଙ୍କୁ ନେଇ ଆସୁଛନ୍ତି । ରାଜଭବନକୁ ଏତେ ପାଖରୁ ଦେଖିବା ତଥା ଏଠାରେ ଥିବା ଉଦ୍ୟାନର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାର ସୁଯୋଗ ଯେମିତି କେହି ହାତଛଡା କରିବାକୁ ଚାହୁଁନାହାନ୍ତି । ଏଥର ରାଜ ଭବନର ସବୁଠାରୁ ଆକର୍ଷଣ ସାଜିଛି ଅଟଳ ବନ। ଏହା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସମ୍ମାନରେ କରାଯାଇଛି । ଏଠାରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ବିଷୟରେ ଅନେକ ଅକୁହା କଥାର କଥାକୁ ସ୍ଥାନିତ କରାଯାଇଛି। ଏଠି ରହିଛି ଯୁଦ୍ଧ ଟ୍ୟାଙ୍କ 'ଟିପ୫୫' ସହ ସ୍କ୍ରାପରୁ ପ୍ରସ୍ତୁତ ଏକ ମଡେଲ ଫାଇଟର ଜେଟ, ଯାହା ଆମ ବୀର ଯବାନଙ୍କର ଆମର ଗାଥା ବିଷୟରେ କହୁଛି। ଖାଲି ସେତିକି ନୁହେ ଏହି ଅଟଳ ବନକୁ ଆହୁରି ସୁନ୍ଦର କରିବା ପାଇଁ କୃତ୍ରିମ ଝରଣା ସହ ରଙ୍ଗ ବେରଙ୍ଗର ଫୁଲରେ ସଜ୍ଜିତ ସେଲ୍ଫି ପଏଣ୍ଟ, ସୁଇମୁଙ୍ଗ ଫୁଲ ଇତ୍ୟାଦି ରହିଛି । ଏସବୁ ସମ୍ଭାର ପୁରା ପରିବେଶକୁ ଦେଶାତ୍ମ ବୋଧ ଭାବନାରେ ଚିତ୍ରିତ କରାଯାଇଛି। ସେତିକି ନୁହେଁ, ରାତି ହେଲେ ଏହି ବନର ଆଲୋକୀକରଣ ଆହୁରି ଆକର୍ଷଣୀୟ ଦିଶୁଛି। ପାଖରେ ଥିବା ସୀଲା ବନ ମଧ ଲୋକଙ୍କୁ ସହର ଭିତରେ ଥିବା ଜଙ୍ଗଲର ଅନୁଭବ ଦେଉଛି। ଆହୁରି ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଡିଅର ବା ହରିଣ ପାର୍କ । ଛୋଟ ଛୋଟ ପିଲାମାନେ ହରିଣ ମନକୁ ଦେଖି ବେଶ ଖୁସି ହେଉଛନ୍ତି। ସବୁବର୍ଷ ପରି ରାଜ ଭବନ ସମ୍ମୁଖରେ ଥିବା ଫାଉଣ୍ଟେନ ବା ଜଳଫୁଆରା, ଝରଣା, ରଙ୍ଗବେରଙ୍ଗର ଦେଶୀ ବିଦେଶୀ ଫୁଲ, ଚଢେଇଙ୍କ କିଚିରି ମିଚିରି ଶବ୍ଦ, ମୟୁର, କୁକୁଡ଼ା, ପକ୍ଷୀଘର, ଭଳିକି ଭଳି ମାଛ ପରିବେଶ ଶୋଭାକୁ ଆହୁରି ମନୋରମ କରୁଛି। ଯେମିତି ରାଜ ଭବନ ଉଦ୍ୟାନ ନୁହେଁ ଇନ୍ଦ୍ର ଭୁବନର କେଉଁ ପାରିଜାତ ବନ। ପ୍ରଥମ ଦିନରୁ ହିଁ ଏଠି ଖଚାଖଚ ଭିଡ ଦେଖିବାକୁ ମିଳିଥିଲା । ଦର୍ଶକଙ୍କ ପାଇଁ ଏହା ୧୦ ତାରିଖରୁ ଖୋଲୁଛି । ପ୍ରତିଦିନ ଅପରାହ୍ନ୨ ଟା ରୁ ସନ୍ଧ୍ୟା ୬ ୩୦ ଯାଏ ଖୋଲା ରହୁଛି। ତେବେ ଛୁଟି ଦିନ ମାନଙ୍କରେ ବେଶ ଭିଡ ଜମୁଛି। ପ୍ରଥମ ଦିନରେ ୫ ହଜାରରୁ ଉର୍ଦ୍ଧ୍ୱ ଲୋକ ଆସିଥିବା ବେଳେ ଆଗାମୀ ଦିନରେ ଆହୁରି ଅଧିକ ଭିଡ ରହିବା ବୋଲି ଆଶା କରାଯାଇଛି। ଏହି ଉଦ୍ୟାନ ବୁଲିବାକୁ ଆସିଥିବା ରାଜଧାନୀର ଶୁଭଶ୍ରୀ ମହାରଣା କହନ୍ତି, ରାଜଭବନ ସର୍ବସାଧାରଙ୍କ ପାଇଁ ବର୍ଷକୁ ଗୋଟିଏ ଥର ଖୋଲିଥାଏ। ରାଜଭବନ ବିଷୟରେ ଜାଣିବାକୁ ଗୋଟିଏ ସୁଯୋଗ ମିଳିଥାଏ । ତେଣୁ ଏହି ସୁଯୋଗକୁ ମୁଁ ଛାଡ଼େନାହିଁ । ମୋ ପରିବାର ସହ ଆସି ବୁଲୁଛି। ପ୍ରଥମ ଥର ପାଇଁ ମୁଁ ଏଠିକି ଆସିଛି । ଏହି ସୁଯୋଗର ଭରପୁର ମଜା ଉଠାଉଛି । ଏଠାକାର ସୁନ୍ଦର ପରିବେଶରେ ରାଜଭବନର ଆତିଥ୍ୟ ଓ ତା'ସୌନ୍ଦର୍ଯ୍ୟକୁ ଜାଣିବାର ସୌଭାଗ୍ୟ ମିଳିଛି। ମୋ ପୁଅ ବି ମୋ ସହ ଆସି ଲୋକ ଭବନ ବିଷୟରେ ଜାଣିଛି। ସେହିପରି ଆଉ ଜଣେ ରାଜଧାନୀବାସୀ ରୀତାଞ୍ଜଳି କହିଛନ୍ତି, ରାଜଭବନର ଏ ଅପୂର୍ବ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଗୋଟିଏ ଥର ସୁଯୋଗ ମିଳିଛି। ତେଣୁ ଏହାକୁ ହାତଛଡା କରିବାକୁ ଚାହୁଁନି । ଆମେ ପରିବାର ସହ ଆସି ବୁଲୁଛୁ ଓ ଏହି ଉଦ୍ୟାନରେ ଥିବା ନୂଆ କରି ଖୋଲିଥିବା ଅଟଳ ବନ ସହ ଏଠାକାର ସୌନ୍ଦର୍ଯ୍ୟକୁ ଦେଖି ବେଶ ଖୁସି ହେଉଛୁ। ଆଉ ରାଜ ଭବନର ଅକୁହା କଥା ଜାଣି କିଛି ଜାଣିବାର ଜିଜ୍ଞାସା ମଧ ପୁରା ହୋଇଛି।

ଭୁବନେଶ୍ୱର
୧୨ ଜାନୁଆରୀ,
ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ପ୍ରସ୍ତାବିତ ପୁରୀ ବିମାନବନ୍ଦର ଅଞ୍ଚଳରେ ଉଚ୍ଚତା କଟକଣା : ମନମୁଖୀ ହେବନି ଅଟ୍ଟାଳିକା

**ଭୁବନେଶ୍ୱର,୧୧।୦୧**
**ନ୍ୟୁଜ ବ୍ୟୁରୋ**

ପୁରୀରେ ପ୍ରସ୍ତାବିତ ବିମାନବନ୍ଦର ପ୍ରକଳ୍ପକୁ ସାକାର କରିବା ପାଇଁ ରାଜ୍ୟ ପରିବହନ ବିଭାଗ ଉଦ୍ୟମ ତେଜିଛି । ଏପ୍ରକଳ୍ପ ପାଇଁ ଜାଗା ଚିହ୍ନଟ ହୋଇସାରିବାରୁ ଏହା ଯେଭଳି ସଂରକ୍ଷିତ ରହିବ, ସେଥିପାଇଁ ଉଦ୍ୟମ ଆରମ୍ଭ ହୋଇଛି । ପ୍ରସ୍ତାବିତ ବିମାନବନ୍ଦର ପ୍ରକଳ୍ପର ଚାରିପାଖ ଅଞ୍ଚଳରେ ଯେଭଳି ମନମୁଖୀ ଭାବେ କୋଠାବାଡ଼ି ଓ ଉଚ୍ଚ ଅଟ୍ଟାଳିକା ଏବଂ ନିର୍ମାଣ ନ ହେବ, ସେଥିପାଇଁ ଏକ ସ୍ୱତନ୍ତ୍ର ସଂସ୍ଥା ଦ୍ୱାରା ସର୍ଭେ କରାଯିବ । ରାଜ୍ୟ ପରିବହନ ବିଭାଗ ଏ ନେଇ ଏକ ଟେଣ୍ଡର ଆହ୍ୱାନ କରିଛି । ଏହି ସ୍ଥାନଟି ବିମାନବନ୍ଦର ପାଇଁ ଚିହ୍ନଟ ହୋଇସାରିଛି । ତେଣୁ ବିମାନବନ୍ଦର



ଅଞ୍ଚଳରେ କୋଠାବାଡ଼ି ନିର୍ମାଣ ପୂର୍ବରୁ ଭାରତ ସରକାରଙ୍କ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ଅଧୀନରେ ଆବେଦନ କରିବାକୁ ପଡ଼ିବ । ଏଏଆଇଠାରୁ ଏନ୍‌ଓସି ନେବାକୁ ହେବ । ଆବେଦନକାରୀ ଯେଉଁ ପ୍ଲଟ ପାଇଁ ଆବେଦନ କରିବେ, ସେଇ ପ୍ଲଟକୁ ନେଇ ସର୍ଭେ କରାଯିବ । ଏହି ପ୍ଲଟଟି ସମୁଦ୍ର ପତ୍ତନରୁ କେତେ ଉଚ୍ଚତାରେ ରହିଛି, ବିମାନବନ୍ଦରଠାରୁ ଏହାର ଦୂରତା କେତେ? ଏହାର ପ୍ରଭାବ କ'ଣ ରହିବ, ସବୁଦିଗକୁ ନେଇ ସର୍ଭେ କରାଯିବା ପରେ ଏନଓସି ମିଳିବ । ଏହି ସର୍ଭେ କାର୍ଯ୍ୟ ପାଇଁ ପରିବହନ ବିଭାଗ ଏକ ଏଜେନ୍ସିକୁ ନିଯୁକ୍ତ କରିବ । ଏଥିପାଇଁ ପରିବହନ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି । ୨୮ ତାରିଖ ସୁଦ୍ଧା ଆବେଦନ ଗ୍ରହଣ କରାଯିବ । ପରିବହନ ବିଭାଗ ଅଧିକାରୀଙ୍କ କହିବା କଥା ହେଲା, ବିମାନବନ୍ଦର ନିର୍ମାଣ ପାଇଁ ଜାଗା ଚିହ୍ନଟ କରାଯାଇଛି । ତେଣୁ ସେ ସ୍ଥାନକୁ ସଂରକ୍ଷିତ ଓ ସୁରକ୍ଷିତ ରଖିବାକୁ ହେବ।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ସପରିବାର ଦର୍ଶନ କଲେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି



**ପୁରୀ ୧୧।୦୧ ନ୍ୟୁଜ ବ୍ୟୁରୋ**

ପୁରୀରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ। ମୁଖ୍ୟ ବିଚାରପତି ସପରିବାର ସହ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ଶ୍ରୀମନ୍ଦିର ସିଂହଦ୍ୱାର ବାଟେ ମନ୍ଦିର ଭିତରକୁ ଯାଇ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିବା ସହ ମା' ଲକ୍ଷ୍ମୀ, ବିମଳାଙ୍କ ସହିତ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଛନ୍ତି ।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସରପଞ୍ଚଙ୍କ ପାଇଁ ଓଡ଼ିଆ ଲେଖି ପଢ଼ି ଜାଣିବା ନିହାତି ଆବଶ୍ୟକ

**କଟକ, ୧୧।୧ ନ୍ୟୁଜ ବ୍ୟୁରୋ**

ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ। ଏଣିକି ସରପଞ୍ଚ ହେଲେ ଓଡ଼ିଆ ଲେଖି ପଢ଼ି ଜାଣିବା ନିହାତି ଆବଶ୍ୟକ। ଗ୍ରାମ ପଞ୍ଚାୟତରେ ସରପଞ୍ଚ ଏକ ସର୍ବୋଚ୍ଚ ତଥା ଗୁରୁତ୍ୱପୂର୍ଣ୍ଣ ପଦବୀ। ସରପଞ୍ଚଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼େ। ତେଣୁ ସରପଞ୍ଚ ନିଶ୍ଚିତ ଓଡ଼ିଆ ଭାଷା ପଢ଼ିବା ଏବଂ ଲେଖି ଜାଣିବା ଆବଶ୍ୟକ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ସୁହାଗପୁର ସରପଞ୍ଚଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଦିଆଯାଇଥିବା ଆଦେଶକୁ କାଏମ୍ ରଖିଛନ୍ତି। ସରପଞ୍ଚ ଶେଖ ଆବୁତେହେରଙ୍କ ପକ୍ଷରୁ ଆଗତ ମାମଲାକୁ ଖାରଜ କରିବା ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଏହି ଆଦେଶ ଦେବା ସହ ନିମ୍ନ ଅଦାଲତଙ୍କ ଆଦେଶ କାଏମ୍ ରଖିଛନ୍ତି । ୨୦୨୨ରେ ନିମାପଡ଼ା ଅଞ୍ଚଳର ସୁହାଗପୁର ସରପଞ୍ଚ ଭାବେ ଶେଖ ଆବୁତେହେର ନିର୍ବାଚିତ ହୋଇଥିଲେ। ନିର୍ବାଚନ ପରେ ପରାଜିତ ପ୍ରାର୍ଥୀ ଶାନ୍ତିଲତା ମିଶ୍ର ସିଭିଲ ଜଜ୍ (ଜୁନିୟର ଡିଭିଜନ୍), ନିମାପଡ଼ାଙ୍କ ନିକଟରେ ଏକ ନିର୍ବାଚନୀ ମାମଲା କରିଥିଲେ । ସେ ଅଭିଯୋଗ କରିଥିଲେ ଯେ ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ, ୧୯୬୪ର ଧାରା ୧୧(ବି) ଅନୁଯାୟୀ ନିର୍ବାଚିତ ସରପଞ୍ଚ ଓଡ଼ିଆ ପଢ଼ିବା ଓ ଲେଖିବା ନିହାତି ଆବଶ୍ୟକ, କିନ୍ତୁ ଶେଖ ଆବୁତେହେର ଓଡ଼ିଆ ଲେଖି ପଢ଼ି ଜାଣିନାହାନ୍ତି । ଏଥିସହ ଋଣ ଖିଲାପକାରୀ ଭାବେ ମଧ୍ୟ ତାଙ୍କ ନାମରେ ଅଭିଯୋଗ ରହିଛି। ତେଣୁ ଶେଖ ଆବୁତେହେରଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ଦାବି କରାଯାଇଥିଲା । ଯଦିଓ ଋଣ ଖିଲାପ ତାଙ୍କ ବିରୋଧରେ ପ୍ରମାଣ ହୋଇପାରି ନ ଥିଲା, କିନ୍ତୁ ଓଡ଼ିଆ ଲେଖାପଢ଼ାକୁ ନେଇ ମାମଲା ଚାଲିଥିଲା। ଶେଖ ଆବୁତେହେରଙ୍କ ପକ୍ଷରୁ ଓଡ଼ିଆ ଅକ୍ଷର ଲେଖାଯାଇଥିବା ଏକ କାଗଜ, ସ୍କୁଲ ଲିଭିଂ ପ୍ରମାଣପତ୍ର ଆଦି ଅଦାଲତରେ ଦାଖଲ କରାଯାଇଥିଲା । ତେବେ ନିମ୍ନ ଅଦାଲତରେ ତାଙ୍କୁ ଖବରକାଗଜ ଏବଂ 'ଛବିଳ ମଧୁ ବର୍ଣ୍ଣବୋଧ' ପଢ଼ିବାକୁ ଦିଆଯାଇଥିଲା। ଏହା ସହ ଖୋଲା ଅଦାଲତରେ ତାଙ୍କୁ 'ମହାତ୍ମାଗାନ୍ଧୀ ଗ୍ରାମୀଣ ରୋଜଗାର ଯୋଜନାରେ ପଞ୍ଚାୟତକୁ ଏହି ବର୍ଷ କେତେ ଟଙ୍କା ଆସିଛି' ବୋଲି ଏକ ବାକ୍ୟ ଲେଖିବାକୁ କୁହାଯାଇଥିଲା। ସେ ଏହି ବାକ୍ୟଟି ଠିକ୍ ଭାବେ ଲେଖିପାରି ନ ଥିଲେ ଏବଂ ଖବରକାଗଜ ଓ ବର୍ଣ୍ଣବୋଧ ପଢ଼ିବାରେ ମଧ୍ୟ ବିଫଳ ହୋଇଥିଲେ। ନିମ୍ନ ଅଦାଲତ ଏହି କାରଣରୁ ସରପଞ୍ଚଙ୍କ ନିର୍ବାଚନ ଅବୈଧ ବୋଲି ରାୟ ଦେବା ସହ ପୁନଃନିର୍ବାଚନ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟକୁ ଚାଲେଞ୍ଜ୍ କରି ଶେଖ ଆବୁତେହେର ଅତିରିକ୍ତ ଜିଲ୍ଲା ଜଜ୍‌ଙ୍କ ନିକଟରେ ଅପିଲ ଦାୟର କରିଥିଲେ । ଅତିରିକ୍ତ ଜିଲ୍ଲା ଜଜ୍, ସିଭିଲ ଜଜ୍‌ଙ୍କ ଆଦେଶକୁ କାଏମ୍ ରଖିଥିଲେ । ନିମ୍ନ ଅଦାଲତଙ୍କ ରାୟକୁ ଚାଲେଞ୍ଜ୍ କରି ଶେଖ ଆବୁତେହେର ହାଇକୋର୍ଟରେ ରିଟ୍ କରିଥିଲେ । ତାଙ୍କ ଆବେଦନରେ ସେ ଦର୍ଶାଇଥିଲେ ଯେ ଆଇନରେ କୌଣସି 'ସର୍ବନିମ୍ନ ଷ୍ଟାଣ୍ଡାର୍ଡ' ଧାର୍ଯ୍ୟ କରାଯାଇ ନାହିଁ। ଖୋଲା ଅଦାଲତରେ ତାଙ୍କର ପରୀକ୍ଷା ନିଆଯିବା ମଧ୍ୟ ଠିକ ନୁହେଁ। ହାଇକୋର୍ଟ ମାମଲାର ଶୁଣାଣି କରି ସରପଞ୍ଚ ଭଳି ପଦରେ ଥିବା ବ୍ୟକ୍ତି କେବଳ ସ୍ୱାକ୍ଷର ହେବା ପର୍ଯ୍ୟାପ୍ତ ନୁହେଁ ବୋଲି କହିଛନ୍ତି।

## ୟୁନିଟ୍-୬ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂଗଠନର ବାର୍ଷିକ ବନ୍ଧୁମିଳନ

# ଆପଣଙ୍କ ବିଦ୍ୟାଳୟ, ଆପଣମାନେ ଦାୟିତ୍ୱ ନିଅନ୍ତୁ : ପ୍ରଧାନ ଶିକ୍ଷୟିତ୍ରୀ

**ଭୁବନେଶ୍ୱର,୧୧/୧**
**ନ୍ୟୁଜ ବ୍ୟୁରୋ**

ଆମ ବିଦ୍ୟାଳୟ ପ୍ରତି ପୁରାତନ ଛାତ୍ର ସଂଗଠନ ସାହାଯ୍ୟ ସହଯୋଗ ସବୁବେଳେ ରହିଛି। ସେଥିପାଇଁ ଆମେ ଛାତ୍ର ସଂଗଠନ ପାଖରେ କୃତଜ୍ଞ। କେବଳ ପୁରାତନ ଛାତ୍ର ବର୍ଷକୁ ଥରେ ଏକାଠି ନହୋଇ ବିଦ୍ୟାଳୟ ଉନ୍ନତି ପାଇଁ ଯେତେବେଳେ ସମୟ ପାଉଛନ୍ତି, ଏଠାକୁ ଆସନ୍ତୁ । ଆପଣମାନଙ୍କ ବିଦ୍ୟାଳୟ । ବିଦ୍ୟାଳୟ ଦାୟିତ୍ୱ ଆପଣମାନେ ନିଅନ୍ତୁ ବୋଲି ୟୁନିଟ-୬ ଉଚ୍ଚ ସରକାରୀ ବିଦ୍ୟାଳୟଠାରେ ୟୁନିଟ୍-୬ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ଆୟୋଜିତ 'ବାର୍ଷିକ ବନ୍ଧୁ ମିଳିନ' ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ରୂପାଲୀ ସେନାପତି ଆହ୍ୱାନ ଦେଇଛନ୍ତି। ସଂଗଠନ ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ନାରାୟଣ




ଦାସ କହିଛନ୍ତି, ବହୁ ସଂଘର୍ଷ ପରେ ବିଦ୍ୟାଳୟ ଖେଳ ପଡ଼ିଆକୁ ଜବର ଦଖଲକାରୀଙ୍କଠାରୁ ଆଇନଗତ ଭାବେ ଛଡ଼ାଇ ଦିଆଯାଇଛି । ୭ଏକର ୩୪୦ ଡିସିମିଲ୍ ଖୋଲ ପଡ଼ିଆରୁ ୭୦୦ ଏକର ଜମିପଟ୍ଟା କରାଯାଇଛି। ଏହା ସହରାଞ୍ଚଳରେ ପ୍ରଥମ ବିଦ୍ୟାଳୟ ରହିଛି । ଏଥିରେ ପୁରାତନ ଛାତ୍ରମାନଙ୍କ ସମ୍ପୂର୍ଣ୍ଣ ସହଯୋଗ ରହିଛି। ଅବଶିଷ୍ଟ ଜମି ପାଇଁ ଛାତ୍ର ସଂଗଠନର ଲଢ଼େଇ ଜାରି ରହିଛି। ଆମ ଛାତ୍ର ସଂଗଠନ ସହରାଞ୍ଚଳ ବିଦ୍ୟାଳୟର ଏମିତି ଏକ ସଂଗଠନ ପ୍ରତିବର୍ଷ ବିଦ୍ୟାଳୟ ଉନ୍ନତି ପାଇଁ ଗୋଟିଏ ଡାକରାରେ ପୁରାତନ ଛାତ୍ରମାନେ ଏକାଠି ହୋଇପାରୁଛନ୍ତି ।

ସମ୍ମାନିତ ଅତିଥି ପୂର୍ବତନ ପ୍ରଧାନ ଶିକ୍ଷକ ସଦାଶିବ ମିଶ୍ର ଓ ପୂର୍ବତନ ପ୍ରଧାନ ଶିକ୍ଷକ ପବିତ୍ର ମୋହନ ଶତପଥୀ କହିଛନ୍ତି, ସାରା ଭୁବନେଶ୍ୱରରେ ୟୁନିଟ୍-୬ ପୁରାତନ ଛାତ୍ର ସଂଗଠନ ଭଳି ସଂଗଠନ ନାହିଁ। ୨୦୧୪ ମସିହାରୁ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟ ପାଇଁ ଉନ୍ନତିମୂଳକ କାର୍ଯ୍ୟ ଜାରି ରହିଛି। ସେଥିପାଇଁ ଏହି ସଂଗଠନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ର ଏକାଠି ହୋଇ ସ୍କୁଲ ଦିନର ସ୍ମୃତିକୁ ବଖାଣିବା ସହିତ ସୁଖଦୁଃଖ ବାଣ୍ଟିଥିଲେ । ସଂଗଠନ ମ୍ୟାନେଜିଂ ଟ୍ରଷ୍ଟି ଦୁର୍ଗା ପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ । ସମ୍ପାଦକ ମାନସ ରାୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ମହାପାତ୍ର ଓ ଶିକ୍ଷୟିତ୍ରୀ ଉଷାଲତା କରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲା

# ରକ୍ତରେ ରାଷ୍ଟ୍ରପତିଙ୍କୁ ଚିଠି ଲେଖିଲେ ଦୁଇ ଭଉଣୀ



**ନୂଆଦିଲ୍ଲୀ ୧୧/୦୧**

ଉତ୍ତରାଖଣ୍ଡରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି । ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲାକୁ ନେଇ ଦୁଇ ଭଉଣୀ ନିଜ ରକ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଚିଠି ଲେଖିଛନ୍ତି। କାଶୀପୁର ଏସଡିଏମ୍‌ଙ୍କ ଜରିଆରେ ଚିଠିକୁ ରାଷ୍ଟ୍ରପତିଙ୍କ ପାଖକୁ ପଠାଇଛନ୍ତି। ଚିଠି ଜରିଆରେ ଉଭୟ ପ୍ରଶ୍ନ କରିଛନ୍ତି, ଯେଉଁଠି ଜଣେ ଝିଅକୁ ନ୍ୟାୟ ମିଳୁନି, ଦେଶର ଅନ୍ୟ ଝିଅ କେମିତି ସୁରକ୍ଷିତ ମନେକରିବେ? ରକ୍ତରେ ଚିଠି ଲେଖିଥିବା ବଡ଼ ଭଉଣୀଙ୍କ ନାଁ କୁସୁମ ଲତା ବୌଡାଇ। ସେ କୃଷକ ମଞ୍ଚର ପ୍ରଦେଶ ପ୍ରବକ୍ତା ଏବଂ ପାହାଡ଼ୀ ଫାଉଣ୍ଡେସନର ଅଧ୍ୟକ୍ଷା । ଛୋଟ ଭଉଣୀ ସଞ୍ଜନା କାଶୀପୁର ସ୍ଥିତ ତାରାବତୀ ବାଳିକା ବିଦ୍ୟା ମନ୍ଦିରର ୧୦ମ ଶ୍ରେଣୀ ଛାତ୍ରୀ । ଉଭୟ ସଲ୍ଟ ବିଧାନସଭା, ଜନପଦ ଅଲ୍ମୋରାର ବାସିନ୍ଦା। ଅଙ୍କିତାଙ୍କୁ ନ୍ୟାୟ ମିଳିବାର ସମସ୍ତ ସାମ୍ବିଧାନିକ ପ୍ରଚେଷ୍ଟା ବିଫଳ ହେଉଥିବା ଦେଖି ଦୁଇ ଭଉଣୀ ବିରୋଧର ଏଭଳି ଏକ ମାର୍ଗ ଚୟନ କଲେ, ଯାହା ସମଗ୍ର ଅଞ୍ଚଳବାସୀଙ୍କୁ ଚକିତ କରିଛି । ଚିଠିରେ ଉଭୟ ସ୍ପଷ୍ଟ ଶବ୍ଦରେ ଲେଖିଛନ୍ତି, ଏହା କେବଳ ଅଙ୍କିତାଙ୍କ ହତ୍ୟା ମାମଲା ନୁହେଁ, ବରଂ ପୂରା ସମାଜର ଅନ୍ତରାତ୍ମାର ହତ୍ୟା । ଯେତେବେଳେ ପ୍ରମାଣ ନଷ୍ଟ ହେବା କଥା ସାମ୍ନାକୁ ଆସେ ଏବଂ ସାକ୍ଷୀଙ୍କ ଉପରେ ଚାପ ଆଶଙ୍କା ହୁଏ, ଯେତେବେଳେ ପ୍ରଭାବଶାଳୀ ଲୋକଙ୍କୁ ସୁରକ୍ଷା ମିଳିବାର ଅଭିଯୋଗ ହୁଏ, ତଥାପି ନ୍ୟାୟ ମିଳିବାରେ ଲଗାତାର ବିଳମ୍ବ ହେଲେ ଏହି ପ୍ରଶ୍ନ ସ୍ୱାଭାବିକ ଯେ ଆଇନ କ'ଣ ସମସ୍ତଙ୍କ ପାଇଁ ସମାନ? ଦୁଇ ଭଉଣୀ ସ୍ପଷ୍ଟ କହିଛନ୍ତି, ରକ୍ତରେ ଲେଖିଥିବା ଏହି ଚିଠି ସମ୍ବେଦନହୀନ ବ୍ୟବସ୍ଥା ବିରୋଧରେ ଅନ୍ତିମ ଚେତାବନୀ। ଅଙ୍କିତାଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଏହି ସଂଘର୍ଷ ଥମିବ ନାହିଁ। ଏହି ଚିଠି ସୋସିଆଲ ମିଡିଆଠୁ ଆରମ୍ଭ କରି ସାମାଜିକ ସଂଗଠନଗୁଡ଼ିକରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି । ମହିଳା ଅଧିକାର ସମୂହ, ସମାଜ କର୍ମୀ ଓ ସାଧାରଣ ନାଗରିକ ଏହାକୁ ନ୍ୟାୟ ପାଇଁ ଏପର୍ଯ୍ୟନ୍ତ ସବୁଠୁ ହୃଦୟ ବିଦାରକ ପ୍ରତୀକାତ୍ମକ ବିରୋଧ କହିଛନ୍ତି । ସୂଚନାଯୋଗ୍ୟ, ଉତ୍ତରାଖଣ୍ଡର ୧୯ ବର୍ଷୀୟା ଅଙ୍କିତା ଭଣ୍ଡାରୀ ଋଷିକେଶ ନିକଟରେ ଏକ ରିସର୍ଟରେ କାମ କରୁଥିଲେ । ସେପ୍ଟେମ୍ବର ୨୦୨୨ରେ ସେ ହଠାତ୍ ନିଖୋଜ ହୋଇଗଲେ । କିଛି ଦିନ ପରେ ତାଙ୍କ ଶବ ଚୀଲା ନାଳରୁ ମିଳିଥିଲା।

# ବିରଳ ମୃତ୍ତିକା କ୍ଷେତ୍ରରେ ସାରା ଦେଶର ହବ୍ ସାଜିବ ଓଡ଼ିଶା



**ଭୁବନେଶ୍ୱର, ୧୧।୧**
**ନ୍ୟୁଜ ବ୍ୟୁରୋ**

ବିକଶିତ ଭାରତ ଗଠନରେ ଓଡ଼ିଶା ହେବ ଗ୍ରୋଥ୍ ଇଞ୍ଜିନ। ବିରଳ ମୃତ୍ତିକା ଉତ୍ପାଦନ କ୍ଷେତ୍ରରେ ଦେଶର ହବ୍ ପାଲଟିବ ଓଡ଼ିଶା। ଇଲୁମିନାଇଟ, ମୋନୋ ଜାଇଟ, ରୁଟାଇଲ, ଜିରକମ, ସିଲୁମୁନେଟ, ଗାରନେଟ ଭଳି ବିରଳ ମୃତ୍ତିକା ଉତ୍ପାଦନରେ ଦେଶର ଅଗ୍ରଣୀ ରାଜ୍ୟ ହେବ ଓଡ଼ିଶା। ଓଡ଼ିଶାର ସମୁଦ୍ର କୂଳେ କୂଳେ ବାଲିରୁ ବାହାରୁଥିବା ମୂଲ୍ୟବାନ ଧାତୁ ଦେଶର ଟାଇଟାନିୟମ ପ୍ରସ୍ତୁତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି। ଏହାକୁ ଆଧାର କରି ଓଡ଼ିଶାରେ ଟାଇଟାନିୟମ ପ୍ରୋସେସିଙ୍ଗରେ ୨୦ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହୋଇଛି। ଟାଇଟାନିୟମ ଉତ୍ପାଦନ ଅଧିକ ହେଲେ ଓଡ଼ିଶା ଏରୋସ୍ପେସ, ମେଡ଼ିକାଲ ଉପକରଣ, କେମିକାଲ, ଅଟୋମୋବାଇଲ, ପ୍ରତିରକ୍ଷା ଶିଳ୍ପକୁ ବଳ ମିଳିବ। ୨୦୨୯ ସୁଦ୍ଧା ୧ ମିଲିୟନ ଟନ୍ ଇଲୁମିନାଇଟ ଉତ୍ପାଦନ କରାଯିବ । ଏବେ ଭାରତ ବାର୍ଷିକ ୫ ଲକ୍ଷ ଟନ୍ ଟିଟାନିମୟ ପିଗମେଣ୍ଟ ଆମଦାନି କରୁଛି। କାଜକିସ୍ଥାନର ଏକ କମ୍ପାନି ସହ ମିଶି ଟିଟାନିୟମ ସ୍ଲଗ ଉତ୍ପାଦନ ପାଇଁ ଓଡ଼ିଶାର ଛତ୍ରପୁରରେ ଜାଗା ଚିହ୍ନଟ ହୋଇଛି। ଖୁବ୍ ଶିଘ୍ର ପ୍ଲାଣ୍ଟ କାମ ଆଗେଇବ। ଆସନ୍ତା ୨ବର୍ଷ ମଧ୍ୟରେ ଛତ୍ରପୁରରୁ ଟିଟାନିୟମ ପିଗମେଣ୍ଟ ଓ ଟିଟାନିୟମ ସ୍ପଞ୍ଜ ଉତ୍ପାଦନ ହେବ। ପୁରୀ ଜିଲ୍ଲା ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ଆଇଆରଇଏଲର ଖଣି କାର୍ଯ୍ୟକ୍ଷମ ହେବ। ୨୦୨୯-୩୦ ସୁଦ୍ଧା ୨୬୦୦ ମେଟ୍ରିକ ଟନ୍ ଏନଡିପିଆର ଅକସାଇଟ ଉତ୍ପାଦନ ଲକ୍ଷ୍ୟ ରଖିଛି ଇଣ୍ଡିଆନ ରେଆର ଆର୍ଥ ଲିମିଟେଡ। ଇଣ୍ଡିଆନ ରେୟାର ଆର୍ଥ କମ୍ପାନୀ ଏ ଦିଗରେ ଜୋରଦାର କାମ କରୁଛି, ନୂଆ ଖଣି ହାତକୁ ନେଇଛି ବୋଲି ଆଇଆରଇଏଲ୍ ସିଏମ୍‌ଡ଼ି ସାରଦା ଭୂଷଣ ମହାନ୍ତି କହିଛନ୍ତି। ଭାରତ ସରକାରଙ୍କ ଆଣବିକ ଶକ୍ତି ମନ୍ତ୍ରଣାଳୟ ଅଧିନରେ ଥିବା ଇଣ୍ଡିଆନ ରେୟାର ଆର୍ଥ ଗଞ୍ଜାମର ଛତ୍ରପୁରରେ କାରଖାନା କରି ଉପକୂଳ ବାଲିରୁ ବିଭିନ୍ନ ପ୍ରକାର ଧାତୁ ବାହାର କରିବା କାମରେ ଲାଗିଛି। ପୁରୀର ବ୍ରହ୍ମଗିରିରେ ଆଉ ଏକ ଖଣି ହାତକୁ ନେଇଛି ଆଇଆରଇଏଲ୍। ଏବେ ଚାଇନାରୁ ପ୍ରାୟ ବର୍ଷକୁ ୫ଲକ୍ଷ ଟନ୍ ଟାଇଟାନିୟମ ଆମଦାନୀ ହେଉଥିବାରୁ ଏ କ୍ଷେତ୍ରରେ ଭାରତ ଆତ୍ମନିର୍ଭର ହେବାର ଅନେକ ସୁଯୋଗ ରହିଛି। ଏଥିରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ଆଇଆରଇଏଲ୍ ସିଏମ୍‌ଡ଼ି କହିଛନ୍ତି। ବିକଶିତ ଭାରତ ୨୦୪୭ ଏବଂ ବିକଶିତ ଓଡ଼ିଶା ୨୦୩୬ ପାଇଁ ଓଡ଼ିଶାର ୫୭୦ କିଲୋମିଟରର ବିସ୍ତୀର୍ଣ୍ଣ ବେଳାଭୂମିର ବାଲିରେ ଥିବା ଅନେକ ମୂଲ୍ୟବାନ ଧାତୁ ଖୁବ୍ ସହାୟକ ହେବ ବୋଲି ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି। ଟାଇଟାନିୟମ ସ୍ଲଗ, ପିଗମେଣ୍ଟ, ସ୍ପଞ୍ଜ ଉତ୍ପାଦନ ପାଇଁ ଓଡ଼ିଶା ପ୍ରସ୍ତୁତ ହେଉଛି। ଆଗାମୀ ୧୦ ବର୍ଷରେ ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ ହେବାରେ ଓଡ଼ିଶାର ରେୟାର ଆର୍ଥ ସେକ୍ଟରର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ଆଶା କରାଯାଉଛି।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଏନ୍‌ଇପି ଢାଞ୍ଚାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହି : ତୃତୀୟରୁ ପଢ଼ା ହେବ ଯୋଗ, କଳା

**ଭୁବନେଶ୍ୱର ୧୧/୦୧**
**ନ୍ୟୁଜ ବ୍ୟୁରୋ**

ଜାତୀୟ ଶିକ୍ଷା ନୀତି ୨୦୨୦କୁ ଆଧାର କରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଠ୍ୟପୁସ୍ତକ ଢାଞ୍ଚା ପରିବର୍ତ୍ତନ ହୋଇଛି । ବହିର ନାଁ ବଦଳିଛି । ବିଷୟବସ୍ତୁ ମଧ୍ୟ ପରିବର୍ତ୍ତନ କରାଯାଇଛି । ଏଥିସହ ଆଉ କିଛି ନୂଆ ପାଠ୍ୟକ୍ରମ ସାମିଲ କରାଯାଇଛି। ତୃତୀୟ ଶ୍ରେଣୀରୁ କଳା ଶିକ୍ଷା ସହ ଶାରୀରିକ ଶିକ୍ଷା ପଢ଼ାଯିବ। ଏଥିପାଇଁ ଖେଳ ଓ ଯୋଗ ବହି ପ୍ରସ୍ତୁତ ହୋଇଛି। ସେହିପରି ଷଷ୍ଠ ଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷାକୁ ସାମିଲ କରାଯାଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ମୋଟ ୫୫ଟି ପାଠ୍ୟପୁସ୍ତକକୁ ବିକଶିତ କରାଯାଇଛି। ନୂଆ ପାଠ୍ୟପୁସ୍ତକ ଆସନ୍ତା ଶିକ୍ଷାବର୍ଷ ଅର୍ଥାତ୍ ୨୦୨୬-୨୭ରୁ ପଢ଼ାଯିବ । ଏଥିପାଇଁ ବହି ଛପା କାର୍ଯ୍ୟ ଆରମ୍ଭ ହୋଇଛି। ଅନ୍ୟପଟେ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ପ୍ରସ୍ତୁତ ହୋଇଥିବା ପାଠ୍ୟପୁସ୍ତକର ତାଲିକା ମଧ୍ୟ ସ୍କୁଲମାନଙ୍କୁ ପଠା ଯାଇଛି। ଓଡ଼ିଶା ପାଠ୍ୟକ୍ରମ ଢାଞ୍ଚା(ଓସିଏଫ୍) ଏସ୍‌ଇ ୨୦୨୫ ଅନୁଯାୟୀ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ବହିର ବିକାଶ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ଶ୍ରେଣୀର ଦୁଇଟି ପୁସ୍ତକ ପିଲା ପଢ଼ିବେ । ଯେଉଁଥିରେ ଓଡ଼ିଆ ପୁସ୍ତକର ନାଁ ଝୁଲଣା-୧ ଥିବା ବେଳେ ଗଣିତ ଶିକ୍ଷା ପାଇଁ ଗଣିତ ଖେଳ ପୁସ୍ତକ ପ୍ରସ୍ତୁତ କରାଯାଇଛି। ସେହିପରି ଦ୍ୱିତୀୟ ଶ୍ରେଣୀ ପାଇଁ ଝୁଲଣା-୨, ମଜା ମଜାରେ ଗଣିତ ବହି ପ୍ରସ୍ତୁତ ହୋଇଛି। ତୃତୀୟ ଶ୍ରେଣୀର ପିଲାମାନେ ୬ଟି ବହି ପଢ଼ିବେ । ଯେଉଁଥିରେ ଭାଷା ମହକ-୧ (ଓଡ଼ିଆ), ପଲ୍ଲବୀ(ଇଂରାଜୀ), ଗଣିତ ମେଳା, ଆମ ବିଚିତ୍ର ବିଶ୍ୱ(ପରିବେଶ ବିଜ୍ଞାନ), ଇନ୍ଦ୍ରଧନୁ (କଳା ଶିକ୍ଷା), ଖେଳ ଓ ଯୋଗ (ଶାରୀରିକ) ପାଠ୍ୟପୁସ୍ତକରେ ପଢ଼ା ହେବ । ସେହିପରି ଚତୁର୍ଥ ଶ୍ରେଣୀର ପିଲାଙ୍କୁ ଭାଷା ମହକ-୨(ଓଡ଼ିଆ), ପଲ୍ଲବୀ(ଇଂରାଜୀ), ଗଣିତ ମେଳା, ଆମ ବିଚିତ୍ର ବିଶ୍ୱ(ପରିବେଶ ବିଜ୍ଞାନ), ଇନ୍ଦ୍ରଧନୁ (କଳା), ଖେଳ ଓ ଯୋଗ(ଶାରୀରିକ) ପାଠ୍ୟପୁସ୍ତକରେ ପଢ଼ା ହେବ । ପଞ୍ଚମ ଶ୍ରେଣୀ ପିଲାଙ୍କ ଭାଷା ମହକ୩(ଓଡ଼ିଆ), ପଲ୍ଲବୀ(ଇଂରାଜୀ), ଗଣିତ ମେଳା, ଆମ ବିଚିତ୍ର ବିଶ୍ୱ(ପରିବେଶ ବିଜ୍ଞାନ), ନବରସ(କଳା), ଖେଳ ଓ ଯୋଗ (ଶାରୀରିକ) ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି ।

ସେହିପରି ଉଚ୍ଚ ପ୍ରାଥମିକ ଶ୍ରେଣୀରୁ ଅର୍ଥାତ୍ ଷଷ୍ଠରୁ ଅଷ୍ଟମ ଯାଏ ସମସ୍ତ ଶ୍ରେଣୀରେ ୧୧ ଖଣ୍ଡ ଲେଖାଏଁ ବହି ବିକାଶ ହୋଇଛି । ଯେଉଁଥିରେ ଧନ୍ଦାମୂଳକ, ଶାରୀରିକ, କଳା ଶିକ୍ଷା ସାମିଲ ହୋଇଛି । ଷଷ୍ଠରେ ସାହିତ୍ୟ ସୁଧା(ଓଡ଼ିଆ), ଜସ୍ମିନ୍(ଇଂରାଜୀ), ହିନ୍ଦୀ କଳିକା(ହିନ୍ଦୀ), ସଂସ୍କୃତ କଳିକା ଭାଗ୧(ସଂସ୍କୃତ), ତଲାସ (ଉର୍ଦ୍ଦୁ), ଗଣିତ ପ୍ରକାଶ, ଜିଜ୍ଞାସା (ବିଜ୍ଞାନ), ସାମାଜିକ ବିଜ୍ଞାନ ଅଧ୍ୟୟନ: ଭାରତ ଓ ଆମ ପୃଥିବୀ, କୌଶଳ ବୋଧ (ଧନ୍ଦାମୂଳକ ଶିକ୍ଷା), କଳା କୁଞ୍ଜ (କଳା), ଖେଳ ଶିକ୍ଷା (ଶାରୀରିକ) ପାଠ୍ୟପୁସ୍ତକରେ ପଢ଼ା ହେବ । ସେହିପରି ସପ୍ତମ ଶ୍ରେଣୀରେ ସାହିତ୍ୟ ପୁସ୍ତକର ନାଁ ସାହିତ୍ୟ ସୁମନ୍, କଳା ଶିକ୍ଷା ପୁସ୍ତକର ନାଁ କଳାକୃତି ରଖାଯାଇଛି । ଅଷ୍ଟମ ଶ୍ରେଣୀରେ ସାହିତ୍ୟ ପୁସ୍ତକର ନାଁ ସାହିତ୍ୟ ସୁରଭି ଓ କଳା ଶିକ୍ଷାର ନାଁ କୃତି ରଖାଯାଇଛି। ବାକି ୯ଟି ପୁସ୍ତକ ନାମ ଷଷ୍ଠ ଶ୍ରେଣୀର ପୁସ୍ତକ ନାମ ସହ ସମାନ ରହିଛି । ସୂଚନାଯୋଗ୍ୟ, ନୂଆ ବହି ଢାଞ୍ଚାରେ ପିଲାଙ୍କୁ ଶିକ୍ଷା ଦାନ ପାଇଁ ଶିକ୍ଷକଙ୍କୁ ୫ ଦିନିଆ ତାଲିମ ଦିଆଯିବ । ଏଥିରେ ୮୫ ହଜାର ୪୬ ଜଣ ପ୍ରାଥମିକ ଶିକ୍ଷକ ଓ ୮୧ ହଜାର ୯୪୮ ଜଣ ଉଚ୍ଚ ପ୍ରାଥମିକ ଶିକ୍ଷକ ତାଲିମ ନେବେ। ମୋଟ ୧ ଲକ୍ଷ ୬୬ ହଜାର ୯୬୪ ଶିକ୍ଷକ ତାଲିମ ନେବେ। ଟିଇ ଆଣ୍ଡ୍ ଏସ୍‌ସିଇଆରଟି ପକ୍ଷରୁ ଶିକ୍ଷକ ଟ୍ରେନିଂ ମଡ୍ୟୁଲ୍ ବିକଶିତ ହୋଇଛି । ବିଭିନ୍ନ ଜୋନରେ ଟିଇ ଓ ଏସ୍‌ସିଇଆରଟି ପକ୍ଷରୁ ଜିଲ୍ଲାର ମାଷ୍ଟରଟ୍ରେନରଙ୍କୁ ପ୍ରଶିକ୍ଷଣ ଦିଆଯିବ।

# ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳ ନୃତ୍ୟକୁ ପ୍ରଶ୍ରୟ ଦିଆଯିବନି : ବାବୁ ସିଂ



**ଭୁବନେଶ୍ୱର,୧୧।୧ ନ୍ୟୁଜ ବ୍ୟୁରୋ**

ଖଣ୍ଡଗିରି ମେଳା ଯାତ୍ରା ପେଣ୍ଡାଲରେ କୌଣସି ପରିସ୍ଥିତିରେ ଅଶ୍ଳୀଳ ନୃତ୍ୟକୁ ପ୍ରଶ୍ରୟ ଦିଆଯିବନି । ଖଣ୍ଡଗିରି ମେଳାରେ ଅଶ୍ଳୀଳତାକୁ ପ୍ରଶ୍ରୟ ନ ଦେବା ପାଇଁ ଆମେ ସମସ୍ତେ ଦୃଢ଼ ପରିକର। ଖଣ୍ଡଗିରି ମେଳା ଆମର ଅସ୍ମିତାର ବିଷୟ, ଭାବାବେଗର ପ୍ରସଙ୍ଗ, ଆମ ସଂସ୍କାରର କଥା ବୋଲି ବିଧାୟକ ବାବୁ ସିଂ କହିଛନ୍ତି। ଗତ ଥର ଅଶ୍ଳୀଳ ନୃତ୍ୟ ଠାରୁ ନିବୃତ ରହିଥିଲୁ, ଚଳିତ ଥର ମଧ୍ୟ ନିବୃତ ରହିବେ ବୋଲି ମୋର ବିଶ୍ୱାସ ରହିଛି। ମଣ୍ଡପ, ଯାତ୍ରା କମିଟି କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଛି। କୌଣସି ପ୍ରକାର ଅଶ୍ଳୀଳ ନୃତ୍ୟକୁ ପ୍ରଶ୍ରୟ ଦିଆଯିବନି ବୋଲି ସେମାନେ ମଧ୍ୟ ନିଷ୍ପତ୍ତି ନେଇସାରିଛନ୍ତି। ଏହାକୁ ସମସ୍ତେ ମାନିବା ଦରକାର। ଖଣ୍ଡଗିରି ମେଳା ଏକ ଆଧାତ୍ମିକ ମେଳା । ମୁନିଋଷିମାନେ ଏଠାରେ ତପସ୍ୟା କରି ଆଧାତ୍ମିକତା ଲାଭ କରୁଥିଲେ । ଏହି କଥାକୁ ଆଧାର କରି ପ୍ରତିବର୍ଷ ମାଘ ସପ୍ତମୀ ଠାରୁ ମେଳା ହୋଇଥାଏ। ସମାଜକୁ ଆଗକୁ ନେବା ପାଇଁ ଏହି ମେଳା ବହୁତ ଆବଶ୍ୟକ ବୋଲି ବିଧାୟକ ଶ୍ରୀ ସିଂହ କହିଛନ୍ତି।